# ନନ୍ଦଲାଲ ବୋଷ
# ଓ ଶାନ୍ତିନିକେତନ



ଦୁର୍ଗାପ୍ରସାଦ ଦାସ


# ନନ୍ଦଲାଲ ବୋଷ
# ଓ ଶାନ୍ତିନିକେତନ

ଦୁର୍ଗାପ୍ରସାଦ ଦାସ

ipca
It's Easy to Love Art



**ଶ୍ରୀ ନନ୍ଦଲାଲ ବୋଷ**
(୧୮୮୨-୧୯୬୬)




"ଶ୍ରୀ ଦୁର୍ଗାପ୍ରସାଦ ଦାସକେ ଆମାର ଆଶୀର୍ବାଦ"

ନନ୍ଦଲାଲ ବୋଷ
ଶାନ୍ତିନିକେତନ

ନନ୍ଦଲାଲ ବୋଷ ଓ ଶାନ୍ତିନିକେତନ

ଲେଖକ
ଦୁର୍ଗାପ୍ରସାଦ ଦାସ
ଏଚ୍‌-୧/୧, ପଞ୍ଚସଖା ନଗର, ଭୁବନେଶ୍ୱର ୭୫୧୦୧୯

ପ୍ରକାଶକ
ଇଲା ପଣ୍ଡା ସେଣ୍ଟର ଫର୍ ଆର୍ଟସ୍‌
ପୋଷ୍ଟ ବକ୍ସ: ୨୫, ଜି.ପି.ଓ., ଭୁବନେଶ୍ୱର ୭୫୧୦୦୧

ଡ଼ିଜାଇନ୍‌
ଜ୍ୟୋତି ରଞ୍ଜନ ସ୍ୱାଇଁ

ମୁଦ୍ରଣ
କେତକୀ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ଼, ଭୁବନେଶ୍ୱର
ୟୁନିଟ୍: ଥାର୍ଡ଼ଆଇ କମ୍ୟୁନିକେସନ୍‌ସ୍

Nandalal Bose O Santiniketan

First Published 2021
ISBN: 9-788195-257805

Author
Durgaprasad Das
H-1/1, Panchasakha Nagar, Bhubaneswar

Publisher
ILA PANDA CENTRE FOR ARTS
A/180, ‘Kanchan’, Sahid Nagar
Bhubaneswar 751007, Odisha, India
ilapandacentreforarts@gmail.com

Design
Jyoti Ranjan Swain

Print & Production
Ketaki Enterprises Pvt. Ltd., Bhubaneswar
Unit: Third Eye Communications
www.thirdeyeco.in


*ପ୍ରଛଦ*
*ବୋଇତ ବନ୍ଦାଣ, ୧୯୭୫,*
*ନେପାଳୀ କାଗଜରେ ଟେମ୍ପରା*
*ପଟ୍ଟଚିତ୍ର ୭୧ x ୪୪ ସେ.ମି.*
*ଦୁର୍ଗାପ୍ରସାଦ ଦାସ*

*Cover*
*Boita Bandan, 1975,*
*Tempera on Nepali*
*Paper, 71 x 44cm*
*Durga Prasad Das*

# ପୂର୍ବାଭାସ

୧୯୫୩ରୁ ୧୯୬୪ ଯାଏ ମୁଁ ଶାନ୍ତିନିକେତନରେ ଥିଲି। ଶାନ୍ତିନିକେତନ ଖାଲି ମୋ ଜୀବିକା ନୁହେଁ, ଜୀବନର ମଧ୍ୟ ଅଙ୍ଗ ହୋଇ ଯାଇଥିଲା। ଶାନ୍ତିନିକେତନର ଗୀତ,

"ଆମରା ଯେଥାୟ ମରି ଘୂରେ
ସେ ଯେ ଯାୟନା କରୁ ଦୂରେ,
ମନେର ସଙ୍ଗେ ପ୍ରାନେର ସେତାର
ବାଁଧା ଯେ ତାର ସୁରେ।"

ଶାନ୍ତିନିକେତନର ମଣିଷ, ଗଛଲତା, ଫୁଲଫଳ, ପଶୁପକ୍ଷୀ ଓ ପାଠର ପରିବେଶ ଭିତରେ ଥିବା ଘନିଷ୍ଠ ବନ୍ଧନର ପରିଚୟ ପତ୍ର।

ପ୍ରତିବର୍ଷ ଛାତ୍ରମାନେ ଶାନ୍ତିନିକେତନର ପଢାସାରି ଯାଆନ୍ତି। କିନ୍ତୁ ଶାନ୍ତିନିକେତନର ଅନୁଭବ ସେମାନଙ୍କୁ ଏକାଠି ବାନ୍ଧି ରଖେ। କଳାଭବନରୁ ବାହାରିଥିବା ଛାତ୍ରମାନଙ୍କ ଭିତରେ ଦୁର୍ଗା ଜଣେ। ଆମ ଘର କଳା, ସଙ୍ଗୀତ, ଶିକ୍ଷା ଓ ବିଦ୍ୟାଭବନର ପିଲାଙ୍କ ପାଇଁ ଖୋଲା। ସମସ୍ତଙ୍କ ସାଙ୍ଗରେ ଦୁର୍ଗା ଆସି ହସ ଖୁସିରେ ଭାଗ ନିଅନ୍ତି।

ମୁଁ ପ୍ରଥମେ ଯାଇ ଉତ୍ତରାୟଣରେ ରଥିବାବୁ ଏବଂ ପ୍ରତିମା ଦେବୀଙ୍କ ଭଡ଼ାଟିଆ ହୋଇ ରହିଲି। ରବୀନ୍ଦ୍ରନାଥ ଜୀବନର ଦୀର୍ଘ ସମୟ କଟେଇଥିବା ଘର 'ପୁନଶ୍ଚ' ଓ ପଛକୁ ଲାଗିଥିବା 'ଉତ୍ତରା'ରେ ବେଶ କିଛିଦିନ କଟିଲା। ତାକୁ ଛାଡି ବିଭିନ୍ନ ପଲ୍ଲୀରେ ରହିବା ଭିତରେ କଳାଭବନର ପ୍ରତିଷ୍ଠାତା ନନ୍ଦଲାଲ ବସୁଙ୍କ ଘରର ତଳ ମହଲାରେ କିଛି କାଳ ବିତେଇଥିଲି।

କଳାଭବନ ସାଙ୍ଗରେ ସମ୍ବନ୍ଧ ଘନିଷ୍ଠରୁ ଘନିଷ୍ଠତର ହେବାର କାରଣ ନନ୍ଦଲାଲ ବସୁ, ବିଶ୍ୱରୂପ ବସୁ, ଧୀରେନ ଦେବ ବର୍ମନ, ରାଧାଚରଣ ବାଗଚି, ପ୍ରଶାନ୍ତ ରାୟ, ରାମ ଶଙ୍କର ବେଜ୍ ପରି ବିଶିଷ୍ଟ କଳାକାରମାନଙ୍କ ସହିତ ବନ୍ଧୁତା। ଦ୍ୱିତୀୟ କାରଣ ହେଉଛି ପ୍ରଫେସର ସତ୍ୟେନ୍ ବୋଷ୍ କୁଳପତି ହୋଇ ଆସି କଳାଭବନ ତଦନ୍ତ ଦାୟିତ୍ୱ ମତେ ଦେବା। ପ୍ରାୟ

ଛ' ମାସ ଏହି କାର୍ଯ୍ୟ କରିବା ପରେ କଳାଭବନର ମାଷ୍ଟ୍ର, ଛାତ୍ର ଓ ଅନ୍ୟ କର୍ମଚାରୀଙ୍କ ବ୍ୟତୀତ ସେଠି ଥିବା ବହି, କାଗଜପତ୍ର, ଛବି, ମୂର୍ତ୍ତି ସାଙ୍ଗରେ ସମ୍ବନ୍ଧ ଘନିଷ୍ଠ ହେବା।

ଆକୃତି, ଚଳଣି, ଏବଂ ରଙ୍ଗ କେବଳ କଳାଭବନ ନୁହେଁ, ରବୀନ୍ଦ୍ର ଶିକ୍ଷାନୀତିର ମୂଳ କଥା। ଶିଳ୍ପୀ ଆପଣା ନକ୍‌ସା ବହିଧରି ଆମ୍ରକୁଞ୍ଜ, ବକୁଳ ବୀଥି କିମ୍ବା ଦିଗନ୍ତ ବିସ୍ତାରୀ ଖୋଆଇ(ନାଲିମାଟିର ଅତଡ଼ା)ରେ ବସି ପ୍ରାଥମିକ ଚିତ୍ରର ଖସଡା ତିଆରି କରୁଥିବା ବେଳେ ଅନ୍ୟ ଏକ ଦିଗନ୍ତରେ ହଜିଯାଏ।

ସେହି କଳାଭବନର ପ୍ରତିଷ୍ଠାତା ଅଧ୍ୟକ୍ଷ ଥିଲେ ନନ୍ଦଲାଲ ବୋଷ୍। ତାଙ୍କୁ 'ରେଖା ଗୁରୁ' କୁହାଯାଇଥାଏ। ତାଙ୍କ ମତରେ 'କଳା' 'ଫଟୋଗ୍ରାଫି' ନୁହେଁ। କ୍ୟାମେରା ବାସ୍ତବତାର ଯେତେ ଯଥାର୍ଥ ଛବି ଧରି ପାରିଲେ ବି ଶିଳ୍ପୀର ନକ୍ସା ହୋଇପାରିବ ନାହିଁ। ସେ ଗୋଟିଏ ଉଦାହରଣ ଦେଇ ଏକଥା ଆଉ ଟିକିଏ ଖୋଲାସା କରି ଦେଇଛନ୍ତି। ସିଂହର ଅବୟବର ମାପଚୁପକୁ ଧରି ଯଥାର୍ଥ ଚିତ୍ର ଅଙ୍କା ଯାଇପାରେ। କିନ୍ତୁ ତହିଁରେ ସିଂହତ୍ୱ ନଥାଇ ପାରେ। ହାତ, ଗୋଡ, ମୁଣ୍ଡ ମାପଚୁପର ବାହାରେ ଥାଇ ମଧ୍ୟ ସିଂହର ଚିତ୍ରଣରେ ସିଂହତ୍ୱ ଫୁଟି ଉଠିପାରେ। ଏଇଠି ଶିଳ୍ପୀର ଆପଣାପଣ।

ନନ୍ଦଲାଲ ଭାରତୀୟ ଶିଳ୍ପୀଙ୍କର ଗୁରୁ। ସେହି ଗୁରୁଙ୍କର ଆଶୀର୍ବାଦ ଲାଭ କରି ଦୁର୍ଗା ଯେଉଁ ସଫଳତା ଲାଭ କରିଛନ୍ତି, ତହିଁରୁ ଅଳ୍ପ କିଛି ଏ ବହିରେ ଅଛି। ଏହାକୁ ପଢ଼ି ସାଧାରଣ ପାଠକ ଉପଭୋଗ କଲେ ଏବଂ ଅନ୍ୟ ଶିଳ୍ପୀ ଉପକୃତ ହେଲେ ତାଙ୍କର ଶ୍ରମ ସାର୍ଥକ ହେବ।

**ପଦ୍ମଶ୍ରୀ ଡ଼କ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**
ଭାଷାବିତ୍

## କୃତଜ୍ଞତା

ଭାରତୀୟ କଳା ଜଗତର ମଉଡମଣି, ମହାନ ଶିଳ୍ପୀ ଓ ଶିକ୍ଷକ ନନ୍ଦଲାଲ ବୋଷଙ୍କର କଳାକୃତି, ଜୀବନଦର୍ଶନ ତଥା ତାଙ୍କ ମହାନୁଭବତା ସମ୍ପର୍କରେ କେତୋଟି ଅଭୁଲା ସ୍ମୃତିକୁ ଆଧାର କରି ଏହି ସଂକ୍ଷିପ୍ତ ଜୀବନୀ ପୁସ୍ତକଟିକୁ ରଚନା କରିବାର ପ୍ରୟାସ କରିଅଛି । ଏହା ଶାନ୍ତିନିକେତନର ତତ୍‌କାଳୀନ ଆତ୍ମା ଓ ଇତିହାସର ପ୍ରତିବିମ୍ବ ।

ଏହି ପୁସ୍ତକର ପ୍ରକାଶ ପାଇଁ ମୋର ବହୁ ଶୁଭେଚ୍ଛୁ ଓ ଶିଳ୍ପୀବନ୍ଧୁ ଅନେକବାର ଉତ୍ସାହିତ କରି ଅଛନ୍ତି ।

ବିଖ୍ୟାତ ଲିପି ଓ ଭାଷାବିତ୍, ପଦ୍ମଶ୍ରୀ ଡ଼କ୍ଟର୍ ଦେବୀପ୍ରସନ୍ନ ପଟ୍ଟନାୟକ ତତ୍‌କାଳୀନ ଶାନ୍ତିନିକେତନ ଓଡିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଥିଲେ । ଗୁଣଗ୍ରାହୀ ସମ୍ମାନୀୟ ଡକ୍ଟର ପଟ୍ଟନାୟକ ମୋର ଏହି ପୁସ୍ତକଟିର ମୁଖବନ୍ଧ ସଦୟତାର ସହ ଲେଖିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

**ଦୁର୍ଗାପ୍ରସାଦ ଦାସ**

# ସୂଚୀପତ୍ର


| | | |
|---|---|---|
| ୧ | ସ୍ମୃତିର ଭଣ୍ଡାର ଶାନ୍ତିନିକେତନ | ୧-୬ |
| ୨ | ଶାନ୍ତିନିକେତନର କଳା ଶିକ୍ଷାଦାନ | ୭-୧୨ |
| ୩ | ନନ୍ଦଲାଲ ବୋଷଙ୍କ ସଂକ୍ଷିପ୍ତ ଜୀବନୀ | ୧୩-୧୯ |
| ୪ | ଶାନ୍ତିନିକେତନ ଯାତ୍ରା ଓ ନନ୍ଦଲାଲ ବୋଷ | ୨୦-୨୩ |
| ୫ | ଶାନ୍ତିନିକେତନ ପରିବେଶ, ପରମ୍ପରା ଓ ନନ୍ଦଲାଲ ବୋଷ | ୨୪-୨୮ |
| ୬ | ପ୍ରକୃତିର ସୌନ୍ଦର୍ଯ୍ୟ ଓ ନନ୍ଦଲାଲଙ୍କ ଦୃଷ୍ଟିକୋଣ | ୨୯-୩୧ |
| ୭ | ନେହେରୁ ଓ ନନ୍ଦଲାଲଙ୍କ ଭେଟ | ୩୨-୩୪ |
| ୮ | ନନ୍ଦଲାଲଙ୍କ ମାନବୀୟ ଧର୍ମ | ୩୫-୩୬ |
| ୯ | ପୋଥିଚିତ୍ର ଓ ନନ୍ଦଲାଲ | ୩୭-୩୯ |
| ୧୦ | ନନ୍ଦଲାଲଙ୍କ ସ୍କେଚ୍: ଏକ ଆଶୀର୍ବାଦ | ୪୦-୪୧ |
| ୧୧ | ନନ୍ଦଲାଲଙ୍କ ଉପଦେଶ | ୪୨-୪୩ |
| ୧୨ | ନନ୍ଦଲାଲଙ୍କ ଦୃଷ୍ଟିରେ ଓଡ଼ିଆ ଶିଳ୍ପୀ ବି.ବର୍ମା | ୪୪-୪୫ |
| ୧୩ | ନନ୍ଦଲାଲଙ୍କ ଠାରୁ ବିଦାୟ ଓ ଛାତ୍ର ଜୀବନର ଶେଷ ଅଧ୍ୟାୟ | ୪୬-୫୦ |



# ସ୍ମୃତିର ଭଣ୍ଡାର ଶାନ୍ତିନିକେତନ

ବିଶ୍ୱ ପ୍ରତିଭାମାନଙ୍କୁ ନେଇ ବିଶ୍ୱଭାରତୀ ଶାନ୍ତିନିକେତନର ଆବିର୍ଭାବ। ନିଜସ୍ୱ ଆଦର୍ଶ ପାଇଁ ବିଶ୍ୱ ଦରବାରରେ ଏହା ସର୍ବତ୍ର ପରିଚିତ। ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କର ଅଭିଳାଷ ପୂର୍ଣ୍ଣ କରିବା ଦିଗରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନ ପ୍ରତି ଅବଦାନ ଅତୁଳନୀୟ। ଏହି ତ୍ୟାଗ ଭିତରେ ବିଶ୍ୱକବିଙ୍କର ପିତୃପ୍ରେମ ସହିତ ବିଶ୍ୱପ୍ରେମର ଯଥାର୍ଥ ପରିଚୟ ମିଳିଥାଏ।

ଏହି ଶାନ୍ତିନିକେତନ ଆଶ୍ରମ ଯୋଗୀ, ସନ୍ୟାସୀ ବା ବ୍ରହ୍ମଚାରୀମାନଙ୍କର ଶାରୀରିକ ଯୋଗ ସାଧନା, ପୂଜା ନିତିର ବିଧିବିଧାନ ବା ରାଜନୈତିକ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଥିଲା ଜ୍ଞାନୀ, ବିଜ୍ଞାନୀ, ଶିକ୍ଷାବିତ୍, ସାହିତ୍ୟିକ, କଳାକାର, ସଙ୍ଗୀତଜ୍ଞ, କର୍ମଯୋଗୀ, ତ୍ୟାଗୀ ତଥା ସତ୍ୟ ଓ ସୌନ୍ଦର୍ଯ୍ୟବୋଧର ପୂଜାରୀମାନଙ୍କର ଏକ ପବିତ୍ର ପୀଠ। ଏହି ମିଳିତ କାର୍ଯ୍ୟ ବା ସଂଯୋଗର ମାର୍ମିକ ଜ୍ୟୋତିକୁ ବିକଶତି ଓ ବିସ୍ତାରିତ କରିବା ଥିଲା ଏହାର ମୂଳ ଲକ୍ଷ୍ୟ। ଜଗତର ସଂକୀର୍ଣ୍ଣତା ବିଲୋପ, ସୁସଂସ୍କାରର ପ୍ରତିଷ୍ଠା ତଥା ମାନବବାଦର ପୂର୍ଣ୍ଣାଙ୍ଗ ବିକାଶ ଦିଗରେ ହିଁ ଶାନ୍ତିନିକେତନ ପ୍ରତିଷ୍ଠା ଲାଭ କରିଥିଲା ଓ ଏ ଦିଗରେ ଏହାର ପ୍ରଭାବ ଥିଲା ଅମାପ ଓ ଅସୀମ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ବହୁ ପ୍ରତିଭାର ଉଜ୍ଜ୍ୱଳତମ ଅମ୍ଲାନ ଜ୍ୟୋତିର ଏକ ବିଶ୍ୱସ୍ତମ୍ଭ। ମାନବ ଜାତିର ସଂକୀର୍ଣ୍ଣତା ଓ ଅପସଂସ୍କୃତିର ବିଲୋପ ଦିଗରେ ସେ ଏକ ଦିଗନ୍ତ ବିସ୍ତାରିତ ଦିବ୍ୟ ଆଭା କହିଲେ ଯଥାର୍ଥ ହେବ।

ଶିକ୍ଷା, ସାହିତ୍ୟ, ସଂଗୀତ, କଳା, ବିଜ୍ଞାନ ଓ ସଂସ୍କାର ମାଧ୍ୟମରେ ମାନବିକତାର ଅଗ୍ରଗତି ଦିଗରେ ସେହି ମହାପୁରୁଷଙ୍କର ଅବଦାନ ଥିଲା ଅତୁଳନୀୟ। ବିଶ୍ୱକବି ରବୀନ୍ଦ୍ରନାଥ ଓ ମହାତ୍ମା ଗାନ୍ଧୀଙ୍କର ମିଳିତ ହାର୍ଦ୍ଦିକତା, ଭାବ ଓ ଭାବନାର ସମନ୍ୱୟରେ ସମାଜର ସର୍ବାଙ୍ଗୀନ ଅଭିବୃଦ୍ଧିର ଏହା ଥିଲା ଏକ ମୌଳିକ ଉଦ୍ୟମ ଓ ଆଦର୍ଶ।

ଗ୍ରାମ୍ୟ ଜୀବନରେ ଦଳିତ, ନିଷ୍ପେଷିତ, ମଳିମୁଣ୍ଡିଆ ଓ ପଛୁଆ ବର୍ଗର ମଣିଷଙ୍କ ପାଇଁ ମହାତ୍ମା ଗାନ୍ଧୀଙ୍କର ଦରଦୀ ହୃଦୟ ଯେତିକି କାନ୍ଦି ଉଠୁଥିଲା, ସେହିଭଳି ରବୀନ୍ଦ୍ରନାଥଙ୍କର ହୃଦୟ ମଧ୍ୟ ଆନ୍ଦୋଳିତ ହେଉଥିଲା। ସେହି ଗରିବ ଖଟିଖିଆ କିପରି ଆଧୁନିକତାର ସ୍ପର୍ଶରେ ହେବେ ସୁଖୀ, ଶକ୍ତିବାନ ଓ ଆଗୁଆ, ସେଥିପାଇଁ ଗାଁ ଗାଁରେ ସମବାୟ ନୀତିର ପ୍ରଚଳନ, ଶ୍ରମ ଲାଘବକାରୀ ଯନ୍ତ୍ର ବ୍ୟବହାର, କୁଟୀର ଶିଳ୍ପ ପ୍ରଚଳନ ସହିତ ସଂଘବଦ୍ଧ ଭାବେ ଶିଳ୍ପ,

ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଦିଗରେ ଏକ ବାସ୍ତବ ରୂପ ପ୍ରଦାନ କରିବା ଲାଗି ଶ୍ରୀ ନିକେତନ ଭଳି ନମୁନା ଥିଲା ରବୀନ୍ଦ୍ରନାଥଙ୍କର କଳ୍ପନାର ଏକ ବାସ୍ତବ ରୂପ ବା ଜ୍ୱଳନ୍ତ ଉଦାହରଣ।

ଏହି ମହାନ୍ ନିର୍ମଳ ଆଦର୍ଶ ହିଁ, ରବୀନ୍ଦ୍ରନାଥ ଓ ମହାତ୍ମା ଗାନ୍ଧୀଙ୍କ ଭଳି ମହାପୁରୁଷଙ୍କୁ ଗୋଟିଏ ରଜ୍ଜୁରେ ବାନ୍ଧି ରଖି ପାରିଥିଲା। ଏହି ଉଭୟ ମହାନ ବ୍ୟକ୍ତିତ୍ୱଙ୍କର ସ୍ୱପ୍ନ ଓ ଚିନ୍ତାଧାରାର ମୌଳିକତା ଥିଲା ଅଭିନ୍ନ। ତତ୍କାଳୀନ ସମାଜରେ ସମସ୍ତଙ୍କ ଭିତରେ ଭାରତର ସ୍ୱାଧୀନତା ନିମନ୍ତେ ଦେଶର ଭୌଗୋଳିକ ଓ ଐତିହାସିକ ସ୍ତରରେ ପରିବର୍ତ୍ତନ ଆଣିବା ଥିଲା ଉଭୟଙ୍କର ମୁଖ୍ୟ ପ୍ରୟାସ।

ଅହିଂସା ଓ ସମାଜସେବା ଦ୍ୱାରା ମହାତ୍ମାଗାନ୍ଧୀ ଏବଂ ଶିକ୍ଷା ତଥା ଚରିତ୍ର ଗଠନ ଦ୍ୱାରା ବିଶ୍ୱକବି ରବୀନ୍ଦ୍ରନାଥଙ୍କର ମିଳିତ ହାର୍ଦ୍ଦିକ ଭାବ ଓ ଭାବନା ଥିଲା ସମାଜର ଅଭିବୃଦ୍ଧିର ମୌଳିକ ଉଦ୍ଦେଶ୍ୟ ଓ ଆଦର୍ଶ।

ରବୀନ୍ଦ୍ରନାଥ ଅନୁଭବ କରିଥିଲେ ଯେ, ପ୍ରାଚ୍ୟର ଧର୍ମ ଭାବନା ସହିତ ପାଶ୍ଚାତ୍ୟର କର୍ମ କୌଶଳ ବା ସାଧନା ଏକିଭୂତ ହୋଇପାରିଲେ ଯାଇ ଯଥାର୍ଥରେ ଭାରତର ମଙ୍ଗଳ ହୋଇପାରିବ। ୧୯୩୧ ମସିହା ଅକ୍ଟୋବର ମାସରେ ମହାମନୀଷୀ ଆଣ୍ଡ୍ରୁଜ୍ ସାହେବଙ୍କୁ ରବୀନ୍ଦ୍ରନାଥ ଏକ ପତ୍ର ମାଧ୍ୟମରେ ଲେଖିଥିଲେ ଯେ, ଶାନ୍ତିନିକେତନ ଆଶ୍ରମକୁ ବିଶ୍ୱର ଆଧୁନିକ ସମାଜ ସହିତ ସଂଯୋଗ କରି ପାରିଲେ ଭାରତବର୍ଷ ପାଇଁ ତାହା ଯଥାର୍ଥରେ ପ୍ରଗତିର ମାର୍ଗ ଦର୍ଶନରେ ସହାୟକ ହେବ।

ଗରିବ, ଦୁଃଖୀ, ନିର୍ଯ୍ୟାତିତ ଭାରତୀୟଙ୍କ ପାଇଁ ଆଣ୍ଡ୍ରୁଜ୍ଙ୍କ ପ୍ରାଣ କାନ୍ଦି ଉଠୁଥିଲା। ଜଣେ ବିଦେଶୀ ହୋଇ ମଧ୍ୟ ଆମ ଦେଶ ପାଇଁ ତାଙ୍କର ହୃଦୟ ଥିଲା ମହାନ୍। ସେ ଅସହାୟ ଓ ଗୃହହୀନଙ୍କର ଦୁଃଖ ମୋଚନ ପାଇଁ କ୍ରମାଗତ ବିଭିନ୍ନ ସ୍ଥାନ ଭ୍ରମଣ କରୁଥିବାରୁ ଜନସାଧାରଣ ତାଙ୍କୁ ଦୀନବନ୍ଧୁ ଆଖ୍ୟା ଦେଇଥିଲେ। ସେ କୌଣସିଠାରେ ନିଜ ରହିବା ପାଇଁ ଘରଟିଏ କରିପାରି ନଥିଲେ। ତେବେ ତାଙ୍କର ବାସ୍ତବ ଗୃହ ଶାନ୍ତିନିକେତନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ରବୀନ୍ଦ୍ରନାଥଙ୍କ ସହିତ ସମାଜ ତଥା ଶାନ୍ତିନିକେତନର ଉନ୍ନତିମୂଳକ କାର୍ଯ୍ୟ ପାଇଁ ତାଙ୍କର ଯୋଗାଯୋଗ ଦୀର୍ଘ ପଚିଶ ବର୍ଷ ଧରି ଅବ୍ୟାହତ ରହିଥିଲା।

ଆଣ୍ଡ୍ରୁଜ୍ ସାହେବଙ୍କ ମାଧ୍ୟମରେ ରବୀନ୍ଦ୍ରନାଥ ଯେଉଁ ଦୁଇଜଣ ନିଷ୍ଠାପର ବନ୍ଧୁଙ୍କୁ ପାଇଥିଲେ ସେମାନେ ହେଲେ ଉଇଲିୟମ୍ ପିଆରସନ୍ ନାମକ ଜଣେ ଇଂରେଜ ଯୁବକ ଓ ଅନ୍ୟ ଜଣଙ୍କ ଆମ ଭାରତୀୟ ମୋହନଦାସ କରମଚାନ୍ଦ ଗାନ୍ଧୀ। ପରବର୍ତ୍ତୀ କାଳରେ ଗାନ୍ଧୀଙ୍କର ମହାନତାକୁ ଉପଲବ୍ଧି କରି ରବୀନ୍ଦ୍ରନାଥ ତାଙ୍କୁ ମହାତ୍ମା ଆଖ୍ୟାରେ ଭୂଷିତ କରିଥିଲେ।

ପିଆରସନ୍‌ଙ୍କ ନାମ ଅନୁଯାୟୀ ନାମିତ ପିଆରସନ୍ ପଲ୍ଲୀଟି ଏବେ ମଧ୍ୟ ଗରିବ, ସରଳ ଓ ନିରଳସ ସାନ୍ତାଳମାନଙ୍କୁ ନେଇ ଶାନ୍ତିନିକେତନ ପରିବେଶ ମଧ୍ୟରେ ଅତି ଆପଣାର ହୋଇ ରହିଛି।

ଶାନ୍ତିନିକେତନରେ ଏହି ପିଆରସନ୍ ପଲ୍ଲୀଟି କଳା ଭବନର ଛାତ୍ରଛାତ୍ରୀମାନଙ୍କର ନିତିଦିନିଆ ସ୍କେଚ୍ କରିବା ଜାଗା। ସେହି ପଲ୍ଲୀର କୋମଳମତି ବାଳକ, ବାଳିକା, ଯୁବକ ଯୁବତୀ ଓ ବୃଦ୍ଧବୃଦ୍ଧାମାନେ ବେଶ୍ ସରଳ ଓ ନିଷ୍କପଟ ଜୀବନ ଯାପନ କରିଥାନ୍ତି। କଳା ଭବନ (Art College)ର ଛାତ୍ରଛାତ୍ରୀ ତାଙ୍କ କଳାଶିକ୍ଷା ପାଇଁ ଏହି ସରଳ ସାନ୍ତାଳମାନଙ୍କୁ ବେଶ୍ ଆପଣାର କରିଥାନ୍ତି। ସେମାନଙ୍କୁ ଦେଖି ସ୍କେଚ୍ ବା ଷ୍ଟଡି କରିବା ତଥା ସେମାନଙ୍କର ଦୈନନ୍ଦିନ ଜୀବନର ଚଳଣି ଉପରେ ଚିତ୍ରାଙ୍କନ କରିବା ଆମ ଛାତ୍ରଛାତ୍ରୀ ଜୀବନର ଥିଲା ଏକ ମହାନ ସହାୟକ। କାଲୋବାଡି (କଳା-ମହାବିଦ୍ୟାଳୟର ଛାତ୍ରାବାସ) ଠାରୁ ପିଆରସନ୍ ପଲ୍ଲୀ ଅନତି ଦୂରରେ ଅବସ୍ଥିତ। ସାଙ୍ଗମାନଙ୍କ ସହିତ ଏହି ପଲ୍ଲୀକୁ ଯାଇ ସ୍କେଚ୍ କରିବା ଆମର ଥିଲା ଏକ ନିଶା ତଥା ବୃତ୍ତି ଓ ପ୍ରବୃତ୍ତି। ଏଭଳି କୌଣସି ଦିନ ନାହିଁ ଯେଉଁ ଦିନ କି ସାଙ୍ଗମାନଙ୍କ ସହିତ ସ୍କେଚ୍ କରିବାକୁ ନଯାଇଛି। ଏହି ଅଭ୍ୟାସ ଓ ଅନୁଭୂତି ମୋର ପରବର୍ତ୍ତୀ ଶିଳ୍ପୀ ଜୀବନରେ ଯଥେଷ୍ଟ ସହାୟକ ହୋଇ ପାରିଛି।

କଳା, ସଙ୍ଗୀତ, ନୃତ୍ୟ, ସାହିତ୍ୟ ଓ ଗବେଷଣା ଆଦି ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଗୋଟିଏ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଏଗୁଡିକ ଭବନ ନାମରେ ପରିଚିତ, ଯଥା: କଳା ଭବନ, ସଙ୍ଗୀତ ଭବନ, ଶିକ୍ଷା ଭବନ, ଇତ୍ୟାଦି। ଏହା ବ୍ୟତୀତ ବିଭିନ୍ନ ଭାଷା, ବିଜ୍ଞାନ ଓ ଏଗ୍ରି-ଏକୋନୋମି ଭଳି ସଂସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ। ମୋର ସ୍ପଷ୍ଟ ମନେ ଅଛି ଏହି ଏଗ୍ରି-ଏକୋନୋମି ସଂସ୍ଥାନର ସାମନାରେ ଗୋଟିଏ ମୂର୍ତ୍ତି (ଚମଡାଥଳିରୁ ପାଣି ଢାଳି ଦେଉଥିବାର) ତିଆରି ଚାଲିଥିଲା। କଳା ଭବନରୁ ପଞ୍ଚାନନ ପାଲ୍, ସେଲିମ୍ ମୁନିସି, ମୁଁ ଓ ଆଉ କେତେଜଣ ବନ୍ଧୁ କିଙ୍କର ଦା'ଙ୍କ ସହିତ ମୂର୍ତ୍ତି କାର୍ଯ୍ୟରେ ସହଯୋଗ କରୁଥିଲୁ। ପାଠ ପଢା ସମୟରେ ପ୍ରଥମେ ପ୍ରଥମେ ମୂର୍ତ୍ତି ଗଠନ ପ୍ରତି ମୋର ଅତ୍ୟନ୍ତ ଆଗ୍ରହ ଥିଲା। କିନ୍ତୁ ପରବର୍ତ୍ତୀ କାଳରେ ଚିତ୍ରାଙ୍କନ ପ୍ରତି ଅଧିକ ଆକୃଷ୍ଟ ହୋଇ ପଡିଥିଲି ଏବଂ କର୍ମମୟ ଜୀବନରେ ଚିତ୍ରାଙ୍କନ ହିଁ ମୋର ବୃତ୍ତି ଓ ବ୍ରତ ହୋଇ ରହିଲା ।

ଶାନ୍ତିନିକେତନରେ ଶିକ୍ଷା ଲାଭ ଜୀବନ ଥିଲା ଏକ ଭିନ୍ନ ରୁଚିର। ସେ ରୁଚି ତଥା ସେ ପରିବେଶର ପ୍ରଭାବ ବାସ୍ତବରେ ଥିଲା ସ୍ୱର୍ଗୀୟ, ଯାହାକି ମୋର ବିଭିନ୍ନ ସ୍ଥାନ ଭ୍ରମଣ ବା ପରିଦର୍ଶନରେ ସେଭଳି ଅନୁଭୂତି ମୁଁ ଆଉ ପାଇପାରି ନାହିଁ। ଶିକ୍ଷକମାନଙ୍କର ସ୍ନେହ ଶ୍ରଦ୍ଧା ଥିଲା ଅମାପ, ଓ ଲାଗୁଥିଲା ସତେ ଯେପରି ଆମେ ସବୁ ଗୋଟିଏ ପରିବାରର ସନ୍ତାନ। ଶିକ୍ଷକମାନଙ୍କୁ 'ଦାଦା' ସମ୍ବୋଧନ କରୁଥିଲୁ। ସେମାନଙ୍କର ମଧ୍ୟ ଆମ୍ଭମାନଙ୍କ ପ୍ରତି ଥିଲା ଅମାପ ସ୍ନେହ ଓ ଶ୍ରଦ୍ଧା।

ବିଭିନ୍ନ ଭବନରେ ମଧ୍ୟ ସେହିଭଳି ପୃଥିବୀର ଭିନ୍ନ ଭିନ୍ନ କୋଣରୁ ଦକ୍ଷ ଓ ଗୁଣୀ ଶିକ୍ଷକମାନେ କାର୍ଯ୍ୟରେ ନିଯୁକ୍ତି ପାଇଥାଆନ୍ତି। ବିଭିନ୍ନ ବିଭାଗ ସହିତ ଓଡିଆ ବିଭାଗର ମଧ୍ୟ ଥିଲା ଏକ ସ୍ୱତନ୍ତ୍ର ମହତ୍ତ୍ୱ। ସେ ସମୟରେ ଓଡିଆ ବିଭାଗରେ ଡକ୍ଟର କୁଞ୍ଜବିହାରୀ ଦାଶ ମୁଖ୍ୟ ଥିଲେ ଓ ତାଙ୍କ ସାଙ୍ଗକୁ ଭାରତ ବିଖ୍ୟାତ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ ତାଙ୍କର ସହଯୋଗୀ ଓ ସହକର୍ମୀ ଥିଲେ। ଏହି ଉଭୟ ଗୁଣୀ ଓ ଗୁଣଗ୍ରାହୀ ବ୍ୟକ୍ତିଙ୍କର ଆମ୍ଭମାନଙ୍କ ପ୍ରତି ଯଥେଷ୍ଟ ସ୍ନେହ ଓ ଶ୍ରଦ୍ଧା ଥିବାରୁ ଆମ୍ଭେମାନେ ନିଜ ଘରଠାରୁ ଦୂରରେ ଥିବା ବୋଧ ହେଉ ନଥିଲା। ସେତେବେଳେ ଓଡିଆ ବିଭାଗର 'ସାହିତ୍ୟିକା' ନାମରେ ଗୋଟିଏ ସଂଘ ଗଢ଼ା ଯାଇଥିଲା। ମଝିରେ ମଝିରେ ସାହିତ୍ୟ ଆଲୋଚନାର ଆସର ବସେ। ଆମ୍ଭମାନଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା ଓ ଭୋଜିଭାତର ମଧ୍ୟ ଆୟୋଜନ ହୋଇଥାଏ। ସେହି ସମୟରେ ଥରେ ଓଡ଼ିଶାର ବିଶିଷ୍ଟ ଶିଳ୍ପୀ ବି. ବର୍ମା, ନନ୍ଦଲାଲ ବସୁ ଓ ଭାରତର କେତେକ ପ୍ରଖ୍ୟାତ ଶିଳ୍ପୀମାନଙ୍କର ଗୋଟିଏ ଚିତ୍ର ପ୍ରଦର୍ଶନୀ କରିଥିଲୁ। ଡକ୍ଟର କୁଞ୍ଜ ବିହାରୀ ଦାଶ ଓ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କର ହାର୍ଦ୍ଦିକ ସାହାଯ୍ୟ ଓ ସହଯୋଗ ଥିଲା ଅସୀମ। ଆଜି ଠିକ୍ ମନେପଡୁଛି କଳାଭବନର ଅଧ୍ୟକ୍ଷ ଡି.କେ. ଦେବ ବର୍ମନ ସେହି ପ୍ରଦର୍ଶନୀକୁ ଅତିଥି ରୂପେ ନିମନ୍ତ୍ରିତ ହୋଇଥାନ୍ତି। ଓଡିଶାର କଳାର ପ୍ରଶଂସା କ୍ରମେ ସେ ତାଙ୍କ ଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ ଯେ, ଶିଳ୍ପୀ ବି. ବର୍ମାଙ୍କର 'ପଲ୍ଲୀବଧୂ' ଚିତ୍ର ଲିଓନାର୍ଡୋ ଡାଭିଞ୍ଚିଙ୍କର ମୋନାଲିସାଠାରୁ ମାନ ଦୃଷ୍ଟିରୁ କୌଣସି ଗୁଣରେ କମ୍ ନୁହେଁ, ଏବଂ ତାହା ଶୁଣି ଭାରତର ବହୁ ଛାତ୍ରଛାତ୍ରୀ ଓ ଅନେକ ଦେଶୀ ବିଦେଶୀ ଗୁଣୀ ବ୍ୟକ୍ତିଙ୍କର ସାଧୁବାଦ ସଭାସ୍ଥଳିକୁ ଉଲ୍ଲସିତ କରି ପକାଇଥିଲା। ଏବେ ମଧ୍ୟ ସେ ପ୍ରତିଧ୍ୱନି ମୋ କାନରେ ଗୁଞ୍ଜରଣ ସୃଷ୍ଟି କରି ମୋତେ ଶିହରଣ ଆଣି ଦେଉଛି।

ଶାନ୍ତିନିକେତନ ଆଶ୍ରମର ଶାଳବଣ ଓ ଆମ୍ବତୋଟା ଭିତରେ ଶିକ୍ଷାଦାନର ସ୍ୱତନ୍ତ୍ରତା କୌଣସି ଋଷି ଆଶ୍ରମ ଭଳି କଳା ଓ ସଙ୍ଗୀତ ମହାବିଦ୍ୟାଳୟର ମହକ ଥିଲା ଏକ ଭିନ୍ନ ରୁଚିର। ସେଠାରେ ଜହ୍ନରାତିର ବୈତାଳିକ ଓ ଦୋଳ ମହୋତ୍ସବ ଭଳି ବିଭିନ୍ନ ଉତ୍ସବ ପାଳନ କରାଯାଏ। ସେଠାରେ ଥିବା ଗ୍ଲାସ୍ ହାଉସ୍ (ପ୍ରାର୍ଥନା ମନ୍ଦିର) ଓ ଗଛ ମୂଳର ପାଠପଢା ସବୁ ମନେ ପଡିଗଲେ ଦୀର୍ଘ ୬୦ବର୍ଷ ତଳର ଯୌବନସୁଲଭ ମନ ଆଜିର ଜରାଜୀର୍ଣ୍ଣ ଶରୀର ଭିତରେ ଆଣି ଦିଏ ମାଦକତା, ଶିହରଣ, କମ୍ପନ ଓ ଅପୂର୍ବ ଆନନ୍ଦ। ସେ ସମୟରେ ଆମ କଳାଭବନର ସାଙ୍ଗସାଥିଙ୍କ ସହିତ ଭାବଗ୍ରାହୀ ବାବୁ ଓ ଗଗନ ବାବୁଙ୍କର ଯୋଗାଯୋଗ ଥାଏ ଟିକିଏ ବେଶୀ। ଆମ କଳା ଭବନର ସାଙ୍ଗସାଥିମାନଙ୍କ ଭିତରୁ ଏବେ ବେଳେବେଳେ ବନବିହାରୀ ପରିଡାଙ୍କ ସହିତ ଦେଖାହୁଏ। ସେ ଜଣେ ଉତ୍ତମ ଶିଳ୍ପୀ ତଥା ଗ୍ରାଫିକ୍ ଆର୍ଟରେ ଦକ୍ଷଥିଲେ। ଉଦୟ ବାବୁ ଓ ମୋର ରୁମ୍‌ମେଟ୍ ସୁବୋଧ ବାବୁ ମଧ୍ୟ

ସ୍କେଚ୍ କଳାରେ ମୋର ନିତିଦିନିଆ ସାଥି ଥିଲେ। ବନ୍ଧୁ ଉଦୟ ନାରାୟଣ ଜେନା ଆଉ ନାହାନ୍ତି। ଏବେ ବି ସେ ସମୟରେ ଶାନ୍ତିନିକେତନ ଜୀବନର ମାଦକତା ଆଖି ଆଗରେ ସିନେମା ଭଳି ନାଚିଯାଏ।

ଏଠାରେ ଶାନ୍ତିନିକେତନରେ ଦୈନନ୍ଦିନ କର୍ମମୟ ଜୀବନର କଥାଟା ମନେପଡିଯାଏ। ସକାଳ ୭ଟା ସମୟରେ ଲାଇବ୍ରେରୀ କୋଠାର ସାମନା ପଡିଆରେ ସମୂହ ପ୍ରାର୍ଥନା ହୁଏ। ଦୁଇ ତିନ ଜଣ ଛାତ୍ରଛାତ୍ରୀଙ୍କର ପ୍ରାର୍ଥନା ସଙ୍ଗୀତକୁ ଅନ୍ୟ ସମସ୍ତେ ଏକ ସ୍ୱରରେ ଗାନ କରନ୍ତି। ପ୍ରାର୍ଥନା ସଭା ପରେ ପ୍ରତ୍ୟେକ ନିଜ ନିଜ ଭବନର ଛାତ୍ରାବାସକୁ ଫେରିଆସୁ ଓ ପରେ ପରେ ରୋଷେଇ ଶାଳ (Kitchen)କୁ ଯାଇ ସମୂହ ଭାବରେ ବିରାଟ ଭୋଜନାଳୟରେ ଏକତ୍ର ଭୋଜନ କରୁ। ସେତେବେଳେ କାଳି ଦା'ଙ୍କ ବ୍ୟତୀତ ଅନ୍ୟମାନଙ୍କ ନାମ ସବୁ ଭୁଲିଗଲିଣି। ଆମ୍ଭମାନଙ୍କୁ ରୁଟି, କଚୌରି, ତରକାରୀ ସାଙ୍ଗକୁ ଭଜାଭଜି ପରଷା ଯାଇଥାଏ। ଏତେଗୁଡିଏ ପିଲାଙ୍କ ସମବେତ ଭୋଜନ ବେଳେ କେବେହେଲେ କୌଣସି ଶବ୍ଦ ବା ବିଶୃଙ୍ଖଳା ସୃଷ୍ଟି ହେବା ଦିନକ ପାଇଁ ବି ଆମେ ଅନୁଭବ କରି ନାହୁଁ। ଖାଇବା ପରେ ପରେ ଗଛ ମୂଳେ ବା କ୍ଲାସ୍ ଭିତରକୁ (ପାଗ ଅନୁଯାୟୀ) ଯାଇ ପଢ଼ା ଆରମ୍ଭ ହୋଇଯାଏ। ପଢ଼ାପଢ଼ିରେ ସମସ୍ତେ ମଜ୍ଜି ଯାଆନ୍ତି। ସକାଳ ନ'ଟା ବେଳେ ପୁନର୍ବାର ଜଳଖିଆ ଖାଇବା ନିମନ୍ତେ ରୋଷେଇ ଶାଳକୁ ଯାଉ। ସେତେବେଳର ଜଳଖିଆ ଥିଲା ଚପାତି, କଚୌରି ବା ରୁଟି, ଇତ୍ୟାଦି। ଜଳଖିଆ ଖାଇସାରି ଶ୍ରେଣୀ ଗୃହକୁ ଫେରିଆସୁ। ଦିନ ବାରଟା ପର୍ଯ୍ୟନ୍ତ ପଢ଼ାଚାଲେ ଓ ତା'ପରେ ଦୁଇଟା ବେଳେ ସେହି ଭୋଜନାଳୟକୁ ଯାଉ ମଧ୍ୟାହ୍ନ ଭୋଜନ ପାଇଁ। ଅନ୍ନ, ଚପାତି ସାଙ୍ଗକୁ ଡାଲି ଓ ତରକାରୀ ଓ ଯାହା ମନେପଡୁଛି, ସପ୍ତାହରେ ଦୁଇଥର ମାଛ ବା ଅଣ୍ଡା ଓ ଥରେ ମାଂସର ବ୍ୟବସ୍ଥା ଥାଏ। ଅନ୍ନ ବା ଚପାତି ଉପରେ ଖାଣ୍ଟି ଗୁଆଘିଅ ପଡ଼େ। ସେତେବେଳେ ଜଣଙ୍କ ପିଛା ମେସ୍ ଖର୍ଚ୍ଚ ୭୫ଟଙ୍କା ଦେବାକୁ ପଡୁଥିଲା। ମଧ୍ୟାହ୍ନ ଭୋଜନ ସାରି ନିଜ ନିଜ ଭବନର ଛାତ୍ରାବାସରେ ବିଶ୍ରାମ ନେବାକୁ ଯାଉ। ପୁନର୍ବାର ଅପରାହ୍ନ କ୍ଲାସ୍ ହୁଏ ଓ ୪ଟା ସମୟରେ କ୍ଲାସ୍ ଛୁଟି। କଳାଭବନ ସମ୍ମୁଖରେ ଗୋଟିଏ ବିରାଟ ଚାଇନିଜ୍ ଘଣ୍ଟା ବାଜେ ଓ କ୍ଲାସ୍ ଶେଷ ହୁଏ। ଜଳଖିଆ ପାଇଁ ପୁନର୍ବାର ରୋଷେଇ ଶାଳକୁ ଯିବାକୁ ପଡ଼େ। ଛାତ୍ରବାସଠାରୁ ରୋଷେଇ ଶାଳ ବେଶି ଦୂର ନୁହେଁ। ସଙ୍ଗୀତ ଭବନ ମଧ୍ୟ ପ୍ରାୟ ସେତିକି ଦୂରରେ। ସେଠାରେ ଛାତ୍ରଛାତ୍ରୀମାନଙ୍କ ସଙ୍ଗୀତ ମୂର୍ଚ୍ଛନାର ଲହରୀ ଆଶ୍ରମ ଭିତରେ ସହସ୍ର ମହୁମାଛିଙ୍କର ମଧୁର ଗୁଞ୍ଜରଣ ଶବ୍ଦକୁ ସତେ ଯେପରି ପରାସ୍ତ କରିପକାଉଥାଏ। ଜଳଖିଆ ଖାଇସାରି କିଏ ପଡିଆରେ ଖେଳିଲାଣି ତ କିଏ ସ୍କେଚ୍ ପାଇଁ ଆଖପାଖ ପଲ୍ଲୀକୁ ଗଲାଣି। ଅନ୍ୟ କେତେକ ତାଙ୍କ ପ୍ରୟୋଜନ ନିମିତ୍ତ କିଛି କିଣାକିଣି ପାଇଁ ବୋଲ୍‌ପୁର ବଜାରକୁ ମଧ୍ୟ ଯାଆନ୍ତି। ମନେହୁଏ ପ୍ରତ୍ୟେକ ଯେପରି ଗୋଟିଏ ଗୋଟିଏ ସ୍ୱାଧୀନ ପକ୍ଷୀ ବା ପ୍ରଜାପତି। ଠିକ୍ ସନ୍ଧ୍ୟା ପରେ ପରେ ନିଜ ନିଜ ନୀଡ଼

(ଛାତ୍ରାବାସ) ଅଭିମୁଖେ ପ୍ରତ୍ୟାବର୍ତ୍ତନ କରନ୍ତି। ଏହା ହେଲା ସେମାନଙ୍କର ଦୈନନ୍ଦିନ କର୍ମମୟ ଜୀବନ।

ବେଳେବେଳେ ସଙ୍ଗୀତ ଭବନର ପେଣ୍ଡାଲରେ ବିଭିନ୍ନ ନାଟକ ମଞ୍ଚସ୍ଥ ହୁଏ। ବୁଧବାର ମନ୍ଦିରରେ ପ୍ରାର୍ଥନା କରାଯାଏ। ପ୍ରତ୍ୟେକ ପୂର୍ଣ୍ଣିମୀରେ ଛାତ୍ରଛାତ୍ରୀ ମିଶି ବୈତାଳିକ ବା ଭଜନ କୀର୍ତ୍ତନ ଭଳି ସମବେତ ସଙ୍ଗୀତ ଗାନ କରିବା ସହ ଏକ ସ୍ୱର୍ଗୀୟ ବାତାବରଣ ସୃଷ୍ଟିକରି ଆଶ୍ରମର ଚତୁଃପାର୍ଶ୍ୱରେ ଘୂରି ଆସନ୍ତି। ଜହ୍ନ ରାତିରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କର ଏ ଯେଉଁ ବାଦ୍ୟ ସଙ୍ଗୀତର ମୂର୍ଚ୍ଛନା ଆଶ୍ରମର ପରିବେଶ ଓ ବାୟୁ ମଣ୍ଡଳକୁ ସୁମଧୁର କରିପକାଏ। ବାସ୍ତବରେ ଏ ମାଦକତାକୁ ଯେ ଅଙ୍ଗେ ନିଭାଇଛି ବା ଅନୁଭୂତିରେ ଆଣିଛି ସେ ଜୀବନରେ ସେଇ ସ୍ମୃତିକୁ ହଜାଇ ଦେଇ ପାରିବ ନାହିଁ। ସେ ନିଜେ ଉପଲବ୍ଧି କରିପାରିବ ଯେ, ଶାନ୍ତିନିକେତନ ବାସ୍ତବରେ ଏକ ଭୂସ୍ୱର୍ଗ ଏବଂ ହୃଦୟଙ୍ଗମ କରିପାରିବ ଯେ, ଏ ସ୍ଥାନ ଯଥାର୍ଥରେ ଏକ ଦେବଭୂମି ବା ପବିତ୍ର ଆଶ୍ରମ।

ଛାତ୍ର ଶିକ୍ଷକ ସମ୍ପର୍କ ତଥା ପରିବେଶର ପ୍ରଭାବ ମଣିଷର ମନ ଓ ହୃଦୟକୁ ବାସ୍ତବରେ ଗଢ଼ି ତୋଳିଥାଏ। ଧନ, କୋଠାବାଡ଼ି, ଗାଡ଼ି, ଘୋଡା, ଥାଟ ପାଟ, ବୈଭବର ଭୌତିକ ଆନନ୍ଦଠାରୁ ଶାନ୍ତି ନିକେତନ ଭଳି ସ୍ୱର୍ଗୀୟ ପରିବେଶ ମଣିଷକୁ ଏକ ଭିନ୍ନ ଆନନ୍ଦ ପ୍ରଦାନ କରି ଯଥାର୍ଥ ମଣିଷ ଭାବେ ଗଢି ତୋଳିଥାଏ, ଏବଂ ଯେଉଁ ଆନନ୍ଦ ପ୍ରଦାନ କରିଥାଏ ତାହା ବାସ୍ତବରେ ଅତ୍ୟନ୍ତ ଭିନ୍ନ ସ୍ୱାଦର।

ବିଶ୍ୱ କବି ରବୀନ୍ଦ୍ରନାଥ ଏହି ଆଶ୍ରମରେ ବହୁ ସଂଖ୍ୟକ ଗୁଣୀବ୍ୟକ୍ତି ସୃଷ୍ଟି କରି ଯାଇଛନ୍ତି। ନନ୍ଦଲାଲ ବସୁ ସେଥିମଧ୍ୟରୁ ଅନ୍ୟତମ। ଭାରତ ବର୍ଷରେ ଭାରତୀୟ କଳା ଜଗତ ପ୍ରତି ନନ୍ଦଲାଲଙ୍କର ଯେଉଁ ଅବଦାନ ତାହା ଏ ବିଶ୍ୱ ପାଇଁ ଯଥାର୍ଥରେ ଏକ ଅମୂଲ୍ୟ ସମ୍ପଦ। ସେହି ମହାମନୀଷୀଙ୍କ ସମ୍ପର୍କରେ ଦୁଇପଦ ଲେଖି ବସିବା କେବଳ ଭାଗ୍ୟରେ ଥିଲେ ସମ୍ଭବ ହୋଇଥାଏ। ବିଶ୍ୱଭାରତୀ ଶାନ୍ତିନିକେତନ ବିଷୟରେ ଏହା ସମୁଦ୍ରରୁ ଶଙ୍ଖେ ଭଳି ଯାହାକୁ ଦୁଇ ଧାଡ଼ିରେ ସାରିବାର ଦୁଃସାହସ କରି ଅଛି। ●●●

# ଶାନ୍ତିନିକେତନର କଳା ଶିକ୍ଷାଦାନ

ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ବା ଶାନ୍ତିନିକେତନର ବିଭିନ୍ନ ଭବନ ମଧ୍ୟରୁ କଳା ଭବନ (Art College) ଅନ୍ୟତମ। ପୃଥିବୀର ଦେଶବିଦେଶରୁ ଛାତ୍ରଛାତ୍ରୀମାନେ ଏଠାକୁ ଆସି ଶିକ୍ଷା ଲାଭ କରନ୍ତି। କଳା ଭବନ ବା କଳା ମହାବିଦ୍ୟାଳୟର ଶିକ୍ଷା ପଦ୍ଧତି ଭାରତ ବର୍ଷର ଅନ୍ୟାନ୍ୟ କଳା ମହାବିଦ୍ୟାଳୟଠାରୁ ଅନେକ ଦୃଷ୍ଟିକୋଣରୁ ଭିନ୍ନ କହିଲେ ଅତ୍ୟୁକ୍ତି ହେବନାହିଁ। ବିଭିନ୍ନ କଳା ମହାବିଦ୍ୟାଳୟଗୁଡିକର ପାଠ୍ୟ ଖସଡ଼ା (Syllabus)ରେ ପ୍ରାଚ୍ୟ ବା ପାଶ୍ଚାତ୍ୟ ଧାରାରେ କଳା ଶିକ୍ଷା ଦାନରେ ତାରତମ୍ୟ ଦେଖାଯାଏ। କିନ୍ତୁ ଶାନ୍ତିନିକେତନ କଳାଭବନରେ କଳା ଶିକ୍ଷାର ଧାରା ସମ୍ପୂର୍ଣ୍ଣ ଭିନ୍ନ ଥିଲା।

ଆମ କଳା ଶିକ୍ଷା ସମୟ (୧୯୫୬-୬୧)ର କଥା ମନେ ପଡିଯାଏ। ଏହା ଥିଲା ସମ୍ପୂର୍ଣ୍ଣ ସୂକ୍ଷ୍ମ ଚାରୁ ଓ କାରୁକଳା (Fine Art and Crafts)ର ଶିକ୍ଷା। ବ୍ୟବସାୟିକ କଳା (Commercial Art ବା Applied Art) ପାଠ୍ୟକ୍ରମ (Syllabus)ରେ ସ୍ଥାନ ପାଇ ନ ଥିଲା। ସମସ୍ତ କଳା ଶିକ୍ଷାର ଧାରା ସ୍ୱଦେଶୀ ବା ଭାରତୀୟ ଢ଼ଙ୍ଗରେ ପ୍ରଚଳନ ଥିଲା।

ପ୍ରଥମତଃ ଶାନ୍ତିନିକେତନର କଳା ଶିକ୍ଷାଦାନ ଶୁଦ୍ଧ ପ୍ରାଚ୍ୟ ପଦ୍ଧତି ଅନୁଯାୟୀ ଦିଆ ଯାଇଥାଏ। ପ୍ରାଶ୍ଚାତ୍ୟ କଳାର ଧାରା ବା ପ୍ରଭାବ ଶାନ୍ତିନିକେତନ ଉପରେ ଆଦୌ ପଡ଼ି ନ ଥିଲା। ଯେତେବେଳେ ଭାରତ ବର୍ଷରୁ ଇଂରେଜମାନଙ୍କୁ ବିତାଡିତ କରିବା ପାଇଁ ଜନସାଧାରଣ ଥିଲେ ବଦ୍ଧପରିକର, ଧମନୀରେ ସେମାନଙ୍କର ଉଷ୍ମରକ୍ତର ଥିଲା ପ୍ରଖର ପ୍ରବାହ, ସେହି ସମୟରେ ହିଁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ସ୍ୱାଧୀନତା ଓ ଶାନ୍ତିର ଧ୍ୱଜା ଉଡାଇ ଶାନ୍ତିନିକେତନର ଖ୍ୟାତି ବିସ୍ତାର ଲାଭ କରିଥିଲା। ମୋର ସେଠାରେ ଛାତ୍ରକାଳର ସ୍ୱଳ୍ପ ପରବର୍ତ୍ତୀ ସମୟର କଥା।

ରବୀନ୍ଦ୍ରନାଥ ଠାକୁର ଦେଶର ମୁକ୍ତିଲାଭ ଉଦ୍ଦେଶ୍ୟରେ ଏହି ଆଶ୍ରମକୁ ଗଢ଼ି ତୋଳିବାର ପ୍ରୟାସ କଲେ। ପିତାଙ୍କର ଅଭିଳାଷ ତଥା ସ୍ୱାଧୀନତାର ମୂଳମନ୍ତ୍ରକୁ ଆଧାର କରି ବୀରଭୂମ୍ ଜିଲ୍ଲାର ଟାଙ୍ଗରା ନାଳିମାଟି ଉପରେ ଏହି ଶିକ୍ଷାନୁଷ୍ଠାନକୁ ଦେଶପ୍ରେମୀ ଓ ସ୍ୱାଧୀନଚେତା ଗୁରୁ ରବୀନ୍ଦ୍ରନାଥ ତାଙ୍କ ନିଜସ୍ୱ କଳ୍ପନାର ରୂପ ଦେଇ ବସିଲେ। ବିଭିନ୍ନ ଭାଷା, ସଙ୍ଗୀତ,

ନୃତ୍ୟ ତଥା କଳା (Visual Art)କୁ ଜାତୀୟତାର ଧର୍ମ ଧ୍ୱଜା ରୂପେ ଉଡ଼ାଇବା ତଥା ସ୍ୱଦେଶୀ କଳା ପଦ୍ଧତିକୁ ଆଶ୍ରମ ଓ ଦେଶର ଆଦର୍ଶକୁ ଉଦ୍‌ଭାସିତ କରିବା ପାଇଁ ରବୀନ୍ଦ୍ରନାଥ ଜ୍ଞାନୀ ଗୁଣୀ ଶିକ୍ଷାବିତ୍ ତଥା ବିଶିଷ୍ଟ ଶିଳ୍ପୀ ନନ୍ଦଲାଲ ବସୁଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ନନ୍ଦଲାଲଙ୍କର କେତେକ ସ୍ୱଦେଶପ୍ରେମୀ ଶିଷ୍ୟ କଳାଭବନର ଶିକ୍ଷକ ଭାବରେ ନିଯୁକ୍ତି ପାଇ ସ୍ୱଦେଶୀ କଳାର ଧାରା ବା ପଦ୍ଧତିକୁ ଆପଣେଇ ନେଇ ଶିକ୍ଷାଦାନ କଲେ। ଭାରତ ବର୍ଷର ଐତିହାସିକ, ଭୌଗୋଳିକ ପରିବେଶ, ସ୍ୱଦେଶୀ ଧର୍ମ ଧାରଣା, ସାମାଜିକ ଜୀବନ, ପ୍ରାକୃତିକ ସମ୍ପଦ, ବଣ ପାହାଡ, ବୈଭବ ଭାରତୀୟ ଶିଳ୍ପୀମାନଙ୍କୁ ବେଶ୍ ଆପଣାର କରିପାରିଥିଲା। ଏବଂ ବିଦେଶୀ ବର୍ଜନର ସ୍ୱର ଉତ୍ତୋଳନ ହିଁ ଥିଲା ତତ୍‌କାଳୀନ ସମୟର ବାସ୍ତବତା।

ସ୍ୱାଧୀନତା ପାଇଁ ଲେଖକ, ଶିଳ୍ପୀ, ସଙ୍ଗୀତଜ୍ଞମାନଙ୍କ ଅନ୍ତରରେ ମୁକ୍ତିଭାଲ କରିଥିଲା ତୀବ୍ର ଆକାଂକ୍ଷା ଓ ଅଭିଳାଷ। ତେଣୁ ପ୍ରତ୍ୟେକ ସ୍ୱାଧୀନତାକୁ ଆଧାର କରି ସାହିତ୍ୟ ସାଧନା, ସଙ୍ଗୀତ ପରିବେଷଣ ତଥା କଳା କ୍ଷେତ୍ରରେ ସ୍ୱଦେଶୀ ବିଷୟବସ୍ତୁ ଓ ରଙ୍ଗ ମାଧ୍ୟମରେ କଳା ସୃଷ୍ଟି କରିଥିଲେ। ମହାତ୍ମା ଗାନ୍ଧୀଙ୍କର ଦାଣ୍ଡି ମାର୍ଚ୍ଚ, ଲବଣ ସତ୍ୟାଗ୍ରହ ଆଦିର ବହୁବିଧ ଚିତ୍ର ଓ ଭାସ୍କର୍ଯ୍ୟକୁ ଶିଳ୍ପୀମାନେ ନିଜସ୍ୱ ଢଙ୍ଗରେ ସ୍ୱାଧୀନତାକୁ କେନ୍ଦ୍ର କରି ପ୍ରଦର୍ଶନ କରି ବସିଲେ। ନନ୍ଦଲାଲ, ରାମକିଙ୍କର, ଡି.ପି. ରାୟ ଚୌଧୁରୀ, ଯାମିନୀ ରାୟ ଓ ମୁକୁଳ ଦେବଙ୍କ ଭଳି ସ୍ୱାଧୀନତା-ପ୍ରେମୀ ଶିଳ୍ପୀମାନଙ୍କର ତୂଳୀ ଓ ନିହାଣ ମୁନରୁ ଦେଶପ୍ରେମର ଭାବ ଓ ଭାବନା ରୂପ ନେଇ ଦେଶବାସୀଙ୍କୁ ପ୍ରଭାବିତ କରିପାରିଲା।

ସେ ସମୟରେ ଶାନ୍ତିନିକେତନ କଳାଭବନରେ କାନଭାସ୍ କିମ୍ବା ତୈଳରଙ୍ଗ ଚିତ୍ରର ପ୍ରଚଳନ ନଥିଲା। କାରଣ ସେ ସବୁ ଥିଲା ପାଶ୍ଚାତ୍ୟ ଦେଶରେ କଳାସୃଷ୍ଟିର ପ୍ରୟୋଜନୀୟ ସାମଗ୍ରୀ। ବ୍ୟାବସାୟିକ କଳା (Commerical Art / Applied Art)କୁ ସ୍ଥାନ ଦେଇ ନଥିବାର ଉଦ୍ଦେଶ୍ୟ ଥିଲା ଯେ, ଶିକ୍ଷା କ୍ଷେତ୍ରରେ ବ୍ୟାବସାୟିକ କଳାପ୍ରତି ଛାତ୍ରଛାତ୍ରୀ ଆଗ୍ରହୀ ହୋଇ ପଡିଲେ, କଳା ଶିକ୍ଷାର ଅସଲ ମାର୍ମିକ ତତ୍ତ୍ୱଠାରୁ ଦୂରେଇ ଯାଇ ଅର୍ଥୋପାର୍ଜନ ପ୍ରତି ଅଧିକ ଆକୃଷ୍ଟ ହୋଇ ବସିବେ, ଯଦ୍ୱାରା କଳାଶିକ୍ଷା ମାନଦଣ୍ଡର ଅବକ୍ଷୟ ଘଟିବ।

ସେତେବେଳେ ପାଠ୍ୟକ୍ରମରେ ଚିତ୍ରାଙ୍କନ ପାଇଁ ନେପାଳୀ ପେପର, ଚାଇନିଜ୍ ପେପର, ଟସର ଓ ମଠା କନାକୁ ଗ୍ରାଉଣ୍ଡ ରୂପେ ବ୍ୟବହାର କରାଯାଉଥିଲା। ବିଦେଶୀ ଢଙ୍ଗରେ Nude Study ପ୍ରତି ଆଚାର୍ଯ୍ୟ ନନ୍ଦଲାଲ ବା ପ୍ରଫେସର ରାମକିଙ୍କର ଇଚ୍ଛା ପ୍ରକାଶ କରୁ ନଥିଲେ। ରାମକିଙ୍କରଙ୍କ ଭାଷାରେ ଆମ ଭାରତୀୟ କୃଷକ ବା ସାଧାରଣ ମଣିଷ

ବିଦେଶୀମାନଙ୍କ ଭଳି ଶରୀରକୁ ସମ୍ପୂର୍ଣ୍ଣ ଆବୃତ୍ତ କରିନଥାନ୍ତି। ଶରୀରର ଅର୍ଦ୍ଧେକ ଅଂଶ ଖୋଲା ଥାଏ। ତେଣୁ ନ୍ୟୁଡ୍ ଷ୍ଟଡିର ଯଥାର୍ଥତା ବା କ'ଣ ? କିନ୍ତୁ ମନୁଷ୍ୟ ବା ପଶୁପକ୍ଷୀମାନଙ୍କର ଆନାଟୋମୀ କ୍ଷେତ୍ରରେ Skeleton Study ନିତାନ୍ତ ପ୍ରୟୋଜନ। ତେଣୁ କଙ୍କାଳ ଷ୍ଟଡି ପ୍ରତି ଧ୍ୟାନ ଦିଆ ଯାଉଥିଲା। Indoor Studyରେ ବସ୍ତ୍ର ପରିଧାନ କରିଥିବା ନାରୀ ବା ପୁରୁଷ ତଥା Still Life Study ମଧ୍ୟ ପ୍ରଚଳନ ଥିଲା। Sketch (ଚିତ୍ରାଙ୍କନ) ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆ ଯାଉଥିଲା। ପ୍ରକୃତିକୁ ଅନୁଧ୍ୟାନ କରିବା ବା ପ୍ରକୃତି କୋଳରେ ବସି ଚିତ୍ରାଙ୍କନ କରିବା ଆଶ୍ରମର ଏକ ବିଶେଷତ୍ୱ ଥିଲା। ପ୍ରକୃତିକୁ ଆପଣେଇ ନେଇ ପାରିଲେ ଭୂଦୃଶ୍ୟ ବା Landscape Study ସହଜ ହୋଇଥାଏ। ଲିନୋକଟ୍ ବା ଉଡ୍‌କଟ୍ ଭଳି ଗ୍ରାଫିକ୍ ଆର୍ଟ ସାଧାରଣ ଶିକ୍ଷାରେ ପ୍ରଚଳନ ଥିଲା। ଗ୍ରାଫିକର ସ୍ୱତନ୍ତ୍ର ଶିକ୍ଷା ପାଇଁ କେତେକ କଳକବ୍‌ଜା ଓ ଲିଥୋଷ୍ଟୋନ୍‌ର ମଧ୍ୟ ପ୍ରଚଳନ ଥିଲା। ବିଭିନ୍ନ ଡିଜାଇନ୍ ତଥା ଆଲପନା ଓ ଚମଡା ଉପରେ ବିଭିନ୍ନ କ୍ରାଫ୍ଟ ଓ ବାଟିକ୍‌ର ଅତି ଉଚ୍ଚକୋଟୀର କାମ ହେଉଥିଲା। ଛାତ୍ରଛାତ୍ରୀମାନଙ୍କର ଏ କାର୍ଯ୍ୟ ପ୍ରତି ମଧ୍ୟ ଆଗ୍ରହ ଥାଏ। ଏପରିକି କେତେକ ଛାତ୍ରଛାତ୍ରୀ ତାଙ୍କ କର୍ମମୟ ଓ ବୃତ୍ତିଗତ ଜୀବନରେ ଏହି ବାଟିକ୍ କାମକୁ ଏକ ଜୀବିକା ରୂପେ ଗ୍ରହଣ କରିଥାଆନ୍ତି। ପେଣ୍ଟିଙ୍ଗ୍ ବା ଡିଜାଇନ୍ ଭଳି କଳାତ୍ମକ କାର୍ଯ୍ୟରେ ବିଦେଶୀ ଢ଼ଙ୍ଗର ଗନ୍ଧ ନଥାଏ। ଆର୍ଥ (Earth) ରଙ୍ଗର ପ୍ରଚଳନ ଥିଲା। ଉଇନସର ନିୟୁଟନ ରଙ୍ଗର ବ୍ୟବହାର ଥିଲେ ମଧ୍ୟ ଏଗ୍ ଟେମ୍ପେରା ବା ସ୍କ୍ରୋଲ୍ ପେଣ୍ଟିଙ୍ଗ୍‌ରେ ଆର୍ଥ କଲର ବ୍ୟବହୃତ ହେଉଥିଲା। ଅଜନ୍ତା ଗୁମ୍ଫାର କର୍ମ କୌଶଳ ଓ ଧ୍ୟାନ ଧାରଣାକୁ ଆଧାରକରି ଅଙ୍କନ କରିବା ଆମ୍ଭମାନଙ୍କର ମୂଳ ମନ୍ତ୍ର ଥିଲା। ମୂର୍ତ୍ତି ଗଠନ ପ୍ରକ୍ରିୟାରେ ମଧ୍ୟ ସ୍ୱଦେଶୀ ଢଙ୍ଗରେ ଆଦର୍ଶ ଓ କର୍ମକୌଶଳକୁ ପ୍ରାଧାନ୍ୟ ଦିଆଯାଉଥିଲା। ଭାରତ ବିଖ୍ୟାତ ପ୍ରଫେସର ରାମକିଙ୍କର ମୂର୍ତ୍ତିକଳା ବିଭାଗରେ ଶିକ୍ଷାଦାନ କରୁଥିଲେ। ମୂର୍ତ୍ତିକଳା କ୍ଷେତ୍ରରେ ତାଙ୍କଠାରେ ଥିବା ବିଶେଷତ୍ୱକୁ ଲକ୍ଷ୍ୟକରି ରବୀନ୍ଦ୍ରନାଥ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ତାଙ୍କୁ ଛୋଟ ବେଳରୁ ଶାନ୍ତିନିକେତନ ଆଶ୍ରମକୁ ଆହ୍ୱାନ କରିଥିଲେ। ତାଙ୍କଠାରେ ଥିବା ସୃଜନ ଶକ୍ତି ନନ୍ଦଲାଲଙ୍କର ସାନ୍ନିଧ୍ୟରେ ବିକାଶ ଲାଭ କରିଥିଲା। ପ୍ରଫେସର ରାମକିଙ୍କର ଶିଳ୍ପୀ ଭାବେ କେବଳ ଶାନ୍ତିନିକେତନ କାହିଁକି, ସାରା ଭାରତରେ ପ୍ରସିଦ୍ଧି ଲାଭ କରିଥିଲେ। ମୂର୍ତ୍ତିକଳା କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ରତା ବାରି ହୋଇପଡେ। ଶାନ୍ତିନିକେତନର ଭିତରେ ଥିବା ମୂର୍ତ୍ତିସମୂହ ତଥା ଦିଲ୍ଲୀସ୍ଥିତ ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ଥିବା ଯକ୍ଷମୂର୍ତ୍ତି ରାମକିଙ୍କରଙ୍କ ଭାରତୀୟ ଶୈଳୀର ବିଶେଷତ୍ୱରେ ଭାରତର ଅନ୍ୟ ବିଶିଷ୍ଟ ମୂର୍ତ୍ତି କଳାକାରମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଶୈଳୀର ବୋଲି ବାରି ହୋଇଯାଏ।

ଏଠାରେ ବିନୋଦ ବିହାରୀ ମୁଖୋପାଧ୍ୟାୟଙ୍କ (Professor in Theory) ବିଷୟ ଉଲ୍ଲେଖଯୋଗ୍ୟ। ସେ ଦୃଷ୍ଟିହୀନ। ତାଙ୍କର ବାସଭବନ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଅବସ୍ଥିତ। ତେଣୁ ଥିଓରି ଶିକ୍ଷା ଗ୍ରହଣ ନିମନ୍ତେ ତାଙ୍କ ବାସଭବନ ସମ୍ମୁଖରେ ଥିବା ଘାସ ପଡିଆରେ ଆମ୍ଭମାନଙ୍କୁ ଏକତ୍ରିତ ହୋଇ ବସିବାକୁ ପଡିଥାଏ। ସମସ୍ତ ଛାତ୍ରଛାତ୍ରୀ ଚକ୍ରାକାରରେ ଅବସ୍ଥାନ କରିବା ପରେ ବିନୋଦ ଦା'ଙ୍କ ସହଧର୍ମିଣୀ ସମସ୍ତଙ୍କ ମଝିରେ ଗୋଟିଏ ବେତମୋଡା ପକାଇ ଦିଅନ୍ତି। ବିନୋଦ ଦା' ସେହି ଚଉକିରେ ବସି ଆମ୍ଭମାନଙ୍କୁ ଶିକ୍ଷାଦାନ କରନ୍ତି। ସେ ଜ୍ଞାନ ଓ ଧୀଶକ୍ତିରେ କି ବିଚିତ୍ର ! ସେ ତାତ୍ତ୍ୱିକ ଜ୍ଞାନରେ ଅତି ପ୍ରବୀଣ ଏବଂ ତାଙ୍କ ଶିକ୍ଷାଦାନ ଶୈଳୀ ଅତି ସରଳ, ମଧୁର ଏବଂ ଉଚ୍ଚକୋଟୀର। ଏଠାରେ ଉଲ୍ଲେଖନୀୟ ଯେ, ଗୋଟିଏ ପୁସ୍ତକରେ ଥିବା କୌଣସି ଏକ ପୃଷ୍ଠାର ଚିତ୍ରରେ ଥିବା କମ୍ପୋଜିସନରେ କେଉଁଠାରେ କ'ଣ ଚିତ୍ରିତ, ସେହିପୃଷ୍ଠାରେ ହାତ ବୁଲାଇ ନିର୍ଦ୍ଦିଷ୍ଟ ଚିତ୍ରଟିକୁ ଆମ୍ଭମାନଙ୍କୁ ଦେଖାଇ ବିଷୟ ସହିତ ଚିତ୍ରର ସମ୍ପର୍କ ଓ ତାତ୍ପର୍ଯ୍ୟକୁ ସେ ବୁଝାଇ ଦିଅନ୍ତି। ଜଣେ ଦୃଷ୍ଟିହୀନ ବ୍ୟକ୍ତିଙ୍କର ଏ ସାଧନା ଆମ୍ଭମାନଙ୍କୁ ଚମତ୍କୃତ କରିପକାଉଥିଲା । ଏ ଶକ୍ତି ଭଗବାନଙ୍କର ଆଶୀର୍ବାଦ ବ୍ୟତୀତ ଆଉ କ'ଣ ବା ହୋଇପାରେ !

ଉଲ୍ଲେଖନୀୟ ଯେ, ପ୍ରଫେସର ବିନୋଦ ବିହାରୀ ବାସ୍ତବରେ ଜନ୍ମାନ୍ଧ ନଥିଲେ। ଯୁବକ ବୟସରେ ତାଙ୍କର ଚିତ୍ରାଙ୍କନରେ ଯଥେଷ୍ଟ ପରିପକ୍ୱ ଯୋଗ୍ୟତା ଥିଲା ଏବଂ ସେ ଅସଂଖ୍ୟ ଚିତ୍ର ମଧ୍ୟ ଆଙ୍କିଥିଲେ। ସେ ସମୟରେ କଳାଭବନର 1st year ପକ୍କା ଛାତ ସିଲିଙ୍ଗ୍‌ରେ ତାଙ୍କର ଯେଉଁସବୁ ଫ୍ରେସ୍କୋଚିତ୍ର ରହିଛି ସେସବୁକୁ ନିରୀକ୍ଷଣ କରି ଦେଖିଲେ ପ୍ରଫେସର ବିନୋଦ ବିହାରୀଙ୍କର ଦୃଷ୍ଟିହୀନତାର ପୂର୍ବ ସମୟର ଅଙ୍କନ ଦକ୍ଷତାକୁ ଜାଣିହୁଏ। ତାଙ୍କର ଶିକ୍ଷାଦାନ ସମୟରେ ଗୋଟିଏ ବୋର୍ଡ ଉପରେ ଚକ୍ ଖଡି ଖଣ୍ଡେ ଧରି ମନୁଷ୍ୟ ଚିତ୍ରାଙ୍କନ କରୁଥିବା ସମୟର ଦୃଶ୍ୟ ଆମ୍ଭମାନଙ୍କୁ ଚମତ୍କୃତ କରିପକାଉଥିଲା। ଦୃଷ୍ଟିହୀନତା ଭାଗ୍ୟର ଏକ ବିଡମ୍ବନା ହେଲେ ମଧ୍ୟ ସେ ପ୍ରଭୁଆଶ୍ରିତ ଥିବାରୁ ଏସବୁ ବିଚିତ୍ର ଗୁଣର ଅଧିକାରୀ ଥିଲେ। ବିନୋଦ ବିହାରୀ ମୁଖୋପାଧ୍ୟାୟଙ୍କର ଫ୍ରେସ୍କୋ ଚିତ୍ରାଙ୍କନ ଢ଼ଙ୍ଗର ଅନୁରୂପ ଯୋଗ୍ୟତା ପ୍ରଫେସର ସୁଖୋମୟ ମିତ୍ରଙ୍କଠାରେ ମଧ୍ୟ ଦେଖାଯାଏ। ଏସବୁ ମୋ ନିଜ ଆଖିରେ ଛାତ୍ର ଜୀବନରେ ଦେଖିବାର ସୌଭାଗ୍ୟ ଲାଭ କରିଛି। ସେଭଳି ଗୁରୁମାନଙ୍କର ଆଶୀର୍ବାଦ ଭଗବତ୍ ଆଶିଷ କହିଲେ ଅତ୍ୟୁକ୍ତି ହେବନାହିଁ।

ପୁରୀ ନିବାସୀ ଗିରିଧାରୀ ମହାପାତ୍ର, ଶ୍ରୀଧର ମହାପାତ୍ର ଓ ଭୋବନି ମହାପାତ୍ର ଆଦି ଜଣେ ଜଣେ ଉଚ୍ଚକୋଟୀର ପଥର ମୂର୍ତ୍ତିର ଶିଳ୍ପୀ ଅଟନ୍ତି। ସେମାନଙ୍କର କାର୍ଯ୍ୟ କୌଶଳ

ଓ ମାନବୀୟ ଗୁଣରେ ମୁଗ୍ଧ ହୋଇ ନନ୍ଦଲାଲ ସେମାନଙ୍କୁ ଶାନ୍ତିନିକେତନକୁ ନିମନ୍ତ୍ରଣ କରିଥିଲେ। ସେମାନେ ଶାନ୍ତିନିକେତନ କଳାଭବନରେ ପ୍ରାଚ୍ୟ ଶୈଳୀ (Oriental Style)ରେ କାର୍ଯ୍ୟ କରିବାରେ ସିଦ୍ଧହସ୍ତ। ସେହି ଶିଳ୍ପୀମାନଙ୍କ ମଧ୍ୟରୁ ଜନୈକ ଶିଳ୍ପୀ ନନ୍ଦଲାଲଙ୍କର ଗୋଟିଏ ସରସ୍ୱତୀ ଚିତ୍ରକୁ ଅବିକଳ ନକଲ କରି ବହୁ ରୂପାନ୍ୱେଷୀଙ୍କ ଭୂୟସୀ ପ୍ରଶଂସାର ପାତ୍ର ହୋଇ ପାରିଥିଲେ। ଏହି ମୂର୍ତ୍ତି ଓ ଚିତ୍ର ଉଭୟ ଏବେ ମଧ୍ୟ ଅତ୍ୟନ୍ତ ଯତ୍ନର ସହିତ କଳାଭବନର ମ୍ୟୁଜିଅମ୍‌ରେ ସଂରକ୍ଷିତ ହୋଇ ରହିଅଛି। ନନ୍ଦଲାଲ ଓଡ଼ିଶାର କଳା ଓ କଳାକାରମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେଉଥିଲେ।

ଶିଳ୍ପୀ ନନ୍ଦଲାଲଙ୍କର ଭାଷାରେ ଜଣେ ଶିଳ୍ପୀର ପ୍ରକୃତି (Nature) ପ୍ରତି ଶ୍ରଦ୍ଧାର ସହିତ ଧ୍ୟାନ ଓ ଧାରଣା ରହିବା ବିଧେୟ। ଦ୍ୱିତୀୟରେ, ପୁରାତନ କଳା ତଥା ଅଭିଜ୍ଞତା ସମ୍ପନ୍ନ ଶିଳ୍ପୀମାନଙ୍କର କଳାକୃତିକୁ ଯତ୍ନର ସହିତ ନିରୀକ୍ଷଣ କରିବା ମଧ୍ୟ ଆବଶ୍ୟକ। ଏହା ବ୍ୟତୀତ ଜଣେ ଛାତ୍ର ତାର ନିଜସ୍ୱ ଢ଼ଙ୍ଗରେ ସୃଷ୍ଟି କରିବା ଉଚିତ୍, ଯେପରି କି କଳା ମାଧ୍ୟମରେ ସେ ତାର ନିଜସ୍ୱ ପରିଚୟ ଦେବାରେ ସକ୍ଷମ ହୋଇପାରୁଥିବ। ଶାନ୍ତିନିକେତନ କଳା ଶିକ୍ଷାର କଳାତ୍ମକ ସର୍ଜନାରେ ଶିକ୍ଷକଙ୍କର କୌଣସି ବାଧ୍ୟବାଧକତା ନଥାଏ, ପ୍ରଭାବ ପଡିଲେ ମଧ୍ୟ ଶିକ୍ଷାରେ ସ୍ୱାତନ୍ତ୍ର୍ୟ ପ୍ରତି ଯଥେଷ୍ଟ ଯତ୍ନ ଓ ଦୃଷ୍ଟି ଦିଆଯାଏ। ଅନ୍ୟ ଏକ ବିଶେଷତ୍ୱ ଏହି ଯେ, ପ୍ରକୃତି ଅଙ୍କନ କ୍ଷେତ୍ରରେ ତାହା ଫଟୋଗ୍ରାଫି ସଦୃଶ ଅବିକଳ ନକଲ କରିବା ଭାରତୀୟ ଶୈଳୀର ଆଦର୍ଶ ନୁହେଁ। ପ୍ରକୃତିର ଅସଲ ବିଶେଷତ୍ୱ ବା Spirit of Nature କୁ ରଙ୍ଗତୂଳୀ ମାଧ୍ୟମରେ ପ୍ରକାଶ କରିବା ହିଁ ମୂଳ ଲକ୍ଷ୍ୟ ହେବା ଉଚିତ୍।

ଭାରତୀୟ ଚିତ୍ରାଙ୍କନ ପଦ୍ଧତିରେ ଶାସ୍ତ୍ର ମତେ ଛଅଗୋଟି ଅଙ୍ଗ ପରିଲକ୍ଷିତ, ଯଥା; ରୂପ ଭେଦ, ପ୍ରମାଣାନି, ଭାବ ଲାବଣ୍ୟ ଯୋଜନମ୍, ସାଦୃଶ୍ୟ, ବର୍ଣ୍ଣାକା ଭଙ୍ଗ ଇତି ଚିତ୍ରଂ ଷଡଙ୍ଗକମ୍। ଚୀନ୍ ଦେଶର କଳାକ୍ଷେତ୍ରରେ ମଧ୍ୟ ଏହି ଭଳି ଷଡଙ୍ଗର ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ। ସେଥିପାଇଁ ଶାନ୍ତିନିକେତନରେ ସେ ସମୟରେ ଚାଇନିଜ୍ କଳାର ପ୍ରଚଳନ ଥିଲା। ଏହି ସ୍ୱତନ୍ତ୍ର ଶିକ୍ଷାଦାନ ନିମନ୍ତେ ଚୀନ୍ ଚିତ୍ରକଳାର ସୁନାମଧନ୍ୟ ଓ ପ୍ରଖ୍ୟାତ ଶିଳ୍ପୀ ପ୍ରଫେସର ରାମ ମନୋହର ସିନ୍‌ହା କଳାଭବନରେ ନିଯୁକ୍ତି ପାଇଥିଲେ। ଏହି ସ୍ୱତନ୍ତ୍ର ଶିକ୍ଷାରେ ସ୍ୱଳ୍ପ କେତେଜଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମୋତେ ଶିକ୍ଷା ଲାଭର ସୌଭାଗ୍ୟ ମିଳିଥିଲା। ପରବର୍ତ୍ତୀ ସମୟରେ ମୋର ବୃତ୍ତିଗତ ଜୀବନରେ ଭାରତୀୟ କଳାର ସ୍ୱତନ୍ତ୍ର ଶିକ୍ଷା ସହିତ ଚୀନ୍ ଚିତ୍ରକଳାର ମିଶ୍ରଣରେ ଏକ ନିଜସ୍ୱ କଳାର ଧାରା ସୃଷ୍ଟି କରିବାରେ ଭଗବାନଙ୍କର ଆଶୀର୍ବାଦ ଲାଭ କଲି।

ଶାନ୍ତିନିକେତନ ଆଶ୍ରମରେ ଗୁରୁଶିଷ୍ୟ ପରମ୍ପରାର ସ୍ଥାନ ଅତି ଉଚ୍ଚରେ ରହିଥିବା କଥାଟିକୁ ଯେ କୌଣସି ଆଗନ୍ତୁକ ଅତି ସହଜରେ ଉପଲବ୍ଧି କରିପାରୁଥିଲେ। ଜଣେ ଛାତ୍ର ସାକ୍ଷାତ୍‌ରେ ଗୁରୁଙ୍କ ଚରଣ ସ୍ପର୍ଶ କରି ପ୍ରଣତି ଜଣାଇବା ଥିଲା ଏକ ପବିତ୍ର ପ୍ରଥା।

ଶ୍ରେଣୀଗୃହ ଶିକ୍ଷାର ସମାପ୍ତି ପରେ କେବେକେବେ ଶିକ୍ଷକମାନଙ୍କର ବାସଭବନକୁ ଯାଇ ତାଙ୍କର ଚିତ୍ରାଙ୍କନ ସମୂହ ନିରୀକ୍ଷଣ କରି ନିଜସ୍ୱ ଜ୍ଞାନ ଆହରଣ ନିମନ୍ତେ କିଛି ସମୟ ଅତିବାହିତ କରିବାରେ ଆମ୍ଭମାନଙ୍କ ପାଇଁ କୌଣସି ବାଧା ନଥିଲା। ଗୁରୁମାନଙ୍କର ହାର୍ଦ୍ଦିକତାପୂର୍ଣ୍ଣ ଆଳାପ ଆଲୋଚନା ଏବଂ ଗୁରୁପତ୍ନୀଙ୍କ (ପ୍ରଚଳିତ ଡାକରେ ମାସୀମା)ଙ୍କର ସସ୍ନେହ ଆତିଥ୍ୟ ଥିଲା ଅତ୍ୟନ୍ତ ସ୍ୱାଭାବିକ ଓ ସ୍ୱଚ୍ଛ। ସାଧାରଣତଃ ଆଜିକାଲିର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଏ ଭଳି ଧାରା ଆଦୌ ଦେଖିବାକୁ ମିଳେନାହିଁ। ଏଥିପାଇଁ ଶାନ୍ତିନିକେତନକୁ ପବିତ୍ର ଓ ଶାନ୍ତ ପରିବେଶର ଏକ ଆଶ୍ରମ ଆଖ୍ୟା ଦିଆଯାଇଥାଏ। ସେଠାରେ ମୋର ଚାରିବର୍ଷ ଓ କିଛି ଊର୍ଦ୍ଧ୍ୱ କାଳର ରହଣିରେ ଯାହା ସବୁ ଅଙ୍ଗେ ନିଭେଇଛି ବା ହୃଦୟଙ୍ଗମ କରି ପାରିଛି, ସେଥିରୁ ସେହି ପବିତ୍ର ସ୍ଥାନ ଶାନ୍ତିନିକେତନକୁ ମର୍ତ୍ତ୍ୟରେ ଏକ ଭୂସ୍ୱର୍ଗ ଭାବେ ଅନ୍ତରରେ ସ୍ଥାନ ଦେଇପାରିଛି।

ଆଜି ଏହି ବାର୍ଦ୍ଧକ୍ୟରେ ମଧ୍ୟ କର୍ତ୍ତବ୍ୟର ଡ଼ୋରିରେ ଟାଣିହୋଇ କେତେଥର ପରୀକ୍ଷକ ଭାବେ ବା ଭ୍ରମଣରେ ପବିତ୍ର ପୀଠ ଶାନ୍ତିନିକେତନ ଯିବାର ସୌଭାଗ୍ୟ ଲାଭ କରିଛି। କୌଣସି ଅତିଥି ଶାଳାରେ ନରହି ମୋର ବନ୍ଧୁ ତଥା କଳା ଭବନର ପରବର୍ତ୍ତୀ ସମୟର ପ୍ରଫେସର ସେଲିମ୍ ମୁନ୍‌ସିଙ୍କ ବାସଭବନରେ ରହି ପୂର୍ବ ଓ ବର୍ତ୍ତମାନର ଶାନ୍ତିନିତେନ ବିଷୟରେ ଅନେକ ଆଳାପ ଆଲୋଚନା କରିବାର ସୁଯୋଗ ପାଇଛି। ଅନେକ ଦୃଷ୍ଟିକୋଣରୁ ଶାନ୍ତିନିକେତନର ବହୁବିଦ୍ଧ ପରିବର୍ତ୍ତନ ହୋଇଥିଲେ ମଧ୍ୟ ସେହି ପବିତ୍ର ଭୂମି ଏବେ ବି ମୋତେ ମୋର ସେହି ଛାତ୍ର ଜୀବନର ସମତୁଲ ଆନନ୍ଦ ଦେଇପାରୁଛି।

ସେ ସମୟରେ ମୋର ଗୁରୁ ତଥା ଆଶ୍ରମର ପରିଚିତ ବ୍ୟକ୍ତିମାନେ ଆଉ ନାହାନ୍ତି। ୧୯୬୦ ବା ୬୧ ମସିହାର ଗୁରୁ ବା କର୍ମଚାରୀମାନେ ସମୟର କରାଳ ସ୍ରୋତରେ ଅନେକ ହଜି ଗଲେଣି, ତଥାପି ସେହି ପରିବେଶର ରଙ୍ଗ ମାଟିକୁ ଦେଖି ମନରେ ଆନନ୍ଦ ଓ ହୃଦୟରେ କୋହ ଆସିଯାଏ। ସମୟ କାହାକୁ ଅପେକ୍ଷା କରେନାହିଁ। କର୍ତ୍ତବ୍ୟ ସରିଲେ ସଭିଏଁ ବାହୁଡ଼ିଯାଆନ୍ତି କିନ୍ତୁ ସେ ସମୟର ବାସ୍ତବତାର ମମତା ଓ ମାଟି ଖଣ୍ଡକର ମୋହ ଆତ୍ମାରେ ଯେଉଁ ରେଖାପାତ କରିଅଛି ତାହା ହିଁ ମୋ ଜୀବନର ଅମୂଲ୍ୟ ଓ ଅଭୁଲା ସ୍ମୃତି।●●●

## ନନ୍ଦଲାଲ ବୋଷଙ୍କ ସଂକ୍ଷିପ୍ତ ଜୀବନୀ

ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ - ଏହି ଭଗବତ ବାଣୀର ଯଥାର୍ଥତା ମାନବ ସମାଜ ପ୍ରତ୍ୟେକ ଯୁଗରେ ମର୍ମେ ମର୍ମେ ଉପଲବ୍ଧି କରିଆସିଛି। ଧର୍ମ ବା ସଂସ୍କାର ବିରୋଧୀ ଭାବର ଘୃଣ୍ୟ ଆଚରଣ, ସାମାଜିକ ଜୀବନ ତଥା ସଂସ୍କୃତିକୁ ପଦାଘାତ କରି ନିମ୍ନଗାମୀ କରିବସେ ଓ ଏହା ଦ୍ୱାରା ଦେଶର କଳା ଓ ସଂସ୍କୃତି ଆଘାତପ୍ରାପ୍ତ ଓ ବିକୃତ ହୋଇଯାଏ।

ଦୀର୍ଘ ଦିନର ବିଦେଶୀ ପ୍ରଲୋଭନ ଆମ ଦେଶର କଳା ଓ ସଂସ୍କୃତିର ମେରୁଦଣ୍ଡକୁ ଦୁର୍ବଳ କରି ପକାଇଲା। ଅଷ୍ଟାଦଶ ଶତାବ୍ଦୀର ଶେଷ ବା ଉନବିଶଂର ପ୍ରାରମ୍ଭ ବେଳକୁ ଭାରତରେ ବିଦେଶୀ ସଂସ୍କୃତିର ପ୍ରଭାବ, କଳା ଓ ସଂସ୍କୃତିପ୍ରେମୀଙ୍କ ହୃଦୟରେ ଗଭୀର ଆଘାତ ଆଣି ଦେଇଥିଲା। ଭାରତର ସ୍ୱାଧୀନତାପ୍ରେମୀ ଲେଖକ, କବି ଓ ଶିଳ୍ପୀ ସମସ୍ତେ ମର୍ମାହତ ହୋଇ ଏକମନ ଓ ଏକପ୍ରାଣ ହୋଇ ମାତୃଭୂମିର ମୁକ୍ତି ନିମନ୍ତେ ବିଦ୍ରୋହର ମଶାଲ ଜାଳିଲେ।

ଧର୍ମରକ୍ଷା ନିମନ୍ତେ ଯୁଗେ ଯୁଗେ ବିଭିନ୍ନ ଅବତାରରେ ମହାପୁରୁଷଙ୍କ ଆବିର୍ଭାବ ଭଳି କଳା କ୍ଷେତ୍ରରେ ସଂରକ୍ଷଣ, ସଂସ୍କାର ଓ ପୁନରୁଦ୍ଧାର ପାଇଁ ମହାନ ଶିଳ୍ପୀ ନନ୍ଦଲାଲ ବୋଷଙ୍କର ଆବିର୍ଭାବ ହେଲା। ଶିଳ୍ପୀ ନନ୍ଦଲାଲ ଭାରତୀୟ କଳାକୁ କେବଳ ବଞ୍ଚାଇ ରଖିବାର ପ୍ରୟାସ କରିନଥିଲେ, ବରଂ ସେ ସ୍ୱଦେଶୀ କଳାକୁ ସମ୍ପୂର୍ଣ୍ଣ ଭାରତୀୟବୋଧର ସଂଯୋଗରେ ଭାରତୀୟ କଳାର ପୁନଃଜୀବନ ଆଣିଦେଲେ। ଏହି ଅବଦାନ ପାଇଁ ଶିଳ୍ପୀ ନନ୍ଦଲାଲଙ୍କୁ ଯୁଗସ୍ରଷ୍ଟା ଆଖ୍ୟା ଦେବା ବିଧେୟ। ସେହି ମହାନ ଶିଳ୍ପୀ ଯଥାର୍ଥରେ ଶିଳ୍ପୀକୁଳ ତଥା ମାନବ ସମାଜର ପୂଜ୍ୟ ଓ ନମସ୍ୟ।

ମହାନ ଶିଳ୍ପୀ ନନ୍ଦଲାଲ ବୋଷଙ୍କର ଜୀବନୀ କଳା ଜଗତ ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ। ତାଙ୍କ ଜୀବନର ଗୋଟିଏ ଦିଗ କଳା ସାଧନା ଓ ଅନ୍ୟ ଦିଗଟି ସୁମାନବିକତାର ବିକାଶ ଏବଂ ସେ ଏହି ଉଭୟ ଗୁଣର ଅଧିକାରୀ ଥିଲେ। ତାଙ୍କ ଆଦର୍ଶ ତଥା ସାଧନାମୟ ଜୀବନର ଏହା ଏକ ସଂକ୍ଷିପ୍ତ ପ୍ରକାଶ।

ଶିଳ୍ପୀ ନନ୍ଦଲାଲ ୧୮୮୨ ମସିହା ଡିସେମ୍ବର ୩ ତାରିଖରେ ବିହାରସ୍ଥ ମୁଙ୍ଗେର ଜିଲ୍ଲାର ଖଡଗପୁର ସହରରେ ଜନ୍ମଗ୍ରହଣ କରିଥିଲେ। ପିତା ପୂର୍ଣ୍ଣଚନ୍ଦ୍ର ବୋଷ ଦରଭଙ୍ଗା ମହାରାଜାଙ୍କ ଅଧୀନରେ ଷ୍ଟେଟ୍ ମ୍ୟାନେଜର ତଥା ସ୍ଥପତି ରୂପେ କାର୍ଯ୍ୟ କରୁଥିଲେ। ନନ୍ଦଲାଲଙ୍କର ବାଲ୍ୟ ଜୀବନର ଅଧିକାଂଶ ସମୟ ସେହିଠାରେ ହିଁ କଟିଥିଲା। ତାଙ୍କର ମାତା କ୍ଷେତ୍ରମଣିଙ୍କ ତିରୋଧାନ ପରେ ୧୩ ବର୍ଷ ବୟସ୍କ ନନ୍ଦଲାଲ୍ ପିତାଙ୍କ ସହ ଆସି କଲିକତା ନଗରୀରେ ବସବାସ କଲେ। ସ୍କୁଲଶିକ୍ଷା ଶେଷ ହେବା ପରେ ସାଧାରଣ ଶିକ୍ଷାର ଗତାନୁଗତିକ ସୀମା ସରହଦ ଭିତରେ ଶିଳ୍ପୀ ନନ୍ଦଲାଲ ବାନ୍ଧିହୋଇ ରହିପାରିଲେ ନାହିଁ। ସେତେବେଳକୁ ତାଙ୍କର ଅନ୍ତର୍ନିହିତ ସୃଜନୀ ଶକ୍ତି ପ୍ରକାଶ କରିବା ସମୟ ଆସି ସାରିଥିଲା। ତେଣୁ ତାଙ୍କର ଅଭିଭାବକ ୧୯୦୫ ମସିହାରେ କଲିକତା ସରକାରୀ କଳା ବିଦ୍ୟାଳୟରେ ତାଙ୍କ ନାମ ଲେଖାଇ ଦେଲେ ଏବଂ ନନ୍ଦଲାଲ ନିଜର ଯୋଗ୍ୟତା ବଳରେ ବୃତ୍ତିଧାରୀ ଛାତ୍ର ରୂପେ ଅଧ୍ୟୟନ ଆରମ୍ଭ କଲେ ।

ତତ୍କାଳୀନ ଅଧ୍ୟକ୍ଷ ଇ.ବି. ହାଭେଲ ବିଦେଶୀ ହେଲେ ମଧ୍ୟ ଭାରତୀୟ କଳାର ଥିଲେ ପୃଷ୍ଠପୋଷକ। କଲିକତା କଳା ବିଦ୍ୟାଳୟର ଶିକ୍ଷା ପଦ୍ଧତି ପୂର୍ବରୁ ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଢାଞ୍ଚାର ଥିଲା। ହାଭେଲ ସାହେବ କଳା କ୍ଷେତ୍ରରେ ଚାରୁ ଓ କାରୁକଳା ଉଭୟକୁ ପ୍ରଚଳନ କରି ପ୍ରାଚ୍ୟ ଢ଼ାଞ୍ଚାରେ କଳା ଶିକ୍ଷା କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିଲେ ଏବଂ ଏହା ତାଙ୍କର ଭାରତୀୟ କଳା ଜଗତକୁ ଥିଲା ଶ୍ରେଷ୍ଠ ଅବଦାନ। ଲବ୍ଧପ୍ରତିଷ୍ଠ ଶିଳ୍ପୀ ଅବନୀନ୍ଦ୍ରନାଥ ଠାକୁର ଥିଲେ ଭାରତୀୟ କଳା କ୍ଷେତ୍ରରେ ଏକ ନୂତନ ଆନ୍ଦୋଳନର ଅନ୍ୟତମ ନାୟକ। ଅବନୀନ୍ଦ୍ରନାଥ ୧୯୦୫ ମସିହାରେ କଲିକତା କଳା ବିଦ୍ୟାଳୟରେ ଉପାଧ୍ୟକ୍ଷ ଭାବରେ ଯୋଗ ଦେଇଥିଲେ। ଅବନୀନ୍ଦ୍ରନାଥଙ୍କର ଭାରତୀୟ କଳାର ଗୁଣାତ୍ମକ ଆବେଦନ ନନ୍ଦଲାଲଙ୍କୁ ମୁଗ୍ଧ କରିଥିଲା। ନନ୍ଦଲାଲଙ୍କର ସୃଜନୀ ଶକ୍ତି ତଥା ନିଷ୍ଠାପରତା ମଧ୍ୟ ଅବନୀନ୍ଦ୍ରନାଥଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଆକର୍ଷଣ ହିଁ ନନ୍ଦଲାଲଙ୍କୁ ଅବନୀନ୍ଦ୍ରନାଥଙ୍କ ନିକଟବର୍ତ୍ତୀ କରାଇ ପାରିଥିଲା। ନନ୍ଦଲାଲ ଥିଲେ ଅବନୀନ୍ଦ୍ରନାଥଙ୍କର ପ୍ରଥମ ଓ ପ୍ରିୟତମ ଛାତ୍ର।

ବଙ୍ଗଭଙ୍ଗ ଆନ୍ଦୋଳନ ଜନସାଧାରଣଙ୍କ ମଧ୍ୟରେ ଜାତୀୟତା ଭାବକୁ ଜାଗ୍ରତ କରାଇଥିଲା। ସମସ୍ତ ଜନତା ଲୁପ୍ତପ୍ରାୟ ଭାରତୀୟ ମୌଳିକ ସଂସ୍କୃତିର ଅଭ୍ୟୁତ୍ଥାନ ପାଇଁ ବ୍ୟାକୁଳ ଥିଲେ। ୨୩ ବର୍ଷର ଯୁବକ ନନ୍ଦଲାଲ ଏହି ଜାତୀୟ ଭାବଧାରାରେ ପ୍ରଭାବିତ ହୋଇଥିଲେ। ଅବନୀନ୍ଦ୍ରନାଥଙ୍କର ଶିକ୍ଷା ପଦ୍ଧତି ତତ୍କାଳୀନ ସମୟକୁ ଚାହିଁ ସମ୍ପୂର୍ଣ୍ଣ ଆଧୁନିକ ଥିଲା। କଳା କ୍ଷେତ୍ରରେ ଛାତ୍ରମାନଙ୍କୁ ସେ ପୂର୍ଣ୍ଣ ସ୍ୱାଧୀନତା ଦେବାକୁ ପସନ୍ଦ କରୁଥିଲେ।

ଭାରତୀୟ ପାରମ୍ପରିକ ଚିତ୍ର ସହିତ ସୁପରିଚିତ ହେବା, ପ୍ରାଚ୍ୟ ଓ ପାଶ୍ଚାତ୍ୟ କଳାର ତାତ୍ପର୍ଯ୍ୟ ଓ ଭିନ୍ନତା ସମ୍ପର୍କରେ ସଂପୂର୍ଣ୍ଣ ସଚେତନ ରହିବା ତଥା ନିଜର ଦୈନନ୍ଦିନ ଜୀବନଧାରା ଏବଂ ସର୍ବୋପରି ଚିତ୍ର ଭାସ୍କର୍ଯ୍ୟ ମାଧ୍ୟମରେ ନିଜକୁ ପ୍ରକାଶ କରିବା ଥିଲା ଅବନୀନ୍ଦ୍ରନାଥଙ୍କର ଶିକ୍ଷା ପଦ୍ଧତିର ମୌଳିକ ଧାରା। ଅବନୀନ୍ଦ୍ରନାଥଙ୍କର ଏହି ଶିକ୍ଷା ପଦ୍ଧତିର ମୂଲ୍ୟବୋଧ ଛାତ୍ର ନନ୍ଦଲାଲ ମର୍ମେ ମର୍ମେ ହୃଦୟଙ୍ଗମ କରିପାରିଥିଲେ ।

ହାଭେଲ୍ ସାହେବଙ୍କ ପରେ ପର୍ଶି ବ୍ରାଉନ୍ ୧୯୦୯ ମସିହାରେ କଲିକତା କଳା ବିଦ୍ୟାଳୟର ଅଧ୍ୟକ୍ଷ ହେଲେ। ହାଭେଲ ସାହେବ ଏବଂ ଅବନୀନ୍ଦ୍ରନାଥଙ୍କର ମିଳିତ ଉଦ୍ୟମରେ କଲିକତାର କେତେକ ବିଦେଶୀ ଓ ସ୍ୱଦେଶୀ କଳାପ୍ରେମୀଙ୍କୁ ନେଇ ପ୍ରାଚ୍ୟ ଶିଳ୍ପକଳା ଆନ୍ଦୋଳନକୁ ସଫଳ କରିବା ଲାଗି ବଙ୍ଗୀୟ କଳା ସଂସଦ ନାମରେ ଗୋଟିଏ ସଂସ୍ଥା ଗଠିତ ହେଲା, ଏବଂ ପରେ ଇଣ୍ଡିୟାନ ସୋସାଇଟି ଅଫ ଓରିଏଣ୍ଟାଲ ଆର୍ଟ ନାମରେ ଏହା ମୁଣ୍ଡ ଟେକିଲା। ୧୯୦୮ ମସିହାରେ ଏହି ସଂସ୍ଥା ଜରିଆରେ କଲିକତା କଳା ବିଦ୍ୟାଳୟର ପରିସର ଭିତରେ ପ୍ରଥମ କଳା ପ୍ରଦର୍ଶନୀଟିଏ ଅନୁଷ୍ଠିତ ହୋଇଥିଲା, ଏବଂ ଏହି ପ୍ରଦର୍ଶନୀରେ ଛାତ୍ର ନନ୍ଦଲାଲ ତାଙ୍କର ପ୍ରସିଦ୍ଧ 'ସତୀ' ଚିତ୍ର ପାଇଁ ଅର୍ଦ୍ଧ-ସହସ୍ର ମୁଦ୍ରା ପୁରସ୍କାର ଲାଭ କରିଥିଲେ। ଏକ ଜାପାନୀ ପ୍ରିଣ୍ଟିଂ ହାଉସ୍ ଦ୍ୱାରା ନନ୍ଦଲାଲଙ୍କ ଏହି ଚିତ୍ରଟି ପ୍ରକାଶ ଲାଭ କଲା ଓ ବିଭିନ୍ନ ସ୍ଥାନରେ ବହୁ ପ୍ରଶଂସା ଅର୍ଜନ କରିପାରିଥିଲା। ଏହି ଚିତ୍ର ନନ୍ଦଲାଲଙ୍କ ପାଇଁ ଭବିଷ୍ୟତ ସୁନାମର ରାସ୍ତା ଖୋଲି ଦେଲା। ୩ବର୍ଷ ପରେ ଏହି ସଂସ୍ଥା ଦ୍ୱାରା ଆହ୍ଲାବାଦଠାରେ ଅନୁଷ୍ଠିତ ହୋଇଥିବା ପ୍ରଦର୍ଶନୀରେ ନନ୍ଦଲାଲ ପୁନର୍ବାର ରୌପ୍ୟ ପଦକର ଅଧିକାରୀ ହୋଇଥିଲେ।

ଲେଡି ହେରିଙ୍ଗହାମଙ୍କ ଅଧ୍ୟକ୍ଷତାରେ ୧୯୧୦ରୁ ୧୯୧୧ ପର୍ଯ୍ୟନ୍ତ ଅଜନ୍ତା ଗୁମ୍ଫାର ଚିତ୍ର ନକଲ କରିବା ଅଭିଯାନରେ ନନ୍ଦଲାଲ ଯୋଗଦାନ କରିଥିଲେ। ଏହି ଅଭିଯାନ ନନ୍ଦଲାଲଙ୍କୁ ଭାରତର ପାରମ୍ପରିକ ଚିତ୍ର ସହିତ ପରିଚିତ କରାଇଥିଲା। ଏଠାରେ ନନ୍ଦଲାଲଙ୍କର ଭାରତୀୟ ଶିଳ୍ପକଳା ପରମ୍ପରା ତଥା ପୁରାତନ ଶିଳ୍ପାଚାର୍ଯ୍ୟମାନଙ୍କର କଳା କୌଶଳ ସମ୍ବନ୍ଧରେ ବିଶେଷ ଧାରଣା ହୋଇଥିଲା ଏବଂ ପରମ୍ପରା ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ବୃଦ୍ଧି ପାଇଥିଲା।

ନନ୍ଦଲାଲଙ୍କର କଲିକତା କଳା ବିଦ୍ୟାଳୟରେ ଛାତ୍ର ଜୀବନ ଶେଷ ହେବା ପରେ ଅଧ୍ୟକ୍ଷ ପର୍ଶି ବ୍ରାଉନ ତାଙ୍କୁ ସେହି କଳା ବିଦ୍ୟାଳୟର ଅଧ୍ୟାପକ ରୂପେ ନିଯୁକ୍ତି ଦେବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ନନ୍ଦଲାଲ ଥିଲେ ରୁଟିନଗତ ଧରାବନ୍ଧା ଶିକ୍ଷା ପଦ୍ଧତିର ବିରୋଧୀ। ତେଣୁ ସେ ପର୍ଶି ବ୍ରାଉନଙ୍କର ଅନୁରୋଧକୁ ସମ୍ମାନର ସହିତ ପ୍ରତ୍ୟାଖ୍ୟାନ କରିଥିଲେ, ଏବଂ ସ୍ୱଳ୍ପ ଅର୍ଥ ବିନିମୟରେ ଯୋଡାଶଙ୍କଠାରେ ଥିବା ଅବନୀନ୍ଦ୍ରନାଥଙ୍କ ଷ୍ଟୁଡିଓରେ

କାର୍ଯ୍ୟ କରିବାର ପ୍ରସ୍ତାବକୁ ସେ ଆଗ୍ରହର ସହ ଗ୍ରହଣ କରିଥିଲେ। ସେଠାରେ ନନ୍ଦଲାଲ କୁମାରସ୍ୱାମୀ ତଥା ସିଷ୍ଟର ନିବେଦିତାଙ୍କ ଦ୍ୱାରା ପ୍ରଣୀତ ଏକ ଉପାଦେୟ ପୁସ୍ତକରେ ଚିତ୍ରାବଳୀ ଅଙ୍କନ କରିବାରେ ଯଥେଷ୍ଟ ଆନନ୍ଦ ଲାଭ କରିଥିଲେ। ଏହି ଯୋଡାଶଙ୍କଠାରେ ହିଁ ଠାକୁର ପରିବାରର ତିନି ଭାଇ, ଅବନୀନ୍ଦ୍ରନାଥ ଏବଂ ବହୁ ମନୀଷୀଙ୍କ ସହ ନନ୍ଦଲାଲଙ୍କର ସମ୍ପର୍କ ସ୍ଥାପିତ ହୋଇଥିଲା।

୧୯୦୯ ବେଳକୁ ନନ୍ଦଲାଲ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସହ ସୁପରିଚିତ ହୋଇ ସାରିଥିଲେ ଏବଂ ଏହି ଯୋଗାଯୋଗ ସେମାନଙ୍କର ଜୀବନ ସାରା ଘନିଷ୍ଠରୁ ଘନିଷ୍ଠତର ହୋଇଥିଲା। ଭାରତୀୟ ସଂସ୍କୃତିର ଅଭ୍ୟୁତ୍ଥାନ ହିଁ ଏହି ସମସ୍ତଙ୍କର ମୂଳ ଲକ୍ଷ୍ୟ ଥିଲା। ଏହି ଭଳି ଏକ ପରିବେଶରେ ନନ୍ଦଲାଲଙ୍କର ଦୃଷ୍ଟିକୋଣ ବିସ୍ତୃତି ଲାଭ କରିଥିଲା ।

୧୯୧୪ ମସିହାରେ ରବୀନ୍ଦ୍ରନାଥ, ନନ୍ଦଲାଲଙ୍କୁ ଶାନ୍ତିନିକେତନ ପରିବେଶ ଭିତରକୁ ଟାଣି ଆଣିଲେ ଓ ନନ୍ଦଲାଲ ଶାନ୍ତିନିକେତନର ପରିବେଶ ଭିତରେ ନିଜକୁ ହଜାଇ ଦେଇଥିଲେ। ଗ୍ରାମ୍ୟ ଜୀବନ, ସବୁଜ ଗଛ ଲତା ଓ ନାଲି ମାଟିର ଖୋଆଇ ତାଙ୍କର ଦୃଷ୍ଟିକୋଣରେ ଆଣିଦେଲା ପରିବର୍ତ୍ତନ। ରବୀନ୍ଦ୍ରନାଥଙ୍କ ସହିତ ପଦ୍ମା ନଦୀରେ ନୌକା ବିହାର ଏବଂ ବଙ୍ଗଳାର ଗ୍ରାମ୍ୟ ଜୀବନ ଆଦିର ଦୃଶ୍ୟ, କଳାସୃଷ୍ଟି ପାଇଁ ନନ୍ଦଲାଲଙ୍କୁ ଉପାଦାନ ଯୋଗାଇଥିଲା। କିନ୍ତୁ ନନ୍ଦଲାଲ ଯୋଡ଼ାଶଙ୍କର ସୁପରିବେଶ ସମ୍ପୂର୍ଣ୍ଣ ତ୍ୟାଗ କରିନଥିଲେ। ଶାନ୍ତିନିକେତନ ତଥା ଯୋଡ଼ାଶଙ୍କ ଉଭୟ ସ୍ଥାନରେ ତାଙ୍କର କର୍ତ୍ତବ୍ୟ ନିହିତ ଥିଲା। ରବୀନ୍ଦ୍ରନାଥଙ୍କର ବିଚିତ୍ରା ନାମକ ସାଂସ୍କୃତିକ ସଂଘରେ ତାଙ୍କର ଦାୟିତ୍ୱ ଥିଲା ଅସୀମ। କଳା ଶିକ୍ଷା ଦେବା ସେହି ସାଂସ୍କୃତିକ ସଂଘରେ ଏକ କାର୍ଯ୍ୟକ୍ରମ ଥିଲା। ୧୯୧୪ରେ ଜାପାନୀ ଶିଳ୍ପୀ ଆରାୟ ମଧ୍ୟ ସେଠାରେ ଯୋଗ ଦେଇଥିଲେ। ଆରାୟଙ୍କର ଜାପାନୀ ପଦ୍ଧତିର କାମ ନନ୍ଦଲାଲଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଉଭୟେ ଓଡ଼ିଶାର କଳା କୌଶଳ ବିଶେଷତ୍ୱ ଅନୁଧ୍ୟାନ କରିବା ପାଇଁ କୋଣାର୍କ ଓ ପୁରୀକୁ ଆସିଥିଲେ।

ନନ୍ଦଲାଲ ଏକ ସମୟରେ ଦୁଇ ଦୁଇଟି ଦାୟିତ୍ୱ ତୁଲାଉଥିଲେ। ଗୋଟିଏ ଥିଲା କଲିକତାର Indian Society of Oriental Art ରେ କାର୍ଯ୍ୟ ନିର୍ବାହ, ଏବଂ ଅନ୍ୟଟି ଶାନ୍ତିନିକେତନ କଳାଭବନର ପରିଚାଳନା ଦାୟିତ୍ୱ। କିନ୍ତୁ ଅବଶେଷରେ ରବୀନ୍ଦ୍ରନାଥଙ୍କର ଅନୁରୋଧ କ୍ରମେ ନନ୍ଦଲାଲଙ୍କୁ ୧୯୨୦ ବେଳକୁ କେବଳ କଳାଭବନରେ ଦାୟିତ୍ୱ ନେବାକୁ ହେଲା।

୧୯୨୧ରେ ନନ୍ଦଲାଲ, ଅସିତ କୁମାର ହଲଦାରଙ୍କ ସହିତ ବାଗ୍‌ଗୁମ୍ଫା ଚିତ୍ରାବଳୀର ନକଲ ନିମନ୍ତେ ଯାତ୍ରା କରିଥିଲେ। ସେଠାରୁ ଫେରି ନନ୍ଦଲାଲ ଶାନ୍ତିନିକେତନର ତତ୍‌କାଳୀନ

ଗ୍ରନ୍ଥାଗାରରେ ଫ୍ରେସ୍କୋ ଚିତ୍ରାଙ୍କନ ପାଇଁ ପ୍ରେରଣା ଲାଭ କରିଥିଲେ। ୧୯୨୪ରେ ନନ୍ଦଲାଲ, ରବୀନ୍ଦ୍ରନାଥଙ୍କ ସହିତ ବର୍ମା, ମାଲୟ, ଚୀନ ଓ ଜାପାନ ଭ୍ରମଣ କରିବାର ସୁଯୋଗ ପାଇଲେ। ଏହି ଭ୍ରମଣ ଦ୍ୱାରା ସେ ସୁଦୂର ପ୍ରାଚ୍ୟର ଶିଳ୍ପକଳା ସହିତ ପରିଚିତ ହେଲେ। ବର୍ମା ଦେଶର ସଙ୍ଗୀତ, ନୃତ୍ୟ ଏବଂ ପ୍ୟାଙ୍ଗ ସହରର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର। ପ୍ରାଚ୍ୟର ବହୁ କଳାକେନ୍ଦ୍ର, କଳାକାର ଓ ବହୁ ଗୁଣୀ ବ୍ୟକ୍ତିଙ୍କ ସଂସ୍ପର୍ଶରେ ସେ ଆସି ପାରିଥିଲେ। ଏହି ଭ୍ରମଣ ସମୟରେ ନନ୍ଦଲାଲ ବର୍ମାର ପୋୟେ ନୃତ୍ୟ ଓ ପେକିଙ୍ଗର ବୁଦ୍ଧ ଓ ମେଷପାଳକ ଚିତ୍ର ଅଙ୍କନ କରିଥିଲେ। ଏହି ଭ୍ରମଣ ପରେ ଏଲମ ହଷ୍ଟ କହିଥିଲେ ଯେ ନନ୍ଦଲାଲଙ୍କ ସହିତ ଏହି ଭ୍ରମଣ ଏକ ପ୍ରକାର ଶିକ୍ଷା ।

ନନ୍ଦଲାଲ ୧୯୨୬ରେ ଜନୈକ ରାଜସ୍ଥାନୀ ଫ୍ରେସ୍କୋ କଳା କୁଶଳୀଙ୍କୁ ଶାନ୍ତିନିକେତନ ନିମନ୍ତ୍ରଣ କରି ତାଙ୍କ ସହାୟତାରେ ତତ୍‌କାଳୀନ ଗ୍ରନ୍ଥାଗାରରେ ଫ୍ରେସ୍କୋ ଚିତ୍ର ଅଙ୍କନ କରିଥିଲେ। ପୁନର୍ବାର ୮ ବର୍ଷ ପରେ ସେହି କାରିଗରଙ୍କୁ ନିମନ୍ତ୍ରଣ କରି ସେହି ଗ୍ରନ୍ଥାଗାରରେ ନିଜେ ଆଉ ଗୋଟିଏ ଫ୍ରେସ୍କୋ ଅଙ୍କନ କଲେ। ୧୯୨୮ରେ ନନ୍ଦଲାଲ ଶାନ୍ତିନିକେତନଠାରେ ହଳ କର୍ଷଣ ଉପରେ ମଧ୍ୟ ଅନ୍ୟ ଏକ ସୁଦୀର୍ଘ ଫ୍ରେସ୍କୋ ଚିତ୍ର ଅଙ୍କନ କରିଥିଲେ।

୧୯୨୯ରେ ବିନୋଦ ବିହାରୀ ମୁଖାର୍ଜୀ ଏବଂ ୧୯୩୪ରେ ରାମକିଙ୍କର ବେଜ୍ ମେଧାବୀ ଛାତ୍ର ଭାବେ କଳା ଭବନର ମାନୋନ୍ନତିରେ ନନ୍ଦଲାଲଙ୍କୁ ଯଥାର୍ଥ ସାହାଯ୍ୟ କରିଥିଲେ। ବିନୋଦ ବିହାରୀ ଚିତ୍ର ଜଗତର ଏବଂ ରାମକିଙ୍କର ଭାସ୍କର୍ଯ୍ୟଜଗତର ଉଜ୍ଜ୍ୱଳ ତାରକା ସଦୃଶ ଥିଲେ। ନନ୍ଦଲାଲ ଏହି ଭଳି ଯୋଗ୍ୟ ଛାତ୍ରମାନଙ୍କର ସହାୟତାରେ ଶାନ୍ତିନିକେତନର ଯଥେଷ୍ଟ ଶ୍ରୀ-ବୃଦ୍ଧି ସାଧନ କରିପାରିଥିଲେ।

ଶିଳ୍ପୀ ନନ୍ଦଲାଲ ୩୧ ବର୍ଷ ଧରି କଳା ଭବନରେ କାର୍ଯ୍ୟଭାର ଗ୍ରହଣ କରିବା ଭିତରେ ନିଜକୁ ଚିତ୍ରଶିଳ୍ପୀ, ଭାସ୍କର, ସଂଗଠକ ଓ ଶିକ୍ଷକ ରୂପେ ପ୍ରତିଷ୍ଠିତ କରି ପାରିଥିଲେ।

ସେ ଶାନ୍ତିନିକେତନର ଶିକ୍ଷା ପଦ୍ଧତି ଭିତରେ ଚିତ୍ର, ଭାସ୍କର୍ଯ୍ୟ, ହସ୍ତଶିଳ୍ପର ପୁନରୁଦ୍ଧାର, ମଞ୍ଚସଜ୍ଜା, ଗୃହସଜ୍ଜା, ସ୍ଥାପତ୍ୟ, ନକ୍‌ସାଙ୍କନ ଆଦିର ବହୁମୁଖୀ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେଇଥିଲେ। ତାଙ୍କର ନିତ୍ୟନୂତନ ଶିଳ୍ପ ସାଧନାର ପରୀକ୍ଷା ନିରୀକ୍ଷା ଯୋଗୁଁ ଛାତ୍ରମାନେ ଆଧୁନିକ ଭାରତୀୟ ଶିଳ୍ପକଳା ସମ୍ପର୍କରେ ନୂତନ ଦିଗଦର୍ଶନ ଲାଭ କରି ପାରିଥିଲେ। ଫରାସୀ ଶିଳ୍ପୀ ଆନ୍ଦ୍ରେକାର ଫେଜ୍ ନନ୍ଦଲାଲଙ୍କୁ କାରୁକଳା ତଥା ଅନ୍ୟାନ୍ୟ ଶିଳ୍ପକଳା ମାଧ୍ୟମରେ ନୂତନତାର ପ୍ରବର୍ତ୍ତନ ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲେ।

ସେ କେବଳ ଶିଳ୍ପକଳା କ୍ଷେତ୍ରରେ ଯେ ନୂତନତା ଆଣି ପାରିଥିଲେ ତାହା ନୁହେଁ, ସ୍ଥାପତ୍ୟ କ୍ଷେତ୍ରରେ ମଧ୍ୟ ବଙ୍ଗୀୟ, ପାଣ୍ଡୁୟ ଓ ମାଳବୀୟ ଭ୍ରମଣ ପରେ ସୁରେନ୍ଦ୍ରନାଥଙ୍କ ସହିତ ଶାନ୍ତିନିକେତନର ସ୍ଥାପତ୍ୟରେ ଇସ୍‌ଲାମୀୟ ନକ୍‌ସାର ପ୍ରବର୍ତ୍ତନ କରି ଏକ ସ୍ୱତନ୍ତ୍ରତା ସୃଷ୍ଟି କରିଥିଲେ। ପାହାଡପୁରରେ ପାଲଯୁଗର ପ୍ରତ୍ନତତ୍ତ୍ୱ ଓ ସାଞ୍ଚି ତଥା ଅନ୍ୟାନ୍ୟ ସ୍ଥାନର ବୌଦ୍ଧ ସ୍ଥାପତ୍ୟ ଅଧ୍ୟୟନ ଏବଂ ସିଗିରିଆ ମହାବଳୀପୁରମ୍ ଆଦି ସ୍ଥାନକୁ ଗବେଷଣାତ୍ମକ ଭ୍ରମଣ, ଶିଳ୍ପୀ ନନ୍ଦଲାଲଙ୍କୁ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ କଳାର ନୂତନ ଦିଗ୍‌ଦର୍ଶନ ନିମନ୍ତେ ପ୍ରେରଣା ଯୋଗାଇଥିଲା।

ଶିଳ୍ପୀ ନନ୍ଦଲାଲଙ୍କର ଏହି ବହୁମୁଖୀ ପ୍ରତିଭା ବହୁ ଭାବେ ପ୍ରସାର ଲାଭ କଲା। ଏପରିକି ଲକ୍ଷ୍ନୌ କଂଗ୍ରେସର ସାଜସଜ୍ଜା ଓ ଭାରତୀୟ ଶିଳ୍ପ ପ୍ରଦର୍ଶନୀର ଦାୟିତ୍ୱ ତୁଲାଇବା ପାଇଁ ମହାତ୍ମାଗାନ୍ଧୀ ଶିଳ୍ପୀ ନନ୍ଦଲାଲଙ୍କୁ ଅନୁରୋଧ କରିଥିଲେ। ନନ୍ଦଲାଲ ଏ ସମସ୍ତ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ରବୀନ୍ଦ୍ରନାଥ ତଥା ଶାନ୍ତିନିକେତନର ଅନ୍ୟାନ୍ୟ ଶିଳ୍ପୀମାନଙ୍କର ଚିତ୍ର ପ୍ରଦର୍ଶନୀ ମଧ୍ୟ କରାଇ ପାରିଥିଲେ। ସେହିଠାରେ ନନ୍ଦଲାଲ, ମହାତ୍ମା ଗାନ୍ଧୀଙ୍କ ସାନ୍ନିଧ୍ୟ ଲାଭ କରିବା ସଙ୍ଗେ ସଙ୍ଗେ ଜଣେ ଜାତୀୟ ଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇ ପାରିଥିଲେ ।

ପରବର୍ତ୍ତୀ ବର୍ଷ ଫାଇଜ୍‌ପୁର କଂଗ୍ରେସରେ ସମଗ୍ର ନଗରର ଯୋଜନା କରିବା ପାଇଁ ମହାତ୍ମାଗାନ୍ଧୀ ପୁନର୍ବାର ନନ୍ଦଲାଲଙ୍କୁ ଅନୁରୋଧ କରିଥିଲେ। ନନ୍ଦଲାଲ ମହାତ୍ମାଗାନ୍ଧୀଙ୍କ ଅନୁରୋଧକୁ ଏଡାଇ ନପାରି ସେଠାକୁ ଯାଇଥିଲେ। ବାଉଁଶ, ନଡା ଆଦି ସହଜଲବ୍ଧ ସାମଗ୍ରୀରେ ନଗରର ନକ୍ସାଟି ଏପରି ଭାବେ କରିଥିଲେ ଯେ ତାହା ବହୁ ବ୍ୟକ୍ତିଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କାରଣ, ଏହା ସମ୍ପୂର୍ଣ୍ଣ ଭିନ୍ନ ଧରଣର ହୋଇଥିଲା।

୧୯୩୮ରେ ପୁନର୍ବାର ହରିପୁରା କଂଗ୍ରେସ ପ୍ୟାଭିଲିଅନର ସାଜସଜ୍ଜା ପାଇଁ ମହାତ୍ମାଗାନ୍ଧୀ ନନ୍ଦଲାଲଙ୍କୁ ଡାକିଥିଲେ। ସେ ନିଜ ହାତରେ ଅନ୍ତତଃ ୧୦୦ଟି ଚିତ୍ର ଅଙ୍କନ କରିବା ସହ ଅନ୍ୟଗୁଡିକୁ ତାଙ୍କର ସହଯୋଗୀ ଶିଳ୍ପୀ ତଥା ଛାତ୍ରମାନଙ୍କ ଦ୍ୱାରା କରାଇଥିଲେ। ଚିତ୍ର ଗୁଡିକର ବିଷୟ ବସ୍ତୁ ଥିଲା ମଣିଷ ସମାଜର ଧର୍ମଦିଗ, କର୍ମଦିଗ ଓ ଆନନ୍ଦଦିଗ ଆଦି। ଏଠାରେ ନନ୍ଦଲାଲଙ୍କ ତ୍ୱରିତ ଚିତ୍ରାଙ୍କନ ମାଧ୍ୟମରେ ବଙ୍ଗଳାର ଲୋକକଳା, ଭାରତୀୟ ଜୀବନଧାରାର ପରମ୍ପରା ଓ ନୂତନତାର ମିଳିତ ରୂପ ପ୍ରକାଶ ପାଇଥିଲା। ମାହାତ୍ମାଗାନ୍ଧୀ ଖୋଲାଖୋଲି ଭାବରେ ପ୍ରକାଶ କରିଥିଲେ ଯେ, ନନ୍ଦଲାଲ ହେଉଛନ୍ତି ଜଣେ ବ୍ୟକ୍ତି, ଯେ କି ଯେକୌଣସି ପଦାର୍ଥକୁ ନେଇ କଳା ସୃଷ୍ଟି କରି ପାରନ୍ତି। ଏହା ପରେ ୧୯୩୯ ମସିହାରେ ବରୋଦା ମହାରାଜା ତାଙ୍କର କୀର୍ତ୍ତି ମନ୍ଦିରରେ ଫ୍ରେସ୍କୋ ଚିତ୍ର ଅଙ୍କନ କରିବା ଲାଗି ନନ୍ଦଲାଲଙ୍କୁ

ଅନୁରୋଧ କରିଥିଲେ। ପରବର୍ତ୍ତୀ ୭ ବର୍ଷ ମଧ୍ୟରେ ନନ୍ଦଲାଲ ଗଙ୍ଗାବତରଣ, ମୀରାଙ୍କ ଜୀବନୀ, ନଟୀର ପୂଜା, ମହାଭାରତ ଆଦି ଫ୍ରେସ୍କୋ ଚିତ୍ର ଅଙ୍କନ କରିଥିଲେ।

୧୯୫୧ ମସିହାରେ ନନ୍ଦଲାଲ କଳା ଭବନରୁ ଅବସର ନେଲେ। ସେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟରତ ରହୁଥିଲେ। ୧୯୫୮ ପରେ ତାଙ୍କର ସ୍ୱାସ୍ଥ୍ୟ ଧୀରେ ଧୀରେ ଖରାପ ଆଡକୁ ଗତି କରିଥିଲା। ଶେଷ ବୟସରେ ସେ ଦୁର୍ବଳ ସ୍ୱାସ୍ଥ୍ୟ ଘେନି ନିଜର ଷ୍ଟୁଡିଓରେ ବସି ବସି ଜୀବନର ବହୁ ଅନୁଭୂତିକୁ ସ୍ମରଣ କରି ବିଭିନ୍ନ କୋଲାଜ, ପଶୁପକ୍ଷୀ ଓ ବହୁ ଧରଣର ତୁଳୀ ରଙ୍ଗର କାମ କରି ସମୟ ଅତିବାହିତ କରିଥିଲେ।

ଶିଳ୍ପୀ ନନ୍ଦଲାଲ ୧୯୫୦ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍. ଉପାଧି ଲାଭ କରିଥିଲେ। ଏହାପରେ ୧୯୫୨ରେ ବିଶ୍ୱଭାରତୀରୁ, ୧୯୫୭ରେ କଲିକତା ବିଶ୍ୱବିଦ୍ୟାଳୟରୁ ଓ ୧୯୬୩ରେ ରବୀନ୍ଦ୍ରଭାରତୀରୁ ବିଭିନ୍ନ ଉପାଧିର ଅଧିକାରୀ ହୋଇଥିଲେ। ୧୯୫୩ରେ ଦାଦାଜୀ ନ୍ୟାରୋଜି ପୁରସ୍କାର ଓ ଏସିଆଟିକ ସୋସାଇଟିର ଠାକୁର ଜନ୍ମ ଶତବାର୍ଷିକୀ ପୁରସ୍କାରର ଅଧିକାରୀ ହୋଇଥିଲେ। ୧୯୫୪ରେ ଭାରତ ସରକାରଙ୍କ ପଦ୍ମ ବିଭୂଷଣ ଉପାଧି ପାଇଥିଲେ। ୧୯୫୬ରେ କଲିକତା ଏକାଡେମିର ଫେଲୋ ମନୋନୀତ ହୋଇଥିଲେ।

ବହୁ ଉପାଧି ଓ ଉପାୟନ ବିଭୂଷିତ ଋଷିପ୍ରତିମ ସ୍ରଷ୍ଟା ସ୍ୱଦେଶବତ୍ସଳ, ଲବ୍ଧପ୍ରତିଷ୍ଠ ଏହି ମହାନ ଶିଳ୍ପୀ ୧୯୬୬ ମସିହା ଏପ୍ରିଲ ମାସ ୧୬ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଶିଳ୍ପୀ ନନ୍ଦଲାଲଙ୍କର ଜନ୍ମ ଶତବାର୍ଷିକୀ ଅବସରରେ ନ୍ୟାସନାଲ ଗ୍ୟାଲେରୀ ଅଫ ମଡର୍ଣ୍ଣ ଆର୍ଟ, ଶିଳ୍ପୀଙ୍କର ୬୭୪୪ ଖଣ୍ଡ ବିଭିନ୍ନ ଧରଣର କୃତି ସଂଗ୍ରହ କରି ରଖିଛନ୍ତି। ଶିଳ୍ପୀଙ୍କର ଆହୁରି ଅନେକ କଳାକୃତି ବହୁ ଶିଳ୍ପୀଙ୍କ ନିକଟରେ ରହିଛି।

ଶିଳ୍ପୀ ନନ୍ଦଲାଲ ତାଙ୍କର ସାରା ଜୀବନ କଳା ସାଧନା କରିଥିଲେ। ତାଙ୍କ ଜୀବନରେ ଅସୀମ କଳାକୃତି ସୃଷ୍ଟି ସହିତ ଅସଂଖ୍ୟ ଛାତ୍ର ସୃଷ୍ଟି ମଧ୍ୟ କରିପାରିଥିଲେ। ଯେତେବେଳେ ଭାରତରେ ଭାରତୀୟ କଳାର ଅଧୋପତନ ଘଟି ଆସୁଥିଲା ସେହିଭଳି ଏକ ଘଡିସନ୍ଧି ସମୟରେ ଶିଳ୍ପୀ ନନ୍ଦଲାଲଙ୍କର ଜନ୍ମ। ଭାରତୀୟ କଳାର ନିଜସ୍ୱ ଗୁଣବତ୍ତାକୁ ବଜାୟ ରଖି ଯେଉଁ ମହାନ୍ ଶିଳ୍ପୀ ନୂତନ ଦିଗ୍‌ଦର୍ଶନରେ ସାରା ଜୀବନ ଅହରହ ସାଧନାରତ ଥିଲେ, ସେ ହେଲେ ଶିଳ୍ପୀ ନନ୍ଦଲାଲ। ତାଙ୍କୁ ଜଣେ ଯୁଗସ୍ରଷ୍ଟା ଆଖ୍ୟା ଦେବା ହିଁ ଯଥାର୍ଥ ହେବ। ●●●

## ଶାନ୍ତିନିକେତନ ଯାତ୍ରା ଓ ନନ୍ଦଲାଲ ବୋଷ

ମହାନ୍ ଶିଳ୍ପୀ ନନ୍ଦଲାଲ ବୋଷଙ୍କର ସାଧନାମୟ ଜୀବନ ତଥା ବ୍ୟକ୍ତିଗତ ଜୀବନ ସହିତ ସୁସମ୍ପର୍କ ସ୍ଥାପନ କରିବା ବାସ୍ତବିକ ଏକ ସୌଭାଗ୍ୟର ବିଷୟ। ଶାନ୍ତିନିକେତନରେ କଳାଭବନର ଛାତ୍ର ଥିବା ସମୟରେ ସୌଭାଗ୍ୟକ୍ରମେ ଏହି ସୁସମ୍ପର୍କର ଅଧିକାରୀ ହେବାର ସୁଯୋଗ ପାଇପାରିଥିଲି। ଏହି ସମ୍ପର୍କ ହିଁ ତାଙ୍କ ମହାନୁଭବତାକୁ ଉପଲବ୍ଧି କରିବାର ସୁଯୋଗ ଦେଇଥିଲା। ନନ୍ଦଲାଲଙ୍କ ଶିଳ୍ପସାଧନା, ଛାତ୍ରବତ୍ସଳତା ଓ ଦେଶପ୍ରୀତି ଅନୁଧ୍ୟାନ କଲେ ସେହି ମହାମନୀଷୀଙ୍କଠାରେ ଥିବା ବିଶେଷତ୍ୱ ଓ ଶାନ୍ତିନିକେତନର ମହତ୍ୱ ସଠିକ ଭାବେ ବୁଝି ହୁଏ। କେବଳ ଶିଳ୍ପୀ କାହିଁକି ସମସ୍ତ ଗୁଣୀ ପାଠକବୃନ୍ଦ ସହଜରେ ସେହି ସମୟରେ ମୂଲ୍ୟବୋଧର ମୂଲ୍ୟାଙ୍କନ ମଧ୍ୟ କରିପାରିବେ।

ସେହି ମହାନ୍ ଶିଳ୍ପୀଙ୍କର ଜୀବନୀ ଓ ଅନୁଭୂତିକୁ ଅନୁଧାନ କରିବାର ଯେଉଁ ସୁଯୋଗ ପାଇଥିଲି ତାହାର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନା କରୁଛି।

ମୋର ପଛ ଜୀବନର ଦୀର୍ଘ ଛୟାଳିଶି ବର୍ଷର ପୃଷ୍ଠା ଗୁଡିକ ଏକାକୀ ନୀରବରେ ବେଳେବେଳେ ଓଲଟାଇ ବସେ। ଶିଳ୍ପକଳା ସାଧନାର ପ୍ରଥମ ପର୍ଯ୍ୟାୟ ଓ ମୋର ପବିତ୍ର ସାଧନା ପୀଠ ଶାନ୍ତିନିକେତନର ଛୋଟବଡ ବହୁ ସ୍ମୃତି ଧାଡ଼ିଧାଡ଼ି ହୋଇ ଆଖିଆଗରେ ଦେଖାଦିଏ। ଶାନ୍ତିନିକେତନର ପବିତ୍ର ପରିବେଶ ଓ ମୋର ସେଦିନ ସଜଫୁଟା କୋମଳ ବୟସର ସୁତୀବ୍ର ଜିଜ୍ଞାସା, ସ୍ୱପ୍ନ, ବାସ୍ତବତା ଓ ଅନୁଭୂତି ସବୁ କିଛି ଗୋଟିଏ ପରେ ଗୋଟିଏ ମନେ ପଡିଯାଏ। ଆଜି ବାର୍ଦ୍ଧକ୍ୟର ଦ୍ୱିତୀୟାର୍ଦ୍ଧରେ ମନଭିତରେ ବିଗତ ଯୌବନର ମଧ୍ୟାହ୍ନ ସମୟର ଉଜ୍ଜ୍ୱଳ ଆଲୋକର ସ୍ମୃତି ଆଣିଦିଏ ଶିହରଣ ଓ କମ୍ପନ। ବହୁ ସ୍ମୃତି ଲୁପ୍ତ ପ୍ରାୟ, କିନ୍ତୁ ଯେଉଁ କେତୋଟି ସ୍ମୃତି ଜୀବନ ଯାତ୍ରା ପଥରେ ଆଲୋକ ପ୍ରଦାନ ଓ ପୁଷ୍ପବୃଷ୍ଟି କରିଅଛି, ତାହା ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅବିସ୍ମରଣୀୟ ହୋଇ ରହିଅଛି। ମୋର ଶାନ୍ତିନିକେତନର ଛାତ୍ର ଜୀବନ ତଥା ଛାତ୍ରବତ୍ସଳ ମହାନ୍ ଶିଳ୍ପୀ ନନ୍ଦଲାଲ ବୋଷ, ଉଭୟ ହିଁ ମୋର ଅପାଶୋରା ସ୍ମୃତି। ପରମ ପୂଜ୍ୟ ନନ୍ଦଲାଲଙ୍କୁ ବାଦ ଦେଇ ଶାନ୍ତିନିକେତନର ସ୍ମୃତି କଳ୍ପନାର ବାହାରେ।

ଶିଳ୍ପୀ ନନ୍ଦଲାଲ ବୋଷଙ୍କ ସହିତ ମୋର ପ୍ରଥମ ଦେଖା ଓ ସାକ୍ଷାତ ହେଲା ୧୯୫୬ ଜୁଲାଇ ମାସ ସତେଇଶ ତାରିଖରେ। ଏହା ଥିଲା ଓଡ଼ିଶା ବାହାରକୁ ଯିବା ମୋର ପ୍ରଥମ। ଭୁବନେଶ୍ୱରରୁ ହାଓ୍ୱଡା, ହାଓ୍ୱଡାରୁ ବୋଲପୁର ଏବଂ ବୋଲପୁରରୁ ଥିଲା ଦୁଇ ଋରି

କିଲୋମିଟର ଦୂରରେ ଥିବା ଶାନ୍ତିନିକେତନ ଯାତ୍ରା ମୋ ପାଇଁ ଥିଲା ଏକ ସଙ୍ଗେ ଦୁଇଟି ବିଦେଶ ଯାତ୍ରା ଭଳି, ଏବଂ ଏକାକୀ ଯିବାପାଇଁ ମୁଁ ମଧ୍ୟ ଥିଲି ସମ୍ପୂର୍ଣ୍ଣ ଅପାରଗ। ସେଥିପାଇଁ ମୋର ପିତା ମୋ ସହିତ ଶାନ୍ତିନିକେତନ ଯାତ୍ରା କରିଥିଲେ। ରବି ଠାକୁରଙ୍କର ଅନୁଷ୍ଠାନ ତଥା ନନ୍ଦଲାଲ ବୋଷ ଉଭୟଙ୍କ ଦର୍ଶନ ପାଇଁ ମଧ୍ୟ ତାଙ୍କର ବହୁଦିନର ଅଭିଳାଷ ଥିଲା ।

ତତ୍‌କାଳୀନ ଓଡ଼ିଶାର କରଦ ରାଜ୍ୟ ଖଣ୍ଡପଡାର ରାଜା ସାହେବ ଶ୍ରୀ ହରିହର ସିଂ ଶିଳ୍ପୀ ନନ୍ଦଲାଲଙ୍କର ଖ୍ୟାତି ଓ ମହାନୁଭବତା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥିଲେ। ରାଜା ସାହେବ ଓ ନନ୍ଦଲାଲ ଉଭୟଙ୍କର ଅନେକବାର ସାକ୍ଷାତ ହୁଏ କଲିକତାରେ, ଉଭୟଙ୍କର ରହଣି କାଳ ସମୟରେ ରାଜା ସାହେବ ଜଣେ ଶିଳ୍ପୀ ଥିଲେ ଏବଂ ଧୌତ ଚିତ୍ରକଳା (Wash Painting)ର ବିଭିନ୍ନ ପଦ୍ଧତି ସମ୍ପର୍କରେ ମଧ୍ୟ ତାଙ୍କର ଜ୍ଞାନଥିଲା। ମୁଁ ନିଜେ ମଧ୍ୟ ତାଙ୍କ ମୁଖରୁ ୱାସପେଣ୍ଟିଂର ପଦ୍ଧତି ସମ୍ପର୍କରେ କିଛିଟା ବୟାନ ଶୁଣିବାକୁ ପାଇଛି। ନନ୍ଦଲାଲଙ୍କ ସହିତ ଆଳାପ ଓ ତାଙ୍କର କେତୋଟି ଅରିଜିନାଲ୍ ପେଣ୍ଟିଂ ରାଜା ସାହେବ ନିଜେ ଦେଖିଥିବା ବିଷୟ ମଧ୍ୟ କଥା ପ୍ରସଙ୍ଗରେ କହିଛନ୍ତି। ଏହା ସହିତ ନନ୍ଦଲାଲଙ୍କର ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା ମଧ୍ୟ କରିଥାନ୍ତି ।

ମୋର ପିତା ୰ ଗୋପୀନାଥ ଦାସ ରାଜା ହରିହର ସିଂଙ୍କର ବାଲ୍ୟ ଶିକ୍ଷକ ଓ ସମୟକ୍ରମେ ରାଜା ସାହେବଙ୍କର ପରାମର୍ଶଦାତା ଥିଲେ। ସ୍ୱାଧୀନତା ପରେ ମଧ୍ୟ ରାଜାଙ୍କ ସହିତ ପିତାଙ୍କର ସୁସମ୍ପର୍କ ଥାଏ। ତେଣୁ ରାଜା ହରିହର ସିଂ ମୋ ସହିତ ମୋ ପିତା ଶାନ୍ତିନିକେତନ ଯାଇ ନନ୍ଦଲାଲଙ୍କ ସହିତ ସାକ୍ଷାତ କରି ସମସ୍ତ ପରିଚୟ ଦେବାପାଇଁ ଆଗ୍ରହୀ ଥିଲେ। ପିତା ପୁତ୍ର ଉଭୟେ ଶାନ୍ତିନିକେତନ ଅଭିମୁଖେ ଯାତ୍ରା କଲୁ। ଟ୍ରେନ୍ ଯାତ୍ରା ସମୟରେ ଶାନ୍ତିନିକେତନ ଜୀବନକୁ କିଭଳି ମୋତେ ଅତିବାହିତ କରିବାକୁ ହେବ, ସେ ସମ୍ପର୍କରେ ମୋ ପିତା ବହୁ କିଛି ଉପଦେଶ ଦେବାକୁ ଭୁଲି ଯାଇ ନଥିଲେ। ଏହି ଭଳି ଟ୍ରେନ୍ ଯାତ୍ରା ଶେଷ କରି ବୋଲପୁର ଦେଇ ଶାନ୍ତନିକେତନରେ ଯାଇ ପହଞ୍ଚିଲୁ।

ଶ୍ରୀ ଧିରେନ୍ କୃଷ୍ଣଦେବ ବରମନ୍ ତତ୍‌କାଳୀନ କଳା ଭବନର ଅଧ୍ୟକ୍ଷ ଥାଆନ୍ତି। କଳା ଭବନ ହେଉଛି ଚିତ୍ର ଶିକ୍ଷାର ମହାବିଦ୍ୟାଳୟ। ଅଧ୍ୟକ୍ଷଙ୍କ ସହିତ ପ୍ରଥମେ ସାକ୍ଷାତ କଲୁ ଏବଂ ସେ ଅଧ୍ୟାପକ ବିଶ୍ୱରୂପ ବୋଷଙ୍କୁ ନନ୍ଦଲାଲଙ୍କ ସହିତ ସାକ୍ଷାତ କରାଇବା ଦାୟିତ୍ୱ ହସ୍ତାନ୍ତର କଲେ। ବିଶ୍ୱରୂପ ବୋଷ (ବିଶୁ ଦା') ଶ୍ରୀ ନନ୍ଦଲାଲ ବୋଷଙ୍କର ପୁତ୍ର ଏବଂ ଜଣେ ବିଶିଷ୍ଟ ଶିଳ୍ପୀ ମଧ୍ୟ। ସେ ନନ୍ଦଲାଲଙ୍କ ସହିତ ସାକ୍ଷାତ ପାଇଁ ତାଙ୍କ ବାସଭବନକୁ ନେଇଗଲେ। ସେଦିନ ନନ୍ଦଲାଲଙ୍କ ସହିତ ମୋର ପ୍ରଥମ ସାକ୍ଷାତ ଓ ତାହା ମୋ ଜୀବନର ଅଭୁଲା ସ୍ମୃତି। ନନ୍ଦଲାଲ୍‌ଙ୍କର ଚରଣ ସ୍ପର୍ଶ କରି ପ୍ରଣାମ ଜଣାଇଲି ଏବଂ ତାଙ୍କ କରକମଳର ସ୍ପର୍ଶ ମୋ ଭିତରେ ଏକ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା। ସେ ମୋ ପିତାଙ୍କର ପ୍ରଣାମ ଗ୍ରହଣ କଲେ ଏବଂ ପିତା ପୁତ୍ର ଆସନ ଗ୍ରହଣ କଲୁ ନନ୍ଦଲାଲଙ୍କ ଷ୍ଟୁଡିଓ ମଧ୍ୟରେ, ଯେଉଁ

ସ୍ଥାନ ହିଁ ଥିଲା ତାଙ୍କ ସାଧନାର ସ୍ଥଳି। ପିତା ତାଙ୍କର ସମସ୍ତ ପରିଚୟ ଦେଲେ। ଶିଳ୍ପୀ ନନ୍ଦଲାଲଙ୍କର କି ଶାନ୍ତ, ଧୀର, ମଧୁର କଥା! ପରିଚୟ ପ୍ରଦାନ ପରେ ଶିଳ୍ପୀ ନନ୍ଦଲାଲ ରାଜାସାହେବଙ୍କ ସମ୍ପର୍କରେ ପଚାରିଲେ। ସ୍ୱାଧୀନତା ପୂର୍ବର ରାଜାରାଜୁଡ଼ା, ରାଜ ଦରବାରର ସାଜସଜ୍ଜା, ଦରବାରର ତୈଳଚିତ୍ର, ରାଜା ସାହେବଙ୍କର ଚିତ୍ରଶିକ୍ଷା ପ୍ରତି ଆଗ୍ରହ, ଇତ୍ୟାଦି ବହୁ ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା।

ବନ୍ଧୁସ୍ନେହୀ ନନ୍ଦଲାଲ ଅନେକ ସମୟ ପର୍ଯ୍ୟନ୍ତ ମୋର ପିତାଙ୍କ ସହିତ ଓଡ଼ିଶାର ପ୍ରାକୃତିକ ବିଭବ ଓ ରାଜାରାଜୁଡ଼ା ସମୟର କୀର୍ତ୍ତି ସମ୍ପର୍କରେ ଆଳାପ ଆଲୋଚନା କଲେ। ତାଙ୍କର ଭୁବନେଶ୍ୱର, ପୁରୀ ଓ କୋଣାର୍କ ଆସିଥିବା ବିଷୟ ମଧ୍ୟ ବର୍ଣ୍ଣନା କଲେ। ସେତେବେଳେ ସେ ପୁରୀରୁ କୋଣାର୍କ ଶଗଡ଼ ଗାଡିରେ ଯାଇଥିଲେ। ଚୋର, ଡକାୟତଙ୍କର ଭୟ ମଧ୍ୟ ଥାଏ। କୋଣାର୍କରେ ରହିବାର ସେଭଳି ସୁବିଧା ମଧ୍ୟ ନଥାଏ। ସେହିଭଳି ସମୟରେ ନନ୍ଦଲାଲ ସେଠାରେ ରହି କୋଣାର୍କ ମନ୍ଦିରରେ ଥିବା ମୂର୍ତ୍ତିଗୁଡ଼ିକର ଅନେକ ସ୍କେଚ୍ ମଧ୍ୟ କରିଥିଲେ। କୋଣାର୍କ ମୁଖ୍ୟ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଜିରାଫ ମୂର୍ତ୍ତି ଥିବା କଥା ତାଙ୍କର ମନେ ଅଛି କହି ଓଡ଼ିଆ ଶିଳ୍ପୀଙ୍କର ବିଦେଶ ସହିତ ସମ୍ପର୍କ ଥିବା ବିଷୟ ଅନୁମାନ କରାଯାଏ ବୋଲି ପ୍ରକାଶ କଲେ। ସେ ଭୁବନେଶ୍ୱରର ମନ୍ଦିର ବହୁବାର ଦେଖିଥିବା କଥା କହିଲେ। ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନମୁଗ୍ଧକର ବୋଲି ପ୍ରକାଶ କଲେ। ଏଥିରୁ ନନ୍ଦଲାଲଙ୍କର ଓଡ଼ିଶା ପ୍ରତି ଯେଉଁ ଉନ୍ନତ ଧାରଣା ଥିଲା, ତାହା ଜଣା ପଡେ। ଉଭୟ ବୟସ୍କ ବ୍ୟକ୍ତିଙ୍କର ଆଳାପ ଆଲୋଚନାର କିୟଦଂଶ ମୋ ଭଳି ଅର୍ବାଚୀନ ବାଳକ ପକ୍ଷେ ସମୟେ ସମୟେ ଦୁର୍ବୋଧ୍ୟ ହୋଇ ପଡୁଥିଲା। ତଥାପି, ହାର୍ଦ୍ଦିକତାପୂର୍ଣ୍ଣ ଆଳାପ ଆଲୋଚନା ମୋର ଅପରିପକ୍ୱ ସରଳ ମନରେ ଅସୀମ ଆନନ୍ଦ ସଞ୍ଚାର କରୁଥିଲା। ସେହି ମହାନ ପୁରୁଷଙ୍କ ନିକଟରେ ନିଜକୁ ସମର୍ପଣ କଲାଭଳି ଅନୁଭବ କଲି। ମୋର ଅନ୍ତର ଭିତରେ ମତେ ଲାଗିଲା ଯେପରି ଏକ ଆଧ୍ୟାତ୍ମିକ ଶିହରଣର ବିଦ୍ୟୁତ ସଞ୍ଚାରଣ ହୋଇ ଉଠିଲା।

ମୋ ପିତାଙ୍କର ଶାନ୍ତିନିକେତନର ସ୍ୱଳ୍ପ ସମୟର ରହଣି ଭିତରେ ଅନ୍ୟ ଗୋଟିଏ ଘଟଣା ମଧ୍ୟ ଉଲ୍ଲେଖନୀୟ। ସେତେବେଳେ ଓଡିଆ ବିଭାଗର ମୁଖ୍ୟ ଥିଲେ ଖ୍ୟାତନାମା ସାହିତ୍ୟିକ ଡକ୍ଟର୍ କୁଞ୍ଜବିହାରୀ ଦାଶ। ଡକ୍ଟର୍ ଦେବୀପ୍ରସନ୍ନ ପଟ୍ଟନାୟକ ଯେ କି ଜଣେ ଜ୍ଞାନୀ ଗୁଣୀ ଅଧ୍ୟାପକ ତଥା ଭାରତର ଜଣେ ସୁନାମଧନ୍ୟ ଭାଷାବିତ୍, ସେ ମଧ୍ୟ ଡକ୍ଟର୍ ଦାଶଙ୍କର ଅନ୍ତରଙ୍ଗ ଓ ସହଯୋଗୀ ଥିଲେ। ଡକ୍ଟର୍ ଦାଶଙ୍କ ତତ୍ତ୍ୱାବଧାନରେ ଓଡିଆ ବିଭାଗ ଦ୍ୱାରା ଗଠନ କରାଯାଇଥିବା ସାହିତ୍ୟିକା ତରଫରୁ ସେଦିନ ଓଡ଼ିଶାର ନୀଳକଣ୍ଠ ଦାସଙ୍କର ସ୍ମୃତି ପାଳନ କରାଯାଉଥିଲା। ସେଦିନର ଆୟୋଜିତ ସଭାରେ ଡକ୍ଟର କୁଞ୍ଜବିହାରୀ ଦାଶଙ୍କର ଅନୁରୋଧ କ୍ରମେ ମୋ ପିତାଙ୍କୁ ସଭାପତି ଆସନ ଗ୍ରହଣ କରିବାକୁ ପଡିଥିଲା। ସଭା ସ୍ଥଳରେ ଅଣ-ଓଡିଆ ଓ ବିଶେଷ କରି ବଙ୍ଗାଳି ଭଦ୍ରବ୍ୟକ୍ତି ଓ ଭଦ୍ରମହିଳା ବହୁ

ସଂଖ୍ୟାରେ ଯୋଗ ଦେଇଥିଲେ। ଇଂରାଜୀ, ହିନ୍ଦୀ, ବଙ୍ଗଳାରେ ପିତାଙ୍କର ଭାଷାଗତ ଯୋଗ୍ୟତା ଥିଲେ ମଧ୍ୟ ସେ ସେଦିନ ଶୁଦ୍ଧ ଓଡିଆରେ ଭାଷଣ ଦେଲେ। ତାଙ୍କ ବକ୍ତବ୍ୟର ପ୍ରାରମ୍ଭରେ ନିଜ ମାତୃଭୂମି ମାତୃଭାଷାର ଗୌରବ ଓ ନୀଳକଣ୍ଠଙ୍କର ଜୀବନୀ ତଥା ଓଡିଶାବାସୀଙ୍କ ପାଇଁ ତାଙ୍କ ଜୀବନର ତ୍ୟାଗ ଓ ତାଙ୍କ ଜୀବନର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେବାପରେ ବକ୍ତବ୍ୟର ଭିନ୍ନ ମୋଡ ଦେଲେ। ସେ କହିଲେ ଯେ ଆମ ବଙ୍ଗାଳି ଭାଇମାନେ ଓଡିଆ ଭାଷା ଠିକ ବୁଝି ପାରନ୍ତି, କାରଣ ଓଡିଆ, ବଙ୍ଗଳା ଓ ଆସାମୀୟ ଭାଷାଭାଷି ବ୍ୟକ୍ତିମାନେ ପରସ୍ପର ଏହି ତିନିଟି ଭାଷା ବୁଝିବାରେ ସକ୍ଷମ। କିନ୍ତୁ ଆମ୍ଭେମାନେ ଆମ ମାତୃଭାଷାରେ ନକହି ଅନ୍ୟର ଭାଷା ମାଧ୍ୟମରେ ଭାବ ପ୍ରକାଶ କରିବା ଓଡିଆ ଭାଇମାନଙ୍କ ପକ୍ଷେ ସମ୍ପୂର୍ଣ୍ଣ ଗୌରବର ବିଷୟ। ଆଉ ମଧ୍ୟ ମୋର ପିତା ଶାନ୍ତିନିକେତନରେ ଅଳ୍ପ ସମୟ ରହଣିର ଅନୁଭୂତିକୁ ଚାପି ନରଖି ପ୍ରକାଶ କଲେ ଯେ ଶାନ୍ତିନିକେତନରେ ବହୁ ଓଡିଆ ଛାତ୍ରଛାତ୍ରୀ ସେମାନଙ୍କର ବଙ୍ଗାଳି ବନ୍ଧୁମାନଙ୍କ ସହିତ ଓଡିଆରେ କଥାବାର୍ତ୍ତା ହୁଅନ୍ତି ନାହିଁ, ଯଦିଓ ଆମ ବଙ୍ଗାଳି ବନ୍ଧୁମାନେ ଓଡ଼ିଶାରେ ବହୁଦିନ ଧରି ବସବାସ କଲେ ମଧ୍ୟ ନିଜର ଭାଷାକୁ ଠିକ ସମ୍ମାନ ଦେଇଥାନ୍ତି।

ସଭା ସ୍ଥଳରେ କେତେକ ବନ୍ଧୁ ଏହି ଭାଷଣର ପ୍ରତିକ୍ରିୟାକୁ ଅପେକ୍ଷା କରିଥାନ୍ତି। କିନ୍ତୁ ଡକ୍ଟର୍ କୁଞ୍ଜବିହାରୀ ଦାଶ ତଥା ବହୁ ବଙ୍ଗାଳି ଗୁଣୀଜନ ଏହାକୁ ବେଶ ସମର୍ଥନ କରିଥିଲେ ଯାହାକି ସଭା ସ୍ଥଳର କରତାଳି ଧ୍ୱନି ସୂଚାଇ ଦେଇଥିଲା।

ଏହି ଉତ୍ସବର ପରଦିନ କୌଣସି ଜରୁରୀ କାମ ଥିବାରୁ ମୋ ପିତାଙ୍କୁ ଓଡ଼ିଶା ଫେରିବାକୁ ପଡିଥିଲା ଏବଂ ତା' ପୂର୍ବରୁ ସେ ନନ୍ଦଲାଲଙ୍କଠାରୁ ବିଦାୟ ନେବା ପାଇଁ ଯାଇଥିଲେ। ପୂର୍ବ ଦିନର ଓଡିଆ ଭବନର ଉତ୍ସବ ଓ ଭାଷା ସମ୍ପର୍କୀୟ ଭାଷଣ ନନ୍ଦଲାଲଙ୍କ କାନକୁ ଆସିଥାଏ। ନନ୍ଦଲାଲ ପିତାଙ୍କୁ ଦେଖି ତାଙ୍କର ବକ୍ତବ୍ୟ ଯଥାର୍ଥ ହୋଇଥିବା କଥା ପ୍ରକାଶ କରି କହିଲେ, *"ବାସ୍ତବିକ ଯାଦେର୍ ଭାଷାର ପ୍ରୀତି ନେଇ, ତା'ଦେର୍ ନିଜସ୍ୱ ସ୍ଥିତି ନେଇ"*। ଶିଳ୍ପୀ ନନ୍ଦଲାଲଙ୍କର ଏହି ବକ୍ତବ୍ୟରୁ ସ୍ପଷ୍ଟ ଅନୁମେୟ ଯେ ତାଙ୍କର ମାତୃଭାଷା ପ୍ରତି କିଭଳି ଆଦର ଓ ସମ୍ମାନ ଥିଲା। ମାତୃଭାଷା, ମାତୃଭୂମି ଓ ଗ୍ରାମ୍ୟଜୀବନ ପ୍ରତି ନନ୍ଦଲାଲଙ୍କର ଶ୍ରଦ୍ଧା ଓ ପ୍ରେମ ଥିଲା ଅସୀମ। ତାଙ୍କର ଦେଶ ସ୍ୱାଧୀନତା ସମୟର ଲବଣ ସତ୍ୟାଗ୍ରହ ସମ୍ପର୍କୀୟ ଦାଣ୍ଡି ମାର୍ଚ୍ଚର ଚିତ୍ର ତଥା ଶାନ୍ତିନିକେତନର ହଳ କର୍ଷଣର ଫ୍ରେସ୍କୋଚିତ୍ର ଉଭୟ ହିଁ ଜ୍ୱଳନ୍ତ ପ୍ରମାଣ ଦେଇଥାଏ। ମୋ ପିତା ସେହି ମହାନ୍ ଶିଳ୍ପୀ ନନ୍ଦଲାଲଙ୍କଠାରୁ ବିଦାୟ ନେଇ ଓଡ଼ିଶା ଫେରିଲେ ଓ ମୁଁ ସେହି ମହାମନୀଷୀ ନନ୍ଦଲାଲଙ୍କ ଚରଣ ତଳେ ନିଜକୁ ସମର୍ପଣ କଲି।●●●

# ଶାନ୍ତିନିକେତନ ପରିବେଶ, ପରମ୍ପରା
# ଓ ନନ୍ଦଲାଲ ବୋଷ

ମୋର ଶାନ୍ତିନିକେତନ ଜୀବନର ହେଲା ଆଦ୍ୟାରମ୍ଭ। ଶାନ୍ତିନିକେତନର ପରିବେଶ, ଚଳଣି, ଶିକ୍ଷା ଓ ଶିକ୍ଷକମାନଙ୍କ ସହିତ କିପରି ନିଜକୁ ଖାପଖୁଆଇ ଚଳିବାକୁ ହେବ ତାହା ମୋର ଚିନ୍ତାର ବିଷୟ ଥିଲା। କିନ୍ତୁ ସମୟ କ୍ରମେ ମୋର ମନ, କର୍ମ ଓ ସର୍ବୋପରି ମୋ ନିଜକୁ ସେହି ପବିତ୍ର ପରିବେଶ ସହିତ ଏପରି ସମର୍ପଣ କରି ବସିଲି ଯେ ତାହା ବର୍ଣ୍ଣନା କରିବା ପାଇଁ ମୋ ପାଖରେ ତଦୁଲ୍ୟ ଭାଷା ନାହିଁ। ସେ ପରିବେଶ ଭାରତର ଅନ୍ୟସବୁ ବିଶ୍ୱବିଦ୍ୟାଳୟଗୁଡିକଠାରୁ ଥିଲା ସମ୍ପୂର୍ଣ୍ଣ ଭିନ୍ନ ଓ ତାହା ହିଁ ଥିଲା ଶାନ୍ତିନିକେତନର ବିଶେଷତ୍ୱ। ମହାମନୀଷୀ ମହର୍ଷି ଦେବେନ୍ଦ୍ରନାଥ ଠାକୁର ଯଥାର୍ଥରେ ଏହି ସ୍ଥାନକୁ ମାନବ ଧର୍ମର ଶିକ୍ଷାଶ୍ରମ ରୂପେ ମନୋନୀତ କରିଥିଲେ ଏବଂ ଏହାର ନାମ ମଧ୍ୟ ଯଥାର୍ଥରେ ଦିଆ ହୋଇଥିଲା ଶାନ୍ତିନିକେତନ। ଏହା ହେଉଛି ଏକ ଶାନ୍ତିର ନୀଡ ଯାହାକି ପୃଥିବୀର ସମସ୍ତ ପ୍ରାନ୍ତରୁ ଜାତି ଧର୍ମ ନିର୍ବିଶେଷରେ କୋମଳମତି ବାଳକବାଳିକାମାନଙ୍କୁ ଏକତ୍ରିତ କରାଇ ଶାନ୍ତି ଓ ସାମ୍ୟ ମନ୍ତ୍ରରେ ଦୀକ୍ଷିତ କରାଇ ପାରିଥିଲା। ଏହା ମଧ୍ୟ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ନାମରେ ସୁପରିଚିତ। ଭାରତର ଏହି ମହାନ ବିଦ୍ୟାମନ୍ଦିର ବାସ୍ତବିକ ବିଶ୍ୱର ମଙ୍ଗଳପାଇଁ ଉଦ୍ଦିଷ୍ଟ। କବିଗୁରୁ ରବୀନ୍ଦ୍ରନାଥ ଥିଲେ ମାନବୀୟ ଧର୍ମର ଶ୍ରେଷ୍ଠ ପୂଜାରୀ ଓ ଶିଳ୍ପୀ ନନ୍ଦଲାଲଙ୍କୁ ଜଣେ ଉପଯୁକ୍ତ ଦାୟାଦ ମନେକରି ଶାନ୍ତିନିକେତନ ଆଶ୍ରମକୁ ଆମନ୍ତ୍ରଣ କରିଥିଲେ।

ଶାନ୍ତିନିକେତନରେ କଳା,ସଙ୍ଗୀତ, ସାହିତ୍ୟ ଓ ବିଜ୍ଞାନ ଆଦି ବହୁବିଧ ଶିକ୍ଷାର ବ୍ୟବସ୍ଥା ଅଛି। ଭିନ୍ନଭିନ୍ନ ବିଭାଗର ଶିକ୍ଷା ପାଇଁ ନିର୍ମିତ ଭବନ ଗୁଡିକର ନାମକରଣ ମଧ୍ୟ ଭିନ୍ନଭିନ୍ନ। କଳାଭବନ, ସଙ୍ଗୀତଭବନ, ଶିକ୍ଷାଭବନ, ଚୀନାଭବନ ଆଦି ବିଭାଗ ବା ଭବନ ନିର୍ବିଶେଷରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ଭିତରେ ଯେଉଁ ଭ୍ରାତୃଭଗିନୀ ଭାବର ସୌହାର୍ଦ୍ଦ୍ୟତା, ଶିକ୍ଷକ ଓ ଛାତ୍ରମାନଙ୍କ ଭିତରେ ଯେଉଁ ପିତା-ପୁତ୍ରର ସମ୍ପର୍କ ଓ ହାର୍ଦ୍ଦିକତା, ତାହା ପାଇଁ ଏ ବର୍ଣ୍ଣନା ଯଥେଷ୍ଟ ନୁହେଁ। କେବଳ ସ୍ୱଚକ୍ଷୁରେ ଦେଖି ନିଜ ଅନୁଭୂତିରେ ଆଣିଲେ ଯାଇ ତାର ପ୍ରକୃତ ରୂପ ଓ ଭାବ ଜାଣିବା ସମ୍ଭବ ହୋଇପାରିବ।

ବିଭିନ୍ନ ଉତ୍ସବଗୁଡିକରେ ପ୍ରତ୍ୟେକ ଭବନର ଛାତ୍ରଛାତ୍ରୀ ଭାଗ ନେଇଥାନ୍ତି ଏବଂ ମିଳିମିଶି କାମ କରିବାରେ ସେମାନେ ଅସୀମ ଆନନ୍ଦ ଲାଭ କରନ୍ତି। ଏଠାରେ ଉଲ୍ଲେଖନୀୟ

ଯେ ପ୍ରତ୍ୟେକ ପୂର୍ଣ୍ଣମୀ ତିଥିରେ ଭବନ ବା ବିଭାଗ ନିର୍ବିଶେଷରେ ଛାତ୍ରଛାତ୍ରୀମାନେ ଖୋଳତାଳ ଓ ବହୁବିଧ ବାଦ୍ୟଯନ୍ତ୍ର ଧରି ରବୀନ୍ଦ୍ର ସଙ୍ଗୀତ ପରିବେଷଣ କରି ଆଶ୍ରମର ଚତୁର୍ଦ୍ଦିଗର ପରିବେଶକୁ ସୁନ୍ଦର, ମଧୁର ଓ ପବିତ୍ର କରି ବସିଥାନ୍ତି।

କଳାଭବନ ପାଇଁ ଶାନ୍ତିନିକେତନ ବିଶ୍ୱରେ ଗୌରବ ଅର୍ଜନ କରିଅଛି। ଭାରତ ତଥା ଭାରତ ବାହାରେ ଖ୍ୟାତି ଅର୍ଜନ କରିଥିବା ଶିଳ୍ପୀ ନନ୍ଦଲାଲ ବୋଷ କଳାଭବନର କେବଳ ଯେ ଜନ୍ମଦାତା ଥିଲେ ତା' ନୁହେଁ, ବରଂ ଭାରତୀୟ କଳାକୁ ଏକ ନୂତନ ରୂପ ଦେଇ ସମକାଳୀନ କଳା ଜଗତକୁ ନୂତନ ଦିଗଦର୍ଶନ ଦେବାରେ ସେ ହେଉଛନ୍ତି ସର୍ବଶ୍ରେଷ୍ଠ। ରାମକିଙ୍କର, ବିନୋଦ ମୁଖାର୍ଜୀ, ଧୀରେନ୍‌କୃଷ୍ଣ ଦେବ ବର୍‌ମନ୍, ବିଶ୍ୱରୂପ ବୋଷ ଓ ସୁଖମୟ ମିତ୍ରଙ୍କ ଭଳି ଶିକ୍ଷକମାନେ ଶିଳ୍ପୀ ନନ୍ଦଲାଲଙ୍କର ଛାତ୍ର ଥିଲେ। ଶିଳ୍ପୀ ନନ୍ଦଲାଲ୍ ଏହି ଛାତ୍ରମାନଙ୍କଠାରେ ଥିବା ମହାନ ଗୁଣକୁ ଲକ୍ଷ୍ୟ କରି ଜାଣି ପାରିଥିଲେ ଯେ ଭବିଷ୍ୟତରେ ଏମାନେ କଳାଭବନର ଉପଯୁକ୍ତ ଶିକ୍ଷକ ହୋଇ ଉତ୍ତମ ଶିକ୍ଷାଦାନ କରିପାରିବେ। ତେଣୁ ଏମାନଙ୍କୁ ତାଙ୍କର ସହକର୍ମୀ ରୂପେ ଗ୍ରହଣ କଲେ ଏବଂ ସୁରେନକର୍‌ଙ୍କ ଭଳି କେତେକ ଗୁଣୀ ଶିକ୍ଷକଙ୍କ ମାଧ୍ୟମରେ ଶାନ୍ତିନିକେତନ ସ୍କୁଲ ଅଫ୍ ଆର୍ଟ୍ ରୂପ ନେଇ ପାରିଥିଲା। ଏହି ଶିଳ୍ପୀ ତଥା ଶିକ୍ଷକମାନେ କଳା ଭବନର ସର୍ବାଙ୍ଗ ଉନ୍ନତି ପାଇଁ ସେମାନଙ୍କର ଜୀବନକୁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିଲେ।

ଶିଳ୍ପୀ ନନ୍ଦଲାଲ୍ ତାଙ୍କ ଜୀବନରେ ବହୁ ସଂଖ୍ୟକ ଶିଳ୍ପୀ ତିଆରି କରିପାରିଛନ୍ତି ଏବଂ ସେମାନେ ଦେଶ ବିଦେଶରେ ସମ୍ମାନ ଓ ପ୍ରତିଷ୍ଠା ଲାଭ କରି ଅଛନ୍ତି। ଶାନ୍ତିନିକେତନ ବା ଶିଳ୍ପୀ ନନ୍ଦଲାଲଙ୍କର ଶିକ୍ଷାର ଧାରା ଓ ଶିକ୍ଷା ପଦ୍ଧତି ଭିନ୍ନ ଥିଲା। ଛାତ୍ରମାନଙ୍କୁ ଅର୍ଥକରୀ ବିଦ୍ୟା ପ୍ରତି ଆକୃଷ୍ଟ କରାଇବାକୁ ସେ ଚାହୁଁ ନଥିଲେ। କାରଣ ଅର୍ଥର ଲାଳସା ଶିଳ୍ପୀର କଳା ସାଧନା ପଥରେ ବାଧା ସୃଷ୍ଟି କରିଥାଏ। ଆଦର୍ଶ ଯୋଗୁ ସେତେବେଳେ କଳା ଭବନରେ ବ୍ୟବସାୟିକ କଳା ଶିକ୍ଷା ପାଠ୍ୟପୁସ୍ତକରୁ ବାଦ ଦିଆଯାଇଥିଲା। ଚାରିକାନ୍ଥ ଭିତରେ କଳା ଶିକ୍ଷାକୁ ନନ୍ଦଲାଲ ପସନ୍ଦ କରୁ ନଥିଲେ। ଯେଉଁଥିପାଇଁ ଗଛମୂଳରେ ପାଠ ପଢା ହେଉଥିଲା। କଳା ଭବନର ଛାତ୍ରଛାତ୍ରୀ ଶାଳବଣ ଓ ଆମ୍ବତୋଟା ଭିତରେ ଛବି ଆଙ୍କି ବସୁଥିଲେ। ଏହି ମୁକ୍ତ ଆକାଶ ତଳେ ଛବି ଆଙ୍କିବା ପାଇଁ ଶାନ୍ତିନିକେତନ ପରିସର ଭିତରେ ଶାଳ, ଆମ୍ବ ଓ ବକୁଳ ବନ ସୃଷ୍ଟି କରାଯାଇଥିଲା। ମୁକ୍ତ ଆକାଶ ତଳେ ଓ ପ୍ରକୃତି କୋଳରେ ଶିକ୍ଷା ଲାଭ କରିବା ଦ୍ୱାରା ସୃଷ୍ଟିର ବିଶାଳତାକୁ ଠିକ ଉପଲବ୍ଧି କରିବା ସହିତ ପ୍ରକୃତି ସହିତ ଶିଳ୍ପୀର ଏକାତ୍ମବୋଧ ସମ୍ଭବ ହୋଇପାରୁଥିଲା। ନନ୍ଦଲାଲଙ୍କ ଭାଷାରେ ପଶୁ, ପକ୍ଷୀ, ବୃକ୍ଷଲତା ସମସ୍ତଙ୍କର ଜୀବନ ଓ ଅନୁଭବ ଶକ୍ତି ଅଛି। ତେଣୁ ତାଙ୍କ ମତରେ ଶିଳ୍ପୀ ସେ ସମସ୍ତଙ୍କୁ ଯଥାର୍ଥ ସମ୍ମାନ ଦେବା ଉଚିତ୍।

ଶିଳ୍ପୀ ନନ୍ଦଲାଲଙ୍କର ଶିଳ୍ପଚର୍ଚ୍ଚା, କଳା ସୃଷ୍ଟିର ଦିଗ ବା କଳା ଜଗତକୁ ତାଙ୍କର ଯେଉଁ ଅବଦାନ ତାହା ଏହି ବହିର ସୀମିତ ପୃଷ୍ଠାରେ ପ୍ରକାଶ କରିବା ସମ୍ଭବ ନୁହେଁ। ବହୁ ଜ୍ଞାନୀ ଗୁଣୀ ଶିଳ୍ପୀ ଓ କଳା ସମାଲୋଚକ ନନ୍ଦଲାଲଙ୍କର ବହୁମୁଖୀ ପ୍ରତିଭା ତଥା ଜୀବନ କାହାଣୀ ପୁସ୍ତକ ଆକାରରେ ପ୍ରକାଶ କରିଅଛନ୍ତି। ତାଙ୍କ ବିସ୍ତୃତ ଜୀବନର ସାଧନା ଓ ଉଜ୍ଜ୍ୱଳ ପ୍ରତିଭା ଲେଖା ମାଧ୍ୟମରେ ପ୍ରକାଶ କରିବାର ଯୋଗ୍ୟତା ମୋର ନଥିଲେ ମଧ୍ୟ ସେହି ମହାମନୀଷୀ ଶିଳ୍ପୀ ନନ୍ଦଲାଲ ବୋଷଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଆସି ତାଙ୍କୁ ନିକଟରୁ ଯେତିକି ଦେଖିପାରିଛି ଓ ତାଙ୍କ ସାନ୍ନିଧ ଯେତିକି ଲାଭ କରି ପାରିଛି, ସେହି ଅନୁଭୂତି ମଧ୍ୟରୁ କେତୋଟି ସ୍ମୃତିକୁ ଲିପିବଦ୍ଧ କରିବାକୁ ଶ୍ରେୟ ମନେ କରିଅଛି।

ଛାତ୍ରବତ୍ସଳ ନନ୍ଦଲାଲଙ୍କୁ ସମସ୍ତେ ମାଷ୍ଟ୍ର ମଶାଏ ବୋଲି ସମ୍ବୋଧନ କରିଥାନ୍ତି। ସେ ଶିକ୍ଷକଙ୍କର ଶିକ୍ଷକ ବା ଆଦି ଗୁରୁ। ଗୁରୁର ଅର୍ଥ ଭାରି ବା ଓଜନଦାୟକ। ସେ କେବଳ ଯେ ଜଣେ ଶ୍ରେଷ୍ଠ ଶିଳ୍ପୀ ବା ଉତ୍ତମ ଶିକ୍ଷକ ଥିଲେ ତା' ନୁହେଁ। ତାଙ୍କର ଦୟା, କ୍ଷମା, ସମଦୃଷ୍ଟି ଭାବ ଓ ସର୍ବୋପରି ମହାନୁଭବତା ତାଙ୍କର ଆସନକୁ ଅତି ଉଚ୍ଚତର କରି ରଖି ପାରିଥିଲା।

ଶିଳ୍ପୀ ନନ୍ଦଲାଲଙ୍କର ଅବସର ପରେ କଳାଭବନକୁ ନିୟମିତ ଆସିବା ପ୍ରୟୋଜନ ନଥାଏ। ତାଙ୍କର ବାସଗୃହ, କଳାଭବନ ତଥା ଛାତ୍ରାବାସର ଅନତି ଦୂରରେ ଅବସ୍ଥିତ। ତାଙ୍କର ବାସଭବନ ସେଭଳି ରାଜପ୍ରାସାଦ ଭଳି ନୁହେଁ। ଗୋଟିଏ ସାଧାରଣ କୋଠାଘର କହିଲେ ଭୁଲ୍ ହେବନାହିଁ। ତାହା ମନେହୁଏ ଯେପରି ତାଙ୍କ ସରଳ ଓ ଆଦର୍ଶମୟ ଜୀବନର ଏକ ନମୁନା ଏବଂ ତାହା ଶିଳ୍ପୀମାନଙ୍କ ପାଇଁ ଦେବମନ୍ଦିର କହିଲେ ଅତ୍ୟୁକ୍ତି ହେବନାହିଁ। ବହୁ ଦେଶ ବିଦେଶର ଶିଳ୍ପୀ, ପୁରାତନ ଛାତ୍ର ଓ ବିଶିଷ୍ଟ ଭଦ୍ରବ୍ୟକ୍ତି ଶିଳ୍ପୀ ନନ୍ଦଲାଲ୍ଙ୍କୁ ସାକ୍ଷାତ କରିବା ଲାଗି ଏହି ବାସ ଭବନକୁ ଯାଇଥାନ୍ତି।

ଛାତ୍ର ବା ଶିକ୍ଷକମାନେ ନିଜ ନିଜର ଜନ୍ମ ଦିନରେ ମାଷ୍ଟ୍ର ମଶାୟଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ତାଙ୍କ ନିକଟକୁ ଯାଇଥାନ୍ତି। ହାତରେ ଫୁଲତୋଡା ଧରି ମାଷ୍ଟ୍ର ମଶାୟଙ୍କ ପାଦ ତଳେ ବିନମ୍ର ପ୍ରଣାମ ଜଣାଇ ଆଶୀର୍ବାଦ ଭିକ୍ଷା କରିବା ଶାନ୍ତିନିକେତନ ଜୀବନଧାରାର ଅଙ୍ଗ, ଶୃଙ୍ଖଳା, ଶିଷ୍ଟାଚାର ଓ ସଂସ୍କୃତି। କୌଣସି ଛାତ୍ରର ଜନ୍ମ ଦିନରେ ତାଙ୍କ ସହିତ ଆଉ କେତେଜଣ ସହପାଠୀମାନେ ଯାଇଥାନ୍ତି। କାରଣ ମାଷ୍ଟ୍ର ମଶାୟଙ୍କ ସାନିଧ ଲାଭ, ଦେବଦର୍ଶନର ପବିତ୍ରତାଠାରୁ କୌଣସି ଗୁଣରେ ନ୍ୟୁନ ନଥିଲା। ଯେଉଁ ଛାତ୍ରର ଜନ୍ମଦିନ, ସେ ଫୁଲ ତୋଡାଟିଏ ହାତରେ ଧରି ମାଷ୍ଟ୍ର ମଶାୟଙ୍କ ପାଦତଳେ ପ୍ରଣାମ ଜଣାଇବା ସଙ୍ଗେସଙ୍ଗେ ଆମେ ଅନ୍ୟ ସହପାଠୀମାନେ ସମସ୍ତେ ସେହି ଢ଼ଙ୍ଗରେ ତାଙ୍କୁ ପ୍ରଣାମ ଜଣାଇ ଏକତ୍ରିତ ହୋଇ ବସୁଥିଲୁ। ଏହିଭଳି ସହପାଠୀ ବନ୍ଧୁମାନଙ୍କର ଜନ୍ମଦିନରେ ସେମାନଙ୍କ

ସହିତ ବହୁବାର ଯାଇ ଶିଳ୍ପୀ ନନ୍ଦଲାଲଙ୍କର ଦର୍ଶନ ଲାଭ କରିବାର ସୁଯୋଗ ପାଇଥାଏ ଏବଂ ଏଭଳି ସୁଯୋଗରୁ ବଞ୍ଚିତ ନହେବା ପାଇଁ ମୁଁ ସର୍ବଦା ଯତ୍ନଶୀଳ ଥାଏ। ଏହା ହିଁ ମୋର ନନ୍ଦଲାଲଙ୍କ ନିକଟତର ହେବା ପାଇଁ ଥିଲା ଅନ୍ୟ ଏକ ସର୍ବୋତ୍ତମ ମାଧ୍ୟମ। ଏହା କରିବା ବେଳେ ମନ୍ଦିରରେ ଦେବ ଦର୍ଶନ କଲା ଭଳି ଅନୁଭବ କରୁଥିଲି। ଶିଳ୍ପୀ ନନ୍ଦଲାଲ ସହାସ୍ୟ ବଦନରେ ଯାହାର ଜନ୍ମଦିନ ତାହାର ସମ୍ପୂର୍ଣ୍ଣ ପରିଚୟ ପଚାରନ୍ତି। ସେ ଛାତ୍ର ଯେଉଁ ପ୍ରଦେଶ ବା ଦେଶର ହୁଅନ୍ତୁ ନା କାହିଁକି, ସେ ସ୍ଥାନର ପ୍ରଧାନ କଳାପୀଠ ତଥା ଚିତ୍ର ଭାସ୍କର୍ଯ୍ୟ ସମ୍ପର୍କରେ ମାଷ୍ଟ୍ର ମଶାୟଙ୍କଠାରୁ ଶୁଣିଲେ ଜଣାଯାଏ ଯେ ଭାରତ ତଥା ଭାରତ ବାହାରର ବିଭିନ୍ନ କଳା ପୀଠ ଗୁଡିକ ସମ୍ପର୍କରେ ତାଙ୍କର କିଭଳି ବିସ୍ତୃତ ଧାରଣା ଓ ଅସୀମ ଜ୍ଞାନ ଥିଲା। ଆଳାପ ଓ ଆଲୋଚନାକୁ ଗଭୀର ଭାବରେ ଅନୁଧ୍ୟାନ କଲେ ଠିକ୍ ଜଣା ଯାଏ ଯେ ସେ ଜୀବନରେ କଳାକୁ ବ୍ରତ ରୂପେ ଗ୍ରହଣ କରିଥିଲେ। ସୃଜନ କଳା ସହିତ ତାଙ୍କ ଜୀବନ ଏଭଳି ଓତୋଃପ୍ରୋତଃ ଭାବେ ଜଡିତ ଥିଲା ଯେ ଭାରତୀୟ କଳା ଓ ଶିଳ୍ପୀମାନଙ୍କୁ ପରସ୍ପରଠାରୁ ଅଲଗା ଭାବେ ଚିନ୍ତା କରାଯାଇ ନପାରେ। ସେ ନିଜେ କହନ୍ତି ଯେ, ଭାରତର ପୁରାତନ ଶିଳ୍ପୀମାନଙ୍କର କୀର୍ତ୍ତି ସମୂହ ହିଁ ଆମ ଶିଳ୍ପକଳାର ଗନ୍ତାଘର। ଶିଳ୍ପୀ ନନ୍ଦଲାଲଙ୍କର ସମସ୍ତ ଚିତ୍ରକଳାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପୁରାତନ ଚିତ୍ର ଭାସ୍କର୍ଯ୍ୟ ଥିଲା ତାଙ୍କ ଶିଳ୍ପକଳା ସୃଷ୍ଟିର ମୂଳମନ୍ତ୍ର।

ଶିଳ୍ପୀ ନନ୍ଦଲାଲଙ୍କର ଜନ୍ମଦିନ କଳାଭବନରେ ଏକ ମହୋତ୍ସବର ଦିବସ। ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ସେଦିନ ଏକତ୍ରିତ ହୋଇ ମାଷ୍ଟ୍ର ମଶାୟଙ୍କ ବାସଭବନକୁ ଯାଇଥାଉ। ସେଠାରେ ପ୍ରତ୍ୟେକ ତାଙ୍କ ଚରଣ ତଳେ ପ୍ରଣତି ଜଣାଇ ତାଙ୍କର ଦୀର୍ଘ ଜୀବନ କାମନା କରି ଏକତ୍ରିତ ହୋଇ ବସୁ। କେତେକ ଜନ୍ମୋତ୍ସବର ଶୁଭ ସଙ୍ଗୀତ ପରିବେଷଣ କରନ୍ତି। ସେଦିନ ଅନ୍ୟ ଭବନରୁ ମଧ୍ୟ ବହୁ ଛାତ୍ରଛାତ୍ରୀ ଓ ଶିକ୍ଷକ ପ୍ରଣାମ ଜଣାଇବା ପାଇଁ ତାଙ୍କ ବାସଭବନକୁ ଆସିଥାନ୍ତି। କେତେକ ବିଦେଶୀ ଶିଳ୍ପୀ ଓ ପଣ୍ଡିତ ମଧ୍ୟ ଶିଳ୍ପୀ ନନ୍ଦଲାଲଙ୍କୁ ତାଙ୍କର ଏହି ଜନ୍ମଦିନରେ ସୁସାକ୍ଷାତ ଓ ଶୁଭେଚ୍ଛା ଜଣାଇବା ପାଇଁ ବହୁ ଦୂରଦୂରାନ୍ତରରୁ ଆସିଥିବାର ଦେଖାଯାଏ। କଳା ଭବନର ପ୍ରଧାନ କାର୍ଯ୍ୟାଳୟ ନନ୍ଦଲାଲ ବୋଷଙ୍କ ନାମାନୁଯାୟୀ 'ନନ୍ଦନ' ନାମରେ ନାମିତ କରାଯାଇଅଛି। ଏହା ଭିତରେ ଥିବା ବିରାଟ ପ୍ରଦର୍ଶନୀ ଗୃହରେ ସେଦିନ ମାଷ୍ଟ୍ର ମଶାୟଙ୍କର ଚିତ୍ର ପ୍ରଦର୍ଶନୀର ଆୟୋଜନ କରାହୋଇଥାଏ। ଦୂରଦୂରାନ୍ତରରୁ ବହୁ ଶିଳ୍ପୀ, ଶିଳ୍ପ ରସିକ ତଥା ଗୁଣୀ ବ୍ୟକ୍ତି ଏହି ପ୍ରଦର୍ଶନୀ ଦେଖିବାକୁ ଆସିଥାନ୍ତି। ଏକ ସମୟରେ ଶିଳ୍ପୀ ନନ୍ଦଲାଲଙ୍କର ଏତେ ଗୁଡିଏ ମୌଳିକ କୃତି ଦେଖିବାର ସୁଯୋଗ ପାଇବା କମ ସୌଭାଗ୍ୟର ବିଷୟ ନୁହେଁ। ସେଦିନ ତାଙ୍କର ବିଭିନ୍ନ ଧରଣର ଚିତ୍ର ଦେଖିବାର ସୁଯୋଗ ମିଳେ। ବହୁବିଧ ପଦ୍ଧତି ଓ କଳା କୌଶଳ କିଭଳି ତାଙ୍କର ସାଧନାୟତ

ଥିଲା ତାହା କଳ୍ପନା କରାଯାଇ ନପାରେ। ଆଜି ଦେଖିଥାଉଁ ଯେ କଳା ଜଗତରେ ରାସାୟାନିକ ପଦ୍ଧତିରେ ବହୁ ଧରଣର ପରୀକ୍ଷା ନୀରିକ୍ଷା ହୋଇ ଚାଲିଛି। ଏହି ସୃଜନ କଳା ଯୁଗକୁ ଆମେ କଳାର ପରୀକ୍ଷା ଯୁଗ ବା Experimental Age of Art କହିଲେ ଅତ୍ୟୁକ୍ତି ହେବନାହିଁ। ଅଧିକାଂଶ ଶିଳ୍ପୀ ଆଜି, ନିଜର ପ୍ରତିଷ୍ଠା ଲାଗି ନୂତନ ନୂତନ ପଦ୍ଧତି ଓ କଳା କୌଶଳ ଅବଲମ୍ବନ କରି କ୍ରମଶଃ ପ୍ରକାଶ୍ୟ କଳା ଅପେକ୍ଷା ପଦ୍ଧତିର ସ୍ଥାନକୁ ଉର୍ଦ୍ଧ୍ୱରେ ରଖି ନୂତନତାର ଡିଣ୍ଡିମ ବଜାଉଛନ୍ତି। କିନ୍ତୁ ଶିଳ୍ପୀ ନନ୍ଦଲାଲଙ୍କର ଉନ୍ନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଯେଉଁ ସବୁ ସୃଷ୍ଟି ସେ କରିଛନ୍ତି ତାହାର ପ୍ରତ୍ୟେକ ସ୍ତର ଓ ପ୍ରତ୍ୟେକ କୃତିକୁ ଅନୁଧ୍ୟାନ କଲେ ସେଥିରୁ ପ୍ରତ୍ୟେକଟିରେ ସେ ନୂତନତାର କାଉଁରୀ କାଠି ସ୍ପର୍ଶ କରିଥିବା ପ୍ରତ୍ୟକ୍ଷୀଭୂତ ହୋଇଥାଏ। ସେ ପଦ୍ଧତି ଅପେକ୍ଷା କଳାର ବର୍ଣ୍ଣନାକୁ ଅଧିକ ଗୁରୁତ୍ୱ ଦେଉଥିଲେ।

ମାଷ୍ଟ୍ର ମଶାୟଙ୍କର ଜନ୍ମ ଦିନରେ ତାଙ୍କର ଚିତ୍ର ପ୍ରଦର୍ଶନୀ ସହିତ ସଭା ସମିତି ଏବଂ ଆଲୋଚନା ଚକ୍ରର ମଧ୍ୟ ଆୟୋଜନ ହୋଇଥାଏ। ତତ୍‌କାଳୀନ କଳା ଭବନରେ ଶିକ୍ଷକତା କରୁଥିବା ମୋର ପୂଜ୍ୟ ଗୁରୁ ଧୀରେନକୃଷ୍ଣ ଦେବ୍ ବର୍ମନ୍, ରାମକିଙ୍କର ବେଜ, ବିନୋଦ ବିହାରୀ ମୁଖୋପାଧ୍ୟାୟ, ସୁଖମୟ ମିତ୍ର, ଏ. ପିରମଲ ଆଦି ଖ୍ୟାତନାମା ଶିଳ୍ପୀମାନେ ତଥା ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିଳ୍ପୀମାନେ ନନ୍ଦଲାଲଙ୍କ ସମ୍ପର୍କରେ ଭାଷଣ ଦେଇଥାନ୍ତି। କେତେକ ବ୍ୟକ୍ତି ବହୁଦିନ ଧରି ନନ୍ଦଲାଲଙ୍କ ସଂସ୍ପର୍ଶରେ ଆସିଥିବାରୁ ତାଙ୍କର ବହୁମୁଖୀ ପ୍ରତିଭା ସମ୍ବନ୍ଧରେ ବର୍ଣ୍ଣନା କରିଥାନ୍ତି। ଥରେ ଲେଡି ରାନୁ ମୁଖାର୍ଜୀଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିବା ସଭାରେ ଶିଳ୍ପୀ ରାମକିଙ୍କରଙ୍କୁ ନନ୍ଦଲାଲଙ୍କ ବିଷୟରେ କିଛି କହିବା ପାଇଁ ଅନୁରୋଧ କରାଯାଇଥିଲା। ରାମକିଙ୍କର ତାଙ୍କ ସ୍ୱାଭାବିକ ଶୈଳୀରେ ଭାବ ବିହ୍ୱଳ ହୋଇ କହିଲେ ଯେ କଳା ଭବନର ଗୋଡିମାଟି ଓ ଆମ୍ଭମାନଙ୍କର ପ୍ରତି ରକ୍ତକଣିକାରେ ଯେଉଁ ନନ୍ଦଲାଲଙ୍କ ଆଦର୍ଶ ଓ ଅବଦାନ ଭରି ରହିଛି ତାଙ୍କ ବିଷୟରେ ମୁଁ ବା କହିବି କଣ! ପଞ୍ଚସ୍ତରି ବର୍ଷର ବୟୋବୃଦ୍ଧ ନନ୍ଦଲାଲ ଏହି ସଭାସ୍ଥଳିକୁ ନିମନ୍ତ୍ରିତ ହୋଇଥାନ୍ତି। ସେ ସ୍ୱଳ୍ପଭାଷୀ, କିନ୍ତୁ ତାଙ୍କ ନିଜ ଜୀବନର ଅନୁଭୂତିପୂର୍ଣ୍ଣ ଭାଷଣରେ ରହିଥିଲା କଳାକାର, କଳାପ୍ରେମୀ, କଳା ସମାଲୋଚକ ଓ ସୁଧୀବୃନ୍ଦମାନଙ୍କ ପାଇଁ ଅମୂଲ୍ୟ ବାର୍ତ୍ତା। ମୋ ଛାତ୍ର ଜୀବନରେ ଏହିଭଳି ପରିବେଶରେ ରହି ନିଜ ଅନୁଭୂତିରେ ଆଣିଥିବା ଘଟଣାଗୁଡିକର ପ୍ରଭାବ ମୋ ଉପରେ ପଡିଛି କି ନାହିଁ, ବା କେତେ ପରିମାଣରେ ମୁଁ ଏହି ପରିବେଶ ଦ୍ୱାରା ପ୍ରଭାବିତ, ତାହା ମୁଁ ଜାଣି ନାହିଁ। ତେବେ ସେହି ପରିବେଶରେ ଦୀର୍ଘ ଦିନ କଟାଇ ବହୁ ଗୁଣୀ ଶିକ୍ଷକ ତଥା ସେହି ମହାନ ଶିଳ୍ପୀ ନନ୍ଦଲାଲଙ୍କ ସାନ୍ନିଧ୍ୟ ଲାଭ କରିପାରିଥିଲି ବୋଲି ନିଜକୁ ଧନ୍ୟ ମନେ କରିଥାଏ। ●●●

# ପ୍ରକୃତିର ସୌନ୍ଦର୍ଯ୍ୟ ଓ ନନ୍ଦଲାଲଙ୍କ ଦୃଷ୍ଟିକୋଣ

ଘଟଣାବହୁଳ ଶାନ୍ତିନିକେତନ ଜୀବନର କେତୋଟି ଉଲ୍ଲେଖନୀୟ ଘଟଣା ଚିରଦିନ ପାଇଁ ଭୁଲି ପାରିନାହିଁ। ବିଭିନ୍ନ ଭବନଗୁଡିକ ଭଳି କଳା ଭବନର ସେଦିନ ମଧ୍ୟ ଛୁଟିଥାଏ। ସେଦିନ ସକାଳ ସୂର୍ଯ୍ୟର ସୁନେଲି କଅଁଳ ଖରା ଶାନ୍ତିନିକେତନ ଆଶ୍ରମର ଗଛଲତା, ଫୁଲ, ଫଳ ସବୁରି ଉପରେ ବିଛାଡି ହୋଇ ଆସୁଥିଲା। ଏହିଭଳି ଏକ ସମୟରେ ସ୍କେଚ୍ ଖାତା ଖଣ୍ଡିକ ଧରି ପିଆରସନ୍ ପଲ୍ଲୀ ଆଡକୁ ବାହାରିଲି। ପିଆରସନ୍ ପଲ୍ଲୀ ଶାନ୍ତିନିକେତନ ଆଶ୍ରମର ଅନତି ଦୂରରେ ଗୋଟିଏ ଛୋଟ ସାନ୍ତାଳ ପଡା। କବି ରବୀନ୍ଦ୍ରନାଥ ଶାନ୍ତିନିକେତନର ପରିବେଶକୁ ସରଳ, ସୁନ୍ଦର ଓ ଗ୍ରାମ୍ୟ ଜୀବନର ଆଦର୍ଶରେ ରୂପାୟିତ କରିବା ପାଇଁ ଏଇ ଗରିବ ଓ ସରଳ, ସାନ୍ତାଳମାନଙ୍କ ପାଇଁ ଥଇଥାନର ବ୍ୟବସ୍ଥା କରିଥିଲେ। ସେମାନଙ୍କ ଜୀବନଧାରାର ଆଦର୍ଶ, ଆଶ୍ରମର ଦାର୍ଶନିକ, କବି ଓ ଶିଳ୍ପୀମାନଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇ ପାରିଛି। ଗୁଣୀ, ଜ୍ଞାନୀ, ଭାରତପ୍ରେମୀ ପିଆରସନ ସାହେବଙ୍କ ନାମାନୁଯାୟୀ ଏହି ସାନ୍ତାଳ ପଡାଟିର ନାମ ପିଆରସନ୍ ପଲ୍ଲୀ ହୋଇଅଛି। ସେହି ପଡାକୁ ସାଧାରଣତଃ ଅପରାହ୍ନରେ ଆମ୍ଭେ କଳାଭବନର ଛାତ୍ରସବୁ ସ୍କେଚ୍ କରିବାକୁ ଯାଇଥାଉ। ସେ ଦିନକାହିଁକି କେଜାଣି ସକାଳୁ ସକାଳୁ ମୋର ସ୍କେଚ୍ କରିବାର ଝୁଙ୍କ୍ ଉଠିଲା। ସ୍କେଚ୍ ଖାତା ଖଣ୍ଡିକ ଧରି ବାହାରି ପଡିଲି ପିଅରସନ୍ ପଲ୍ଲୀ ଅଭିମୁଖେ। ସେଇ ସାନ୍ତାଳ ପଡା ଯିବା ରାସ୍ତା କଡରେ ମାଷ୍ଟ୍ର ମଶାୟଙ୍କ ବାସ ଭବନ। ସେ ଦିନ ଭୋରୁ ଭୋର୍‌ରୁ ମାଷ୍ଟ୍ର ମଶାୟ ତାଙ୍କ ବାସ ଭବନର ସାମନା ଘାସ ପଡିଆରେ ଠିଆ ହୋଇଥିଲେ। ଘାସ ଉପରେ ଶିଶିର ବିନ୍ଦୁ, କଅଁଳ ଖରାରେ ମୁକ୍ତା ପରି ଝଲକୁ ଥାଏ। ମାଷ୍ଟ୍ର ମଶାୟଙ୍କ ପରିଧାନ ଥିଲା ଗୋଟିଏ ଧଳା ଲୁଙ୍ଗି ଓ ଦେହରେ ଖଣ୍ଡିଏ ଧାଳା ଶାଲ। ହାତବାଡିକୁ ଭୂଇଁରେ ଢ଼ିରାଦେଇ ସାମାନ୍ୟ ନଇଁପଡି କଣ ଯେପରି ଧ୍ୟାନର ସହିତ ନିରୀକ୍ଷଣ କରି ଦେଖୁଥିଲେ। ରାସ୍ତାର ବାଁ ପଟେ ଦେଖେ ତ ମାଷ୍ଟ୍ର ମଶାୟ ଠିଆ ହୋଇଛନ୍ତି ତାଙ୍କ ବାସଭବନର ସମ୍ମୁଖରେ। ସେଇଠାରେ ମୋର ପାଦ ଅଟକି ଗଲା। ଲୁହାର ଗେଟ୍‌ଟି ଫିଟାଇ ଅତି ଧୀର ମନ୍ଥର ଗତିରେ ମାଷ୍ଟ୍ର ମାଶାୟଙ୍କ ଆଡକୁ ଆଗେଇ ଚାଲିଲି। ସେ କିନ୍ତୁ ସ୍ଥିର, ନିଶ୍ଚଳ ଓ ଏକାଗ୍ର ଚିତ୍ତରେ ସେହିଭଳି ତଳକୁ ଚାହିଁ ରହିଥିଲେ। ଆଉ ଟିକିଏ ନିକଟବର୍ତ୍ତୀ ହେଲି। ମୋ ଉପରେ ତାଙ୍କର ଦୃଷ୍ଟି ପଡିଲା ଏବଂ ମୁଁ ମୋର ସମସ୍ତ ବିନମ୍ରତା ପ୍ରଦର୍ଶନ କରି ସ୍ୱାଭାବିକ ରୀତିରେ ପାଦ ଛୁଇଁ ପ୍ରଣାମ ଜଣାଇ ଠିଆ ହେଲି। ମାଷ୍ଟ୍ର ମଶାୟ ଖଣ୍ଡିକାଶ ମାରି ଓ ଗଳା ପରିଷ୍କାର କରି ହଠାତ୍ କହି ଉଠିଲେ *"ଓହେ*

*ଘାସେର ଫୁଲ୍, ଘାସେର ଫୁଲ୍*"। କଣ୍ଠରେ ଥିଲା ଦରଦୀ ଭାବ ଘାସଫୁଲ ପାଇଁ। ସତେ ଯେପରି ଏ ସୃଷ୍ଟିର କ'ଣ ଗୋଟାଏ ଅଘଟଣ ଘଟିଗଲା। କଥାଟା ହଠାତ୍ ବୁଝି ପାରିଲି ନାହିଁ। ମୋ ଶରୀର ଭିତରେ ସତେ ଯେପରି ବିଦ୍ୟୁତ ସଞ୍ଚାର ହୋଇ ଉଠିଲା। ବୁଝିବା ପାଇଁ ମଧ୍ୟ ବେଶୀ ଡେରି ହେଲା ନାହିଁ। ଘାସ ଫୁଲଟି ମୋ ଦ୍ୱାରା ପଦଦଳିତ। ମୁଁ ସ୍ଥିର ନିଶ୍ଚଳ ଓ ନିର୍ବାକ। ମୋର ପ୍ରଶ୍ନ କରିବା ବା ଉତ୍ତର ଦେବାର କିଛି ନଥିଲା। ମୋର ତତ୍‌କାଳୀନ ମାନସିକ ପ୍ରକ୍ରିୟାର ରୂପ ବୁଝିବା, ମନୀଷୀ ଶିଳ୍ପୀ ନନ୍ଦଲାଲଙ୍କ ପକ୍ଷେ ଦୁରୂହ ନଥିଲା। ସହାସ୍ୟ ବଦନରେ ପଚାରିଲେ, "*କୁଥାଏ, ସ୍କେଚ୍ କରତେ?*"

ସଂକୁଚିତ ଓ ସନ୍ତର୍ପଣରେ କେବଳ ଉତ୍ତର ଦେଲି, "*ହାଁ*"। "*କାଲ୍ କେ ଦେଖାବେ*" କହି ବିଦାୟ ଦେଲେ। ତା' ପରେ ମୋ ପୂର୍ବ ନିର୍ଦ୍ଧାରିତ ଗନ୍ତବ୍ୟ ପଥରେ ଆଗେଇ ଚାଲିଲି ପିଅରସନ୍ ପଲ୍ଲୀ ଅଭିମୁଖେ। କିନ୍ତୁ ମୋର ମନ ଓ ଶରୀର ମଧ୍ୟରେ ଭାରସାମ୍ୟ ନଥିଲା। ସାନ୍ତାଳପଡାର ଛୋଟ ପିଣ୍ଡାଟି ଉପରେ ନୀରବରେ ବସିଲି। ପଡାର କେତୋଟି ସାନ୍ତାଳ ଛୁଆ ପାଖେଇ ଆସିଲେ। ପ୍ରତ୍ୟେକଙ୍କ ଆଗ୍ରହ ସେମାନଙ୍କ ସ୍କେଚ୍ କରିବା ପାଇଁ। ଅଳ୍ପ କେତୋଟି ସ୍କେଚ୍ କଲି, କାରଣ ମୋର ମନର ଅବସ୍ଥା ସ୍ୱାଭାବିକ ନଥିଲା। ସେଇ ଗୋଟିଏ କଥା ମନ ଭିତରେ ବାରମ୍ବାର ପ୍ରତିଧ୍ୱନିତ ହୋଉଥାଏ, "*ଓକେ ଘାସେର୍ ଫୁଲ୍, ଘାସେର୍ ଫୁଲ୍*"।

ପିଆରସନ୍ ପଲ୍ଲୀରୁ କଳାଭବନର କାଲୋବାଡିକୁ ଫେରିଲି। କାଲୋବାଡି ହେଉଛି ଛାତ୍ରାବାସର ନାମ। ଛାତ୍ରାବାସର କୋଠରିଟି ଭିତରେ ନୀରବରେ ବସିଥାଏ। ସ୍କେଚ୍ ଖାତାଟି ନେଇ ମାଷ୍ଟ୍ର ମଶାୟଙ୍କ ନିକଟକୁ ଯିବାକୁ ହେବ, ତାହା ଥିଲା ତାଙ୍କର ନିର୍ଦ୍ଦେଶ। ସେହି ପୂର୍ବ ଦିନର ଘାସଫୁଲ କଥାଟି ବାରମ୍ବାର ମନ ଭିତରେ ଢ଼େଉ ଖେଳୁଥାଏ। ମୋର ଅସ୍ୱାଭାବିକତାକୁ ଲକ୍ଷ୍ୟ କରି ମୋର ସହପାଠୀ ତଥା ରୁମ୍‌ମେଟ ଓଡିଆ ବନ୍ଧୁ ସୁବୋଧ ବାବୁ ମୋର ଅନ୍ୟମନସ୍କତାର କାରଣ ପଚାରୁଥାନ୍ତି। କିନ୍ତୁ ମୋର ମନର ଅବସ୍ଥା ଘଟଣାଟିର ବର୍ଣ୍ଣନା କରିବାକୁ ଚାହୁଁ ନଥିଲା। ବୁଧବାର ଦିନଟି ଏହି ପରି ମନସ୍ତାପରେ କଟାଇ ଦେଲି। କିନ୍ତୁ ଗୁରୁବାର ଦିନ ଯେ ମୋତେ ସ୍କେଚ୍ ଖାତା ନେଇ ମାଷ୍ଟ୍ର ମଶାୟଙ୍କୁ ଦେଖା କରିବାକୁ ହେବ। ମୁଁ ମାଷ୍ଟ୍ର ମଶାୟଙ୍କ ନିକଟକୁ ଯିବା ପାଇଁ ପ୍ରସ୍ତୁତ ହେବାର ଅବ୍ୟବହିତ ପୂର୍ବରୁ ମୋର ପରମପୂଜ୍ୟ ଶିକ୍ଷକ ତଥା ନନ୍ଦଲାଲ ବୋଷଙ୍କ ପୁତ୍ର ବିଶ୍ୱରୂପ ବୋଷ ଛାତ୍ରାବାସ ନିକଟରେ ଆସି ପହଞ୍ଚିଲେ। ସହାସ୍ୟ ବଦନରେ କହିଲେ, "*ଓ ଦୁର୍ଗା, ମାଷ୍ଟ୍ର ମଶାୟ ବୋଲେଛେନ ଓକେ ଓଡିଶାର ଦାସ, ବେଙ୍କେ ମତନ ଛେଲେ, ଓକେ ପାଠିଏ ଦିବେ*"। ଆଉ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ମୋ ପକ୍ଷେ ଡେରି କରିବା ସମ୍ଭବ ନଥିଲା। ଭଗବାନଙ୍କର କି ଯେ ପରୀକ୍ଷା। ସ୍କେଚ୍ ଖାତାଟି ଧରି ସମସ୍ତ ମାନସିକ ସଞ୍ଜମତା ଓ ସ୍ଥିରତା ରକ୍ଷା କରି ମାଷ୍ଟ୍ର

ମଶାୟଙ୍କ ନିକଟରେ ପହଞ୍ଚିଲି । ବାସଭବନର କାଚଘର ଷ୍ଟୁଡିଓରେ ସେ ବସିଥାନ୍ତି । ସସ୍ନେହରେ ବସିବା ପାଇଁ କହିଲେ । କି ଆଶ୍ଚର୍ଯ୍ୟ, ସାମନାରେ ଛୋଟ ନେପାଳି ପେପରର ଗ୍ରାଉଣ୍ଡ ଉପରେ ଦେଖିବାକୁ ପାଇଲି ସେଇ ପୂର୍ବ ଦିନ ସକାଳର ଘାସ ଫୁଲ । ଛବି ଆଡକୁ ହାତ ଦେଖାଇ ମାଷ୍ଟ୍ର ମଶାୟ ହସି ହସି କହିଲେ *"ସେଇ ଘାସେର ଫୁଲ କେ ମୃତ୍ୟୁ ସଞ୍ଜିବନୀ ଦିଏ ବାଞ୍ଚିବ ଦିଲାମ୍ "* । କଥାଟା ଧୀରେ ଧୀରେ ମୋ ପକ୍ଷେ ବୋଧଗମ୍ୟ ହୋଇ ଆସିଲା । ତାପରେ ସେ ଅତି ସରଳ ସୁନ୍ଦର ଓ ତତ୍ତ୍ୱପୂର୍ଣ୍ଣ ଭାଷାରେ କହିବାକୁ ଆରମ୍ଭ କଲେ, ସକାଳର ଘାସଫୁଲ ମାଟିରେ ମିଶିଗଲା, ଆମଠାରୁ ଫୁଲ ଅଧିକ ହସିପାରେ । ତାର ସେହି ହସ ଟିକିକୁ ଆମକୁ ବଞ୍ଚାଇ ରଖିବାକୁ ହେବ । ବାସ୍ତବରେ ଏଇ ଦୁଇଚାରି ପଦ କଥା ଭିତରେ ବହୁକିଛି ଦର୍ଶନ ନିହିତ ଥିଲା । ସେଦିନ ସକାଳର ଘାସ ଫୁଲ ସେହି ମହାନ ଶିଳ୍ପୀଙ୍କ ସହିତ ହୃଦୟକୁ ହୃଦୟ ମିଳାଇ ଦେଇଥିଲା । ଘାସ ଫୁଲର କୋମଳତା ଓ ତାର ଲାବଣ୍ୟତା ସବୁକିଛି ସେ ଯଥାର୍ଥରେ ଉପଲବ୍ଧି କରିଥିଲେ ଏବଂ ଘାସ ଫୁଲର ମୃତ୍ୟୁ ତାଙ୍କ ମନରେ ଦାରୁଣ ଆଘାତ ଆଣି ଦେଇଥିଲା । ନେପାଳି ପେପରର ଛୋଟ ଗ୍ରାଉଣ୍ଡ ଉପରେ ଟିକିଏ ଚାଇନିଜ୍ ଇଙ୍କ୍‌ର ରଙ୍ଗ ନେଇ ତାଙ୍କର ସୃଷ୍ଟି କି ଅପୂର୍ବ, ଠିକ ସକାଳର ସଜଫୁଟା ଘାସ ଫୁଲ, କି ସତେଜ ! ଶିଶିର ବିନ୍ଦୁଗୁଡିକ ଯେପରି ହାତରେ ଲାଗିଯିବ । ପ୍ରକୃତି ପ୍ରତି କି ଦରଦ ଓ ପ୍ରକୃତିକୁ ଉପଲବ୍ଧି କରିବା ପାଇଁ ଭଗବାନ ସେହି ମନୀଷୀ ଶିଳ୍ପୀଙ୍କୁ କି ଅସୀମ ଶକ୍ତି ଦେଇଥିଲେ, ତାଙ୍କର ସୃଷ୍ଟି ହିଁ ତାହାର ପରିଚୟ ଦିଏ ।

ମୁଁ ଧରିଥିବା ସ୍କେଚ୍‌ଖାତା ଆଡକୁ ମାଷ୍ଟ୍ର ମଶାୟ ହାତ ବଢାଇଲେ ଏବଂ ମୁଁ ବିନୟର ସହିତ ଖାତାଟିକୁ ବଢାଇ ଦେଲି । ସେ ପୃଷ୍ଠା ଓଲଟାଇ ଦେଖିଲେ କେତୋଟି ସାନ୍ତାଳ ଛୁଆଙ୍କ ସ୍କେଚ୍ । ଘାସ ଫୁଲ ସହିତ ସାନ୍ତାଳ ଛୁଆଙ୍କୁ ତୁଳନା କରି ସେ କହିଲେ ଘାସଫୁଲ ଓ ସାନ୍ତାଳ, ଏମାନଙ୍କ ଜୀବନ ଭିତରେ କୌଣସି ଫରକ ନାହିଁ । ସାନ୍ତାଳ ତା'ର ସାରାଜୀବନ ଆମ୍ଭମାନଙ୍କର ସେବା କଲା । ତାର ମୁଣ୍ଡ ଝାଳର ଅବଦାନ ଆମର ଏହି କୋଠାବାଡି, କଳକାରଖାନା ଓ ସବୁ କିଛି । ଆଉ ଶେଷରେ ସେ ଘାସଫୁଲ ଭଳି ମଉଳି ମାଟିରେ ମିଶି ଯାଏ ! ବାସ୍ତବରେ ଏହି ମହାନ ଶିଳ୍ପୀଙ୍କର ଏକାତ୍ମବୋଧ କେବଳ ଯେ ପ୍ରକୃତି ସହିତ ଥିଲା ତା' ନୁହେଁ, ଗରିବ ସାନ୍ତାଳ ବା ସମାଜର ଅବହେଳିତ ଓ ପଦଦଳିତ ମଣିଷଙ୍କ ପାଇଁ ମଧ୍ୟ ତାଙ୍କର ଦରଦ କମ ନଥିଲା । ସେଦିନର ଯେଉଁ ଘଟଣା ଏବଂ ତାହାକୁ କେନ୍ଦ୍ର କରି ସେହି ମହାନ ଶିଳ୍ପୀ ଯେଉଁ ଘାସ ଫୁଲର ପ୍ରତିଛବିଟି ଆଙ୍କିଥିଲେ ଏବଂ ତାହା ଭିତରେ ତାଙ୍କର ଯେଉଁ ଦର୍ଶନ ଓ ଆଦର୍ଶ ନିହିତ ଥିଲା, ତାହା ମୋ ହୃଦୟ ଭିତରେ ଅଲିଭା ଛାପ ସୃଷ୍ଟି କରିଥିଲା । ●●●

# ନେହରୁ ଓ ନନ୍ଦଲାଲଙ୍କ ଭେଟ

ମହାନ ଶିଳ୍ପୀ ନନ୍ଦଲାଲଙ୍କର ଆଦର୍ଶ ଓ ଘଟଣାବହୁଳ ଜୀବନର ଅନ୍ୟ ଏକ ଘଟଣା ମୋର ସେହି ଛାତ୍ର ଜୀବନରେ କୌତୂହଳ ଓ ଆନନ୍ଦ ସୃଷ୍ଟି କରିଥିଲା।

ଦେଶର ସ୍ୱାଧୀନତା ଆନ୍ଦୋଳନ ବେଳେ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ, ମହାମାନବମାନେ ସାମାଜିକ, ରାଜନୈତିକ, ସାଂସ୍କୃତିକ ଆଦି ବହୁ କ୍ଷେତ୍ରରେ ଭାରତୀୟଙ୍କର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ପାଇଁ ବଦ୍ଧପରିକର ହୋଇଥିଲା ବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଏହି ମହାନ ଶିଳ୍ପୀ ନନ୍ଦଲାଲଙ୍କର ସହାୟତାରେ ଶାନ୍ତିନିକେତନ ଆଶ୍ରମରେ ଭାରତୀୟକଳାର ଏକ ସାଧନା ପୀଠ ପ୍ରତିଷ୍ଠା କରିଥିଲେ। ମହାତ୍ମାଗାନ୍ଧି ନେହରୁଙ୍କ ଭଳି ବହୁ ମନୀଷୀଙ୍କର ହୃଦୟ ଯେପରି ନିରୀହ, ଦଳିତ, ନିଷ୍ପେଷିତ ଜନତାଙ୍କ ପାଇଁ ବ୍ୟାକୁଳଥିଲା, ରବୀନ୍ଦ୍ରନାଥଙ୍କର କବିତାରୁ ଦରିଦ୍ର ଜନତାଙ୍କ ପାଇଁ ତାଙ୍କର ହୃଦୟ ସେହିପରି ବିଚଳିତ ହୋଇ ଉଠୁଥିବାର ଜଣାଯାଏ। ସେ କେତେ ଦରଦୀ ଥିଲେ ତାହା ମଧ୍ୟ ତାଙ୍କର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କୀତ ଦାଣ୍ଡି ମାର୍ଚ୍ଚ ଓ ହରିପୁରା ଫ୍ରେସ୍କୋ ଆଦି ଚିତ୍ର ସମୂହରୁ ବେଶ ଜଣାଯାଏ। ସେ ବାସ୍ତବରେ ଥିଲେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନାୟକ।

ଭାରତର ବିଶିଷ୍ଟ ସଂଗ୍ରାମୀ ନେହରୁ ପରିବାର ସହିତ ନନ୍ଦଲାଲ୍‌ଙ୍କର ବ୍ୟକ୍ତିଗତ ସମ୍ପର୍କ ଯଥେଷ୍ଟ ଥିଲା। ତାହାର ଗୋଟିଏ ଚକ୍ଷୁସ ପ୍ରମାଣ ନଦେଇ ରହିପାରୁନାହିଁ। ତାହା ଶାନ୍ତିନିକେତନର ଏକ ସମାବର୍ତ୍ତନ ଉତ୍ସବର ସମୟ। ଜବାହାରଲାଲ ନେହରୁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର କୁଳାଧିପତି ଥାନ୍ତି। ବିଶ୍ୱଭାରତୀର ପରମ୍ପରା ଅନୁଯାୟୀ ଭାରତର ପ୍ରଧାନମନ୍ତ୍ରୀ ଏହି ଆସନ ଅଳଙ୍କୃତ କରନ୍ତି। ସମାବର୍ତ୍ତନ ଉତ୍ସବ ପାଇଁ ନେହରୁଙ୍କର ଶାନ୍ତିନିକେତନର ଗୋଟିଏ ଯୋଡିଏ ଦିନର ରହଣି ଭିତରେ ମାଷ୍ଟ୍ର ମଶାୟଙ୍କୁ ଭେଟିବା ଥିଲା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଏତେବଡ ସମାବର୍ତ୍ତନ ଉତ୍ସବର ଅୟୋଜନ, ଯାକଜମକ ସବୁକିଛି ଦେଖିବା ପାଇଁ ଯେତିକି ସ୍ପୃହା ଓ ଆନନ୍ଦ ତା' ଠାରୁ ଅଧିକ ଆଗ୍ରହ ଥାଏ, ଜବାହାରଲାଲ ନେହରୁ ଓ ମାଷ୍ଟ୍ରେ ମଶାୟଙ୍କର ଭେଟ କେଉଁଠାରେ ଓ କିପରି ହେବ ? ସେ ଦିନଟିର ଆନନ୍ଦ କହିଲେ ନସରେ। ନେହରୁ ଓ ମାଷ୍ଟ୍ର ମଶାୟଙ୍କ ଭେଟ ମୋର କଳ୍ପନାରେ ସତେ ଯେପରି ହରିହର ଭେଟ ପରି ଲାଗୁଥାଏ। ଜଣେ ଭାରତର ରାଜନୈତିକ ସାମ୍ରାଜ୍ୟର ମଉଡମଣି ଓ

ଅନ୍ୟଜଣେ ଭାରତୀୟ କଳା ଓ ସଂସ୍କୃତି ଜଗତର ମହା ମନୀଷୀ। ଯେତେବେଳେ ଉତ୍କଣ୍ଠାର ସହିତ ସମସ୍ତେ ଏହି ଶୁଭ ମୁହୂର୍ତ୍ତକୁ ଅନାଇ ବସିଥିଲେ ସେତେବେଳେ କଳାଭବନର ନୋଟିସ୍ ବୋର୍ଡରେ କେତେକ ଶୁଭଙ୍କର ନାମର ତାଲିକା ବାହାରିଲା ଏବଂ ତା' ଭିତରେ ମୋ ନାମ ମଧ୍ୟ ଲେଖା ଥିଲା। ଆମ୍ଭମାନଙ୍କୁ ପଠାଇ ଦିଆଗଲା ମାଷ୍ଟ୍ର ମଶାୟଙ୍କ ବାସ ଭବନକୁ, ନେହରୁଙ୍କର ଆସିବା ପୂର୍ବରୁ ସେଠାରେ ଆବଶ୍ୟକୀୟ ପ୍ରସ୍ତୁତି ନିମନ୍ତେ। କି ସେ ଆନନ୍ଦ ଓ ଉନ୍ମାଦନା ! ଏକ ନିଶ୍ୱାସରେ ମାଷ୍ଟ୍ର ମଶାୟଙ୍କ ବାସଭବନକୁ ଦୌଡିଲୁ। ସେଠାରେ ଆନୁସଙ୍ଗିକ ଆୟୋଜନ ସାରି ଅପେକ୍ଷା କରିଥାଉ ହରିହର ଭେଟ ପାଇଁ। ଜଣେ ହେଉଛନ୍ତି ରାଜନୈତିକବୋଧର ଅଧିକାରୀ ଓ ଅନ୍ୟ ଜଣକ ସୌନ୍ଦର୍ଯ୍ୟବୋଧର ଅଧିକାରୀ। ଖବର ଆସି ପହଞ୍ଚିଲା ଯେ ପଣ୍ଡିତ ନେହରୁ ବର୍ତ୍ତମାନ ଆସି ପହଞ୍ଚିବେ। ମାଷ୍ଟ୍ର ମଶାୟଙ୍କ ବାସଭବନର ମଝିରେ ଥିବା ଚଉତରାରେ ଗାଲିଚା ପଡିଛି। ତା' ଉପରେ ପଡିଛି କେତୋଟି ଚୌକି। ଗୋଟିଏ ଚକଲଗା ସ୍ୱତନ୍ତ୍ର ଚୌକିରେ ମାଷ୍ଟ୍ର ମଶାୟ ବସିଥାନ୍ତି। ପରିଧାନ ହେଉଛି ଧୋତି, ପଞ୍ଜାବୀ ବା ଗୋଟିଏ ଫତେଇ, ଦେହରେ ପଡିଛି ଖଣ୍ଡିଏ ଶାଲ। ଆମ୍ଭେ ସ୍ୱେଚ୍ଛାସେବୀ ଦଳ ଜାଗ୍ରତ ପ୍ରହରୀ ପରି ଦଣ୍ଡାୟମାନ। ଆମ୍ଭମାନଙ୍କର ମନ ଖାଲି ଛଟପଟ ହେଉଥାଏ ଦେଖିବାକୁ ଯେ ନେହରୁ କିପରି ଆଦବ କାଇଦାରେ ଆସିବେ, କିଭଳି କର ମର୍ଦ୍ଦନ ହେବ ଏବଂ କିପରି ଓ କେଉଁ ଚେୟାରରେ ବସିବେ। ଚହୁଁଚହୁଁ ନେହରୁ ନନ୍ଦଲାଲଙ୍କ ବାସଭବନ ଭିତରେ ପ୍ରବେଶ କଲେ। ଶାନ୍ତିନିକେତନର ଚିରନ୍ତନ ପ୍ରଥା ଯାହା, ଏଠି ତାହା ହିଁ ହେଲା। ଖ୍ୟାତି ଓ କ୍ଷମତାସମ୍ପନ୍ନ ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ନଗ୍ନ ପାଦରେ ଆଗେଇ ଆସି ମାଷ୍ଟ୍ର ମଶାୟଙ୍କ ଚରଣ ସ୍ପର୍ଶ କରି ପ୍ରଣାମ ଜଣାଇଲେ ଏବଂ ନିଜର ଆସନକୁ ବାଛି ନେଇଥିଲେ ମାଷ୍ଟ୍ର ମଶାୟଙ୍କ ଆସନ ତଳେ। ମୋର ପୂର୍ବ କଳ୍ପନା ଓ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଭାରତର ଶ୍ରେଷ୍ଠ ଜନନାୟକ ତଥା ଜାତିର ଗର୍ବ ଓ ଗୌରବ ପଣ୍ଡିତ ନେହରୁଙ୍କର ଏହା ଯେ କେବଳ ବିନମ୍ରତା ପ୍ରଦର୍ଶନ ତା' ନୁହେଁ, ଶିଳ୍ପକଳା ଜଗତର ମଉଡମଣି ମହାମାନବ, ମହାନ ଶିଳ୍ପୀ ନନ୍ଦଲାଲ୍‌ଙ୍କର କେବଳ ଶିଳ୍ପୀ ଜଗତରେ ନୁହେଁ, ବରଂ ପବିତ୍ର ଭୂମି ଭାରତ ଭୂଖଣ୍ଡରେ ମଧ୍ୟ ତାଙ୍କ ଆସନ କେଉଁଠାରେ ଥିଲା, ତାହା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୋଇଉଠିଲା।

ପଣ୍ଡିତ ନେହରୁ ପ୍ରଣାମ ଜଣାଇ ଆସନ ଗ୍ରହଣ କରିବା ପରେ ମାଷ୍ଟ୍ର ମଶାୟ ସହାସ୍ୟବଦନରେ ନେହରୁଙ୍କର ଶରୀରରେ ହାତ ରଖି ପଚାରିଲେ, "ଇନ୍ଦିରା କି ଏସେନି, ଓକେ ଆଣଲେନା କେନ ?"

ନେହରୁଙ୍କର ଉତ୍ତର କେବଳ ବିନମ୍ରତାରେ ହିଁ ପ୍ରକାଶ ପାଇଥିଲା । ଇନ୍ଦିରା ଥିଲେ ଶାନ୍ତିନିକେତନର ଛାତ୍ରୀ ଏବଂ କଳାଭବନରେ ମାଷ୍ଟ୍ର ମଶାୟଙ୍କ ଅଧୀନରେ ମଧ୍ୟ ସେ ଚାରୁକଳା ଶିକ୍ଷାଲାଭ କରିଥିଲେ । କେବଳ ନେହେରୁଙ୍କର କନ୍ୟା ବୋଲି ନୁହେଁ ତାଙ୍କର ବାଲ୍ୟକାଳର ଉତ୍ତମ ଆଚରଣ ତଥା ନିଜସ୍ୱ ବହୁମୁଖୀ ପ୍ରତିଭା ଦ୍ୱାରା ହିଁ ସେ ନନ୍ଦଲାଲଙ୍କୁ ଛାତ୍ରାବସ୍ଥାରୁ ବହୁମନ୍ତେ ଆକର୍ଷଣ କରିପାରିଥିଲେ । ସେଥିପାଇଁ ନନ୍ଦଲାଲ ଇନ୍ଦିରାଙ୍କର ଉପସ୍ଥିତି ପାଇଁ ସ୍ୱାଭାବିକ ଭାବେ ଆଗ୍ରହୀ ଥିଲେ ।

ସେଠାରେ ନେହରୁଙ୍କର ଥିଲା କୋଡିଏ ପଚିଶି ମିନିଟର ପ୍ରୋଗ୍ରାମ । ଅବଶିଷ୍ଟ କଥୋପକଥନ ଆଉ ସ୍ମରଣ ନାହିଁ । ସେହି ପରିବେଶ ଓ ଗୋଟିଏ ମୁହୂର୍ତ୍ତ ହିଁ ଶିଳ୍ପୀ ନନ୍ଦଲାଲଙ୍କର ନେହରୁ ପରିବାର ସହିତ କେତେ ଦୂର ଓ କିପରି ଘନିଷ୍ଠ ସମ୍ପର୍କ ଥିଲା ତାହା ପ୍ରମାଣ କରେ । ନନ୍ଦଲାଲଙ୍କର ନେହରୁଙ୍କ କନ୍ୟା ଇନ୍ଦିରାଙ୍କ ପ୍ରତି ଯେପରି ସ୍ନେହ ଥିଲା, ଶାନ୍ତିନିକେତନର ଅନ୍ୟ ସମସ୍ତ ଛାତ୍ରଛାତ୍ରୀମାନଙ୍କ ପ୍ରତି ମଧ୍ୟ ତାଙ୍କର ତଦ୍ରୂପ ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଥିଲା । ●●●

# ନନ୍ଦଲାଲଙ୍କ ମାନବୀୟ ଧର୍ମ

ଶିଳ୍ପୀ ନନ୍ଦଲାଲ ଅତ୍ୟନ୍ତ ଛାତ୍ରବତ୍ସଳ ଥିଲେ। ଏଠାରେ ଅନ୍ୟ ଏକ ଘଟଣା ମୋର ସ୍ମୃତିରୁ ବାଦ୍ ପଡେ ନାହିଁ। ଶାନ୍ତିନିକେତନର ସମସ୍ତ ଭବନର ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ କମନ୍ ମେସ୍‌ରେ ଭୋଜନ କରିବା ସେଠାକାର ସୁବନ୍ଦୋବସ୍ତ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ। କମନ୍ ମେସ୍‌ର କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ସେଥିପାଇଁ ଛାତ୍ରଛାତ୍ରୀ ଯଥା ସମୟରେ ଟଙ୍କା ଦାଖଲ କରିଥାନ୍ତି। କେତେକ ଛାତ୍ରଛାତ୍ରୀ ନିଜସ୍ୱ ଅର୍ଥ ଦାଖଲ କରନ୍ତି ଏବଂ ଆଉ କେତେକ ସରକାରୀ ବୃତ୍ତିଧାରୀ ଯେଉଁମାନଙ୍କର ଅର୍ଥ ସେମାନଙ୍କ ପାଇଁ ସରକାରଙ୍କଠାରୁ ସିଧାସଳଖ ବିଶ୍ୱଭାରତୀ କର୍ତ୍ତୃପକ୍ଷଙ୍କ ପାଖକୁ ଆସିଥାଏ। ତତ୍‌କାଳୀନ ସରକାରଙ୍କର ବୃତ୍ତି ଟଙ୍କା ପଠାଇବାର ନିୟମିତତାରେ ବ୍ୟତିକ୍ରମ ଘଟୁଥାଏ। ତେଣୁ ହଜାର ହଜାର ଛାତ୍ରଛାତ୍ରୀଙ୍କର କମନ୍ ମେସ୍ ଚଳିବ କିପରି ? ଥରେ ମେସ୍ କର୍ତ୍ତୃପକ୍ଷଙ୍କ ଆଡୁ ଏକ ପ୍ରସ୍ତାବ ଆଗତ ହେଲା ଯେ ଯେଉଁ ଛାତ୍ରଛାତ୍ରୀଙ୍କର ସରକାରୀ ବୃତ୍ତି ଟଙ୍କା ଯଥା ସମୟରେ ପହଞ୍ଚି ପାରୁନାହିଁ ବା ସେମାନେ ଯଥା ସମୟରେ ଟଙ୍କା ଦେବାକୁ ସକ୍ଷମ ହୋଇ ପାରୁନାହାନ୍ତି, ସେମାନେ କମନ ମେସ୍‌ରେ ଏକତ୍ର ଭୋଜନରୁ ବଞ୍ଚିତ ହେବେ। ଆଶ୍ରମରେ ମୋ ଭଳି ଛାତ୍ରଛାତ୍ରୀ ଏହି ସମସ୍ୟାର ସମ୍ମୁଖୀନ ହେଲେ। ଶାନ୍ତିନିକେତନର ପରମ୍ପରା ଓ ବ୍ୟବସ୍ଥାରେ ଆଞ୍ଚ ଆସିଲା। ଆଶ୍ରମ ଭିତରେ ଚହଳ ସୃଷ୍ଟି ହେଲା। ବିଶ୍ୱବିଦ୍ୟାଳୟ ଆଇନର ପରିବର୍ତ୍ତନ ନହେଲା ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏହି ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଏଭଳି ଏକ ଅପ୍ରୀତିକର ପରିସ୍ଥିତିର ଖବର ମାଷ୍ଟ୍ର ମଶାୟଙ୍କର କାନରେ ଯାଇ ପହଞ୍ଚିଲା। ସେ ବ୍ୟସ୍ତ ବିବ୍ରତ ହୋଇ ପଡିଲେ। ପ୍ରଥମେ ସେ ନିଜେ ଆହାର ତ୍ୟାଗ କରିବାକୁ ଶ୍ରେୟ ମନେ କଲେ। କାରଣ ଆଶ୍ରମର ଛାତ୍ରଛାତ୍ରୀମାନଙ୍କ ଉପରେ ଏହି ଭଳି ଅପ୍ରୀତିକର ନିର୍ଦ୍ଦେଶ ଜାରି ଶିଳ୍ପୀ ନନ୍ଦଲାଲଙ୍କ ପକ୍ଷେ ସମ୍ପୂର୍ଣ୍ଣ ଅସହ୍ୟ ହୋଇ ପଡିଲା। ଅବସରପ୍ରାପ୍ତ ନନ୍ଦଲାଲ ସେତେବେଳେକୁ କୌଣସି କ୍ଷମତାଧାରୀ ନଥିଲେ ମଧ୍ୟ ତାଙ୍କର ପରାମର୍ଶ, ଆଦେଶ ବା ନିର୍ଦ୍ଦେଶ ବିଶ୍ୱବିଦ୍ୟାଳୟର ନ୍ୟୁନତମ କର୍ମଚାରୀଠାରୁ ସର୍ବ କ୍ଷମତାସମ୍ପନ୍ନ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସମସ୍ତେ ଆଗ୍ରହ ଓ ସମ୍ମାନର ସହିତ ମୁଣ୍ଡ ପାତି ମାନି ନେଉଥିଲେ। ଏହିଭଳି ଏକ ପରିସ୍ଥିତିରେ ମାନବବାଦୀ ନନ୍ଦଲାଲ କହିଥିଲେ ଯେ, ଶାନ୍ତିନିକେତନ ଆଶ୍ରମ ଭିତରେ କୌଣସି ଛାତ୍ରଛାତ୍ରୀ

ଯଥା ସମୟରେ ମେସ୍ ଟଙ୍କା ଦାଖଲ କରିବାରେ ସକ୍ଷମ ନହୋଇ ପାରିଲେ ବୋଲି ଯେ ଉପବାସ ରହିବେ ତାହା ହୋଇ ନପାରେ, ଏହା ଶାନ୍ତିନିକେତନ ଆଶ୍ରମର ଆଦର୍ଶ ନୁହେଁ। ମାଷ୍ଟ୍ର ମଶାୟଙ୍କ ଏହି ମନ୍ତବ୍ୟ ପରେ ସେଭଳି ଏକ ପ୍ରସ୍ତାବ ପ୍ରସ୍ତାବରେ ହିଁ ରହିଗଲା।

ଶିଳ୍ପୀ ନନ୍ଦଲାଲ ଶାନ୍ତିନିକେତନର ଆଶ୍ରମକୁ ଗୋଟିଏ ପରିବାର ବୋଲି ଭାବୁଥିଲେ ଏବଂ ସେ ପରିବାରର ଜଣେ ମୁଖ୍ୟ ଭାବରେ ଯେଉଁ ଚିନ୍ତା ଓ କର୍ମ କରୁଥିଲେ, ସେଥିରୁ ଆମେ ନନ୍ଦଲାଲଙ୍କର ମହାନୁଭବତାକୁ ଯଥାର୍ଥରେ ଉପଲବ୍ଧି କରିପାରିବା। ●●●



# ପୋଥିଚିତ୍ର ଓ ନନ୍ଦଲାଲ

ଶାନ୍ତିନିକେତନ ଆଶ୍ରମର ଘଟଣାବହୁଳ ସ୍ମୃତି ମଧ୍ୟରେ ଶିଳ୍ପୀ ନନ୍ଦଲାଲଙ୍କୁ ଦେଇଥିବା ପୋଥିଚିତ୍ର ଉପହାର ବିଷୟଟି ଭୁଲି ହୁଏ ନାହିଁ। ମୁଁ ମୋର ଅଳ୍ପ କେତେଜଣ ଘନିଷ୍ଠ ବନ୍ଧୁ ମାଷ୍ଟ୍ର ମଶାୟଙ୍କର ବାସଭବନକୁ ସମୟେ ସମୟେ ଯାଇଥାଉଁ। ସେ ପ୍ରାୟ ସବୁ ସମୟରେ କାର୍ଯ୍ୟରତ ଥାଆନ୍ତି। କେହି ଯଦି ତାଙ୍କ ନିକଟରେ କିଛି ସମୟ କଟାଇବାର ସୁଯୋଗ ପାଇଛି ତେବେ ସେ କ'ଣ ଯେ ପାଇ ପାରିଛି ତାହା କେବଳ ତା' ନିଜର ଅନୁଭୂତିର ବିଷୟ ମାତ୍ର। ଏହା ବକ୍ତବ୍ୟ ଓ ବୟାନରେ ସମ୍ଭବ ନୁହେଁ। ତାଙ୍କ ତୁଣ୍ଡର ଗୋଟିଏ ପଦ କଥା ହିଁ ଗୋଟିଏ ଶିଳ୍ପକଳା ଶାସ୍ତ୍ରର ଏକ ସୂକ୍ଷାତିସୂକ୍ଷ୍ମ ରୂପ।

ମୁଁ ଓ ମୋର ଜଣେ ବଙ୍ଗାଳୀ ସହପାଠୀ ବନ୍ଧୁ ଥରେ ତାଙ୍କର ଚିତ୍ର ସୃଷ୍ଟିକୁ ନିଷ୍ଠାର ସହିତ ନିରୀକ୍ଷଣ କରି ବସିଥିଲୁ। କଥା ପ୍ରସଙ୍ଗରେ ମାଷ୍ଟ୍ର ମଶାୟ ଓଡ଼ିଶାର ଚିତ୍ରିତ ତାଳପତ୍ର ପୋଥିର ଭୂୟସୀ ପ୍ରଶଂସା କରି କହିଲେ ଯେ ଓଡ଼ିଶାରେ ତାଳପତ୍ରର ମୂଲ୍ୟବାନ ପୋଥିରେ ଦଶ ଅବତାର ଆଦିର ଖୋଦେଇ ତଥା ରଙ୍ଗୀନ ଚିତ୍ର ଏବଂ ଜାତକ ଆଦି ବହୁ ପରିମାଣରେ ଦେଖିବାକୁ ମିଳେ। ମୂଲ୍ୟବାନ ପୋଥି ସବୁ ରାଜ ପୁରୋହିତ, ରାଜାଙ୍କ ଛାମୁକରଣ, ମଠ, ଭାଗବତ ଟୁଙ୍ଗି ଓ ଗାଦିଘର ଆଦିରେ ସଂରକ୍ଷିତ ହୋଇଥିବାର ସେ ଜାଣନ୍ତି। ସ୍ୱାଧୀନତା ଆନ୍ଦୋଳନ ପୂର୍ବରୁ ବିଦେଶୀମାନେ ଓଡ଼ିଶାରୁ ଅନେକ ଉପାଦେୟ ପୋଥି ନେଇ ଯାଇଥିବା ବିଷୟ ମଧ୍ୟ ପ୍ରକାଶ କଲେ। ଓଡ଼ିଶାର ପୋଥି ସମ୍ପଦ ସମ୍ବନ୍ଧରେ ତାଙ୍କର ଏତେ ଟିକିନିଖି ଧାରଣା ମୋର କଳ୍ପନାର ବାହାରେ ଥିଲା। ବାସ୍ତବରେ ଆମର ଗୌରବ ସମ୍ପର୍କରେ ଆମର ଧାରଣା ଊଣା। ଆମ୍ଭମାନଙ୍କର ଜାତୀୟ ଭାବ ଏତେ ନିମ୍ନଗାମୀ ଯେ ଅର୍ଥ ପ୍ରଲୋଭନରେ ଆମ୍ଭେ ବହୁ ମୂଲ୍ୟବାନ ପୋଥି ଗ୍ରନ୍ଥ ହରାଇ ବସିଛେ।

କଥା ପ୍ରସଙ୍ଗରେ ମାଷ୍ଟ୍ର ମଶାୟ ତାଳପତ୍ରର ଖୋଦେଇ କାମ ମୋତେ ଜଣା କି ନାହିଁ ପଚାରିବାରୁ ଅବିଳମ୍ବେ 'ହଁ' କହିଦେଲି। ବାସ୍ତବରେ ଦଶହରା ଦିନ କରଣ ଘରର ବିଧିରକ୍ଷା ପାଇଁ ଠାକୁରଙ୍କ ନିକଟରେ ଅନୁକୂଳ ଉତ୍ସବ ପାଳନ କରିବାକୁ ଯାଇ ତାଳପତ୍ର ଉପରେ ଲେଖନୀରେ ଯେଉଁ ଦୁଇ ଚାରିଧାଡି ଲେଖିଛି ତାହା ବ୍ୟତୀତ ତାଳପତ୍ର ସହିତ ମୋର ପରିଚୟ ଅଧିକ ନୁହେଁ। ତାଳପତ୍ର ଖୋଦେଇ ଚିତ୍ର ସମ୍ବନ୍ଧରେ ମୋର ଏହି ଟିକକ ଧାରଣାକୁ

ନେଇ ମୁଁ ସେଭଳି ମନୀଷୀଙ୍କ ନିକଟରେ 'ହଁ' ଭରିଥିବାରୁ ମୋ ବିବେକ ମୋତେ ଆଘାତ କରିଥିଲା। ମୁଁ ଏହି ତାଳପତ୍ର ଖୋଦେଇ କାମ ନିଜେ ଅଭ୍ୟାସ କରି ମାଷ୍ଟ୍ର ମଶାୟଙ୍କୁ କୌଣସି ଗୋଟିଏ କାମ ନଦେଖେଇବା ପର୍ଯ୍ୟନ୍ତ ଆତ୍ମତୃପ୍ତି ପାଉ ନଥାଏ। ଏହା ମୋ ପକ୍ଷେ ଏକ ପରୀକ୍ଷାରେ ଅବତୀର୍ଣ୍ଣ ହେଲା ଭଳି ବୋଧ ହେଲା। କାରଣ ମୁଁ ସମ୍ପୂର୍ଣ୍ଣ ପ୍ରତିଜ୍ଞାବଦ୍ଧ ହୋଇଗଲି ଯେ, ମାଷ୍ଟ୍ର ମଶାୟଙ୍କୁ ମୋତେ ତାଳପତ୍ର ଖୋଦେଇର କାମ ଦେଖାଇବାକୁ ହେବ। ଏହା ମୋର ଏକ ଚିନ୍ତାର ବିଷୟ ଥିଲା। ବହୁ କଷ୍ଟ ଓ କୌଶଳ କ୍ରମେ ସେହି ଛାତ୍ର ଜୀବନରେ କଲିକତା ତଥା ଓଡ଼ିଶାର ମ୍ୟୁଜିୟମରୁ କେତେକ ପୋଥିଚିତ୍ର ଦେଖିବାର ସୁଯୋଗ ପାଇଥିଲି। ଏହା ବ୍ୟତୀତ ନୟାଗଡ଼ ଉଦୟପୁରଠାରେ ଦାଶରଥି ପଟ୍ଟନାୟକଙ୍କର ସଂଗ୍ରହାଳୟରେ ଥିବା ପୋଥି ଚିତ୍ର ଗୁଡିକୁ ମଧ୍ୟ ଗଭୀର ଭାବରେ ନିରୀକ୍ଷଣ କଲି। ଛାତ୍ର ଜୀବନରୁ ଛୁଟି ସମୟରେ ମୁଁ ମୋ ଗାଁରେ ମୋର ସମୟ ଅତିବାହିତ କରିଥାଏ। ଆମ ଘର ପଛପଟ ସାହିରେ ରୂପ ଘରର ବୃଦ୍ଧ ବ୍ରାହ୍ମଣ ପୋଥି ଲେଖନ୍ତି। ମୋ ପିଲାଦିନୁ ଦେଖେ ବହୁଆଡୁ ବହୁଲୋକ ତାଙ୍କ ପାଖରେ ପୋଥିସବୁ ଲେଖେଇ ନିଅନ୍ତି। ସେ ସବୁ ସମୟରେ ଏହି ପୋଥିଲେଖା କାମରେ ବ୍ୟସ୍ତ। ତାଙ୍କ ପାଖରେ ଛୁଟିର ଅଧିକାଂଶ ସମୟ ବସି ନଜର କଲି ଓ ତାଳପତ୍ର ଲେଖା ସମ୍ପର୍କରେ କିଛିଟା ଧାରଣା ହେଲା। ଏହା ବ୍ୟତୀତ ଆମ ଗାଁ ଭାଗବତ ଟୁଙ୍ଗିର ମଧ୍ୟ ଅବଦାନ ଥିଲା ଅନେକ। ବୁଢ଼ାମାନେ କହନ୍ତି, ବହୁଦିନ ତଳେ ଆମ ଗାଁ ଭାଗବତ ଗାଦିଘରେ ଅନେକ ପୋଥି ଥିଲା। କିନ୍ତୁ କାଳକ୍ରମେ କେତେକ ପୋଥି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଛି। ସେହି ପୋଥି ଗୁଡିକୁ ମଧ୍ୟ ଘାଣ୍ଟି ଦେଖିଲି। କେତେକ ପୋଥିରେ ବିଭିନ୍ନ ଧରଣର ଡ଼ାଳି ଓ ଚିତ୍ର ଅଛି। ତାହା ମଧ୍ୟ ମୋ ପାଇଁ କିଛି ଖୋରାକ ଯୋଗାଇଲା। ଏହି ସବୁ ଡାଳି ଓ ଅକ୍ଷର ଲେଖା ପଦ୍ଧତିକୁ ଅନୁକରଣ କରି ତାଳପତ୍ରରେ ଚିତ୍ର ଆଙ୍କିବା ଆରମ୍ଭ କଲି। ଏହା ମୋର ଲେଖନୀ ଦ୍ୱାରା ଚିତ୍ର ଆଙ୍କିବା ପ୍ରଥମ। ଅନେକ ଗୁଡିଏ ତାଳପତ୍ର ଖୋଦେଇ ଚିତ୍ର ଭିତରୁ ଗୋଟିଏ ବୁଢ଼ା ବରଗଛର ଚିତ୍ର ସବୁଠାରୁ ଭିନ୍ନ ଓ ନୂତନ ଧରଣର ହୋଇଥିଲା। ସେହି ଚିତ୍ରଟିକୁ ମୋର ଜନ୍ମ ଦିନରେ ମାଷ୍ଟ୍ର ମଶାୟଙ୍କୁ ଉପହାର ଦେବାପାଇଁ ସ୍ଥିର କଲି।

ପ୍ରତ୍ୟେକ ଛୁଟି ପରେ ଶାନ୍ତିନିକେତନ ଫେରି ପ୍ରଥମେ ମାଷ୍ଟ୍ର ମଶାୟଙ୍କୁ ଭେଟିଥାଏ। ଛୁଟି ଖୋଲିଲା ଏବଂ ଶାନ୍ତିନିକେତନ ଗଲା ପରେ ସେହି ଚିତ୍ରଟିକୁ ଗୋଟିଏ ସୁନ୍ଦର କାଗଜ ଖୋଳ ଭିତରେ ରଖି ତା' ଉପରେ ଭକ୍ତିର ଉପହାର ଲେଖି ମାଷ୍ଟ୍ର ମଶାୟଙ୍କୁ ମୋର ଜନ୍ମଦିନରେ ଉପହାରଟି ଦେଲି। ସେ ଅତି ଆନନ୍ଦର ସହିତ ତାଳପତ୍ରର ଚିତ୍ରଟି ଦେଖିଲେ ଏବଂ କହିଲେ "ଯୁବକ ଏଙ୍କେଛେ ବୃଦ୍ଧ, ବେଶ୍ ହଏଛେ"। ମାଷ୍ଟ୍ର ମଶାୟଙ୍କର ସେହି

ଆନନ୍ଦ ଟିକକ ମୋ ପାଇଁ ଅସୀମ ଆଶୀର୍ବାଦର ସୂଚନା ଥିଲା। ତା' ପରେ ସେ କହିଲେ, "ଓଡ଼ିଶା କଲାର ଦେଶ, ଓଡ଼ିଶାର ଛେଲରା ବେଶ୍ କାର୍ଯ୍ୟ କରେ, ଆମି ଓଡ଼ିଶାର ଛେଲେ ଦିକେ ଭାଲୋ ବାସି"। ଏହି ବକ୍ତବ୍ୟ ମାଷ୍ଟ୍ର ମଶାୟଙ୍କର କେବଳ ଯେ ମୋ ପ୍ରତି ଆଶୀର୍ବାଦ ଥିଲା ତା' ନୁହେଁ, ବରଂ ଓଡ଼ିଶାର ଯେଉଁମାନେ କଳା ଭବନରେ ଛାତ୍ର ଜୀବନ କଟାଇବାର ସୁଯୋଗ ପାଇଛନ୍ତି ସେହି ସମସ୍ତଙ୍କପାଇଁ ଏହା ଶୁଭେଚ୍ଛାର ବାର୍ତ୍ତା ଥିଲା। ବାସ୍ତବରେ ଓଡିଆ ଛାତ୍ରଛାତ୍ରୀମାନେ ଯେଉଁ ଭବନର ହୁଅନ୍ତୁ ନା କାହିଁକି ଶାନ୍ତିନିକେତନରେ ସେମାନଙ୍କର ସୁନାମ ଯଥେଷ୍ଟ ଥାଏ। ପଣ୍ଡିତ ଓ ଗୁଣୀ ବ୍ୟକ୍ତିମାନଙ୍କର ଓଡିଆ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଶ୍ରଦ୍ଧାଭାଜନ ହୋଇଥାନ୍ତି। ଏବେ ମଧ୍ୟ ଶାନ୍ତିନିକେତନରେ ପଢୁଥିବା ଓଡିଆ ଛାତ୍ରଛାତ୍ରୀ ସେହି ସୌଭାଗ୍ୟରୁ ବଞ୍ଚିତ ନୁହନ୍ତି। ●●●



# ନନ୍ଦଲାଲଙ୍କ ସ୍କେଚ୍: ଏକ ଆଶୀର୍ବାଦ

ସେ ଦିନର ଘଟଣାଟି ମୋ ଶାନ୍ତିନିକେତନ ଜୀବନର ଏକ ଅଭୁଲା ସ୍ମୃତି। ଶାନ୍ତିନିକେତନ ଜୀବନର ଅର୍ଦ୍ଧେକ ସମୟ ଶେଷ ହେବା ଉପରେ। ମନ ଭିତରେ ବହୁ ଦିନରୁ ଗୋଟିଏ ସଞ୍ଚିତ ଇଚ୍ଛା ଥାଏ ଯେ, ମାଷ୍ଟ୍ର ମଶାୟଙ୍କଠାରୁ କିପରି ଗୋଟିଏ କାର୍ଡ୍ ସ୍କେଚ୍ ପ୍ରାପ୍ତିରସୌଭାଗ୍ୟ ଲାଭ କରିବି। ତାଙ୍କଠାରୁ ଗୋଟିଏ କାର୍ଡ୍ ସ୍କେଚ୍ ପାଇବା ଅର୍ଥ କେବଳ ଆଶୀର୍ବାଦ ପ୍ରାପ୍ତି ନୁହେଁ, ବରଂ ଅମୂଲ୍ୟ ସମ୍ପଦର ଅଧିକାରୀ ମଧ୍ୟ ହେବା। କାର୍ଡ୍ ସ୍କେଚ୍ ଶାନ୍ତିନିକେତନ କଳା ସୃଷ୍ଟିର ସ୍ୱାତନ୍ତ୍ର୍ୟ ମଧ୍ୟରୁ ଅନ୍ୟତମ, ଏବଂ ଶିଳ୍ପୀ ନନ୍ଦଲାଲ ଭାରତରେ ଏହି କାର୍ଡ୍ ସ୍କେଚ୍‌ର ସ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବ ନାହିଁ। ମନ ଭିତରର ଏହି ଇଚ୍ଛାକୁ ପୂରଣ କରିବା ପାଇଁ ଚେଷ୍ଟା କରିବାରେ ଲାଗିଲି।

ସେ ଦିନ ୧୯୫୮ ମସିହା ନଭେମ୍ବର ମାସ ଆଠ ତାରିଖର ଏକ ଶୁଭ ମୁହୂର୍ତ୍ତ। ଗୋଟିଏ ଛୋଟ କାଚ ଶିଶିରେ କିଛି ଘୋରା ଚାଇନିଜ୍ ଇଙ୍କ୍, ଗୋଟିଏ ତୂଳୀ ଓ ଖଣ୍ଡିଏ କାଗଜ ନେଇ ମାଷ୍ଟ୍ର ମଶାୟଙ୍କ ପାଖରେ ପହଞ୍ଚିଲି। ସେ ତାଙ୍କ ବାସଭବନର କାଚ ଘର ଷ୍ଟୁଡିଓରେ ବସିଥିଲେ। ପାରମ୍ପରିକ ପଦ୍ଧତିରେ ପ୍ରଣତି ଜଣାଇ ସମସ୍ତ ସାମଗ୍ରୀଗୁଡିକ ତଳେ ଥୋଇ ମନର ଅଭିଳାଷ ପ୍ରକାଶ କଲି। ହାତକୁ କାଗଜ ଖଣ୍ଡିକ ବଢ଼ାଇ ଦେଇ ଚାଇନିଜ୍ ଇଙ୍କ୍ ଓ ତୂଳୀଟି ତାଙ୍କ ସମ୍ମୁଖ ଡେସ୍କ ଉପରେ ଥୋଇଲି, ଏବଂ ନୀରବରେ ବସି ଅନୁଧ୍ୟାନ କଲି ସୃଷ୍ଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ। ହସି ହସି ପଚାରିଲେ କଣ କରିବି କୁହ। ମୁଁ ମୋ ଆଡୁ କିଛି ନକହି ତାଙ୍କ ନିଜ ଇଚ୍ଛାରେ ସୃଷ୍ଟି ପାଇଁ ଅନୁରୋଧ କଲି। ତା'ପରେ "ତୁମ ଓଡ଼ିଶାରେ ଗଉଡୁଣୀ ଦେଖିଛ" କହି ଖଣ୍ଡିଏ ଚାରକୋଲ୍ କାଠିରେ କାଗଜ ଉପରେ ଗୋଟିଏ ଗଉଡୁଣୀ କ୍ଷୀର ଡ଼ାଲ ଧରି ଯାଉଥିବାର ସ୍କେଚ୍‌ଟି ଆଙ୍କିଲେ ଏବଂ କନା ଖଣ୍ଡିଏରେ କାଗଜଟିକୁ ଟିକିଏ ଝାଡିଦେଇ ଚାଇନିଜ୍ ଇଙ୍କ୍ ବ୍ରସ୍ ଲାଇନ ଦେଲେ। ଗରିବ ଗଉଡୁଣୀ ଘରର ବୋହୁ ପିନ୍ଧିଛି ଗୋଟିଏ ଛୋଟ ଲୁଗା ଓ ତାହା ତା' ପାଇଁ ଥିଲା ଯଥେଷ୍ଟ ଛୋଟ, ଆଣ୍ଠୁ ଲୁଚୁନାହିଁ, ସେ ପୁଣି ଲଜ୍ଜାଶୀଳା, ଅର୍ଦ୍ଧ-ଅବଗୁଣ୍ଠନରେ ସେ ଚାଲୁଛି ତାର ସୁଦୀର୍ଘ ପଥରେ ଏବଂ ହାତରେ ଦୁଗ୍ଧପୂର୍ଣ୍ଣ ଭାଣ୍ଡ। ସେ ଆଗେଇ ଚାଲିଛି ଏକାକିନୀ। ସେ ନବବଧୂ ନୁହେଁ। କାରଣ ଯେଉଁ ଗଉଡୁଣୀ ନବବଧୂ ତା ସହିତ ତାର ଶାଶୁ କିମ୍ବା ସ୍ୱାମୀ ଯାଇଥାନ୍ତି। ଏହା ହିଁ ଓଡ଼ିଶାର ପରମ୍ପରା। ତେଣୁ ତଦନୁଯାୟୀ ତାର ବୟସ।



ଏହି ସ୍କେଚ୍‌ଟି କେବଳ ମୋ ପକ୍ଷେ ଯେ ଆଶୀର୍ବାଦର ସଙ୍କେତ ଥିଲା ତା' ନୁହେଁ, ବରଂ ଏହା ଓଡ଼ିଆ ଜାତିର ଏକ ଅମୂଲ୍ୟ ସମ୍ପଦ କହିଲେ ଅତ୍ୟୁକ୍ତି ହେବନାହିଁ। ଆଜି ଓଡ଼ିଶା ତଥା ଭାରତର ବହୁ ଶିଳ୍ପୀଙ୍କ ପାଖରେ ନନ୍ଦଲାଲ ବୋଷଙ୍କର ସ୍କେଚ୍ ସଂଗୃହୀତ ହୋଇ ଅଛି। ମୋର ସଂଗୃହୀତ ଏହି ସ୍କେଚ୍‌ଟି ଭଳି ମଧ୍ୟ ବହୁ ସ୍କେଚ୍ ଏପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟିକୁ ଆସି ନାହିଁ। ନନ୍ଦଲାଲଙ୍କର ଶତବାର୍ଷିକୀ ଅବସରରେ କେନ୍ଦ୍ର ଲଳିତ କଳା ଏକାଡେମୀ ଶିଳ୍ପୀ ନନ୍ଦଲାଲଙ୍କର ବହୁ ସଂଖ୍ୟକ ଚିତ୍ର ଜାତୀୟ ସଂଗ୍ରହାଳୟରେ ସଂରକ୍ଷଣ ଲାଗି ଲକ୍ଷାଧିକ ଅର୍ଥ ମୂଲ୍ୟରେ କ୍ରୟ କରିଅଛନ୍ତି। ବହୁ ଅନୁଷ୍ଠାନ, ବିଚ୍ଛୁରିତ ହୋଇ ରହିଥିବା ଏହିଭଳି ଅଜ୍ଞାତ ସ୍କେଚ୍‌ଗୁଡ଼ିକ ସଂଗ୍ରହ କରି ସମସସ୍ତଙ୍କ ଦୃଷ୍ଟିକୁ ଆଣିବା ନିମନ୍ତେ ଚେଷ୍ଟା କରିଅଛନ୍ତି। ଆମ ଓଡ଼ିଶା ଲଳିତକଳା ଏକାଡେମୀର ଏ ଭଳି ଏକ ଉଦ୍ୟମ ଅତୀବ ପ୍ରଂଶସନୀୟ। ତା' ପରେ ମାଷ୍ଟ୍ର ମଶାୟ ସେହି ଗଉଡୁଣୀର ସ୍କେଚ୍‌ଟି ମୋ ହାତକୁ ବଢାଇ ଦେଲେ। ସେହି ସ୍କେଚ୍‌ଟି କେବଳ ଯେ ମୋ ସଂଗ୍ରହରେ ଅଛି ତା' ନୁହେଁ, ବରଂ ତା' ସହିତ ଯେଉଁ ଶିଶିରେ ଚାଇନିଜ୍ ଇଙ୍କ୍ ଥିଲା ଓ ଯେଉଁ ବ୍ରସଟି ମାଷ୍ଟ୍ର ମଶାୟ ବ୍ୟବହାର କରିଥିଲେ ତାହାକୁ ମଧ୍ୟ ଏବେ ପର୍ଯ୍ୟନ୍ତ ମୋ ସ୍ମୃତିର ସଙ୍କେତ ରୂପେ ସାଇତି ରଖିଛି। ସେଦିନ ସ୍କେଚ୍‌ଟି ପାଇ କୃତଜ୍ଞତାରେ ମୋର ମୁଣ୍ଡ ନଇଁ ଯାଇଥିଲା, ଏବଂ ମୋର ମନ ଓ ହୃଦୟ ସବୁକୁ ଯେପରି ସେହି ମହାନ ଶିଳ୍ପୀଙ୍କ ନିକଟରେ ମୁଁ ସେଦିନ ସମର୍ପଣ କରିଦେଲି। ●●●

## ନନ୍ଦଲାଲଙ୍କ ଉପଦେଶ

ଆଉ ଗୋଟିଏ ଦିନ, ଯାହା ମୋ ପାଇଁ ଏକ ଶୁଭଦିନ ଥିଲା। ମାଷ୍ଟ୍ର ମଶାୟ ତାଙ୍କ ଷ୍ଟୁଡିଓରେ ଛବି ଆଙ୍କୁଥିଲା ବେଳେ ତାଙ୍କର ସୃଷ୍ଟିକୁ ଧ୍ୟାନର ସହିତ ଦେଖିବାର ସୁଯୋଗ ସେଦିନ ପାଇଥିଲି। ମୋର କଅଁଳ ବୟସ ଓ ସରଳ ମନ ଭିତରେ ବହୁ କିଛି ପ୍ରଶ୍ନ ଉଙ୍କି ମାରୁଥାଏ। ତାଙ୍କର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସେ କିଛି ଅନୁମାନ କଲେ ଓ ପଚାରିଲେ, "କିଛି ବୁଝିବାକୁ ଅଛି କି ?" ମୋର ଜିଜ୍ଞାସୁ ମନର ଉତ୍ତାଳ ତରଙ୍ଗ ଅଧିକରୁ ଅଧିକତର ହୋଇ ଉଠିଲା। ସେଦିନ ତାଙ୍କର ସେଇ ଦୁଇପଦ କଥା ମୋ ଜୀବନର ଏକ ଅଭୁଲା ସ୍ମୃତି, ଏବଂ ମୋର ବଙ୍କାଟଙ୍କା ଝଡଝଞ୍ଜାମୟ ଜୀବନ ପଥର ଆଲୋକବର୍ତ୍ତିକା ସଦୃଶ ଥିଲା। ସେ ଦିନ ମୁଁ ଧୀର ଓ ନମ୍ରତାର ସହ ପଚାରିଥିଲି ଯେ ମୋର ଦିନେ ନା ଦିନେ ତ ଛାତ୍ର ଜୀବନର ଅବସାନ ଘଟିବ। ତେବେ ଏହି ଶାନ୍ତିନିକେତନରୁ ବିଦାୟ ନେଲା ପରେ ମୋ ଶିଳ୍ପୀ ଜୀବନକୁ ବଞ୍ଚାଇ ରଖିବି କିପରି ? ମାଷ୍ଟ୍ର ମଶାୟ ଉତ୍ତରରେ କହିଲେ, "ତୁମେ ଏଠାରେ ଯାହା କରୁଛ ତାହା ହିଁ କରିବ"। କଥାଟାକୁ ଆହୁରି ସ୍ପଷ୍ଟ କରିବା ପାଇଁ ପଚାରିଲି ଯେ, ଏଠାରେ ଶିଳ୍ପୀ ଜୀବନର ଉନ୍ନତି ପାଇଁ ଯେଉଁ ସବୁ ସୁଯୋଗ ପାଉଛି ଏବଂ ଆପଣଙ୍କ ସାକ୍ଷାତର ଯେଉଁ ସୌଭାଗ୍ୟ ଲାଭ କରିପାରୁଛି, ଏଠାରୁ ଚାଲିଗଲା ପରେ ଏ ସବୁରୁ ବଞ୍ଚିତ ହେବି ନାହିଁକି ? ସେ ବୁଝାଇ କହିଲେ, "ଭଗବାନ ହିଁ ଶ୍ରେଷ୍ଠ ଶିଳ୍ପୀ। ବିଶ୍ୱର ଜୀବ ଓ ଜଡ ଜଗତର ଛୋଟ ବଡ ପ୍ରତ୍ୟେକ ସୃଷ୍ଟିର ସେ ହେଉଛନ୍ତି ସ୍ରଷ୍ଟା ବା କାରିଗର। ତାଙ୍କର ସୃଷ୍ଟି ବା ପ୍ରକୃତିକୁ ସମ୍ପୂର୍ଣ୍ଣ ଅଧ୍ୟୟନ କର। ଅଧ୍ୟୟନ କରିବା ଦ୍ୱାରା ପ୍ରକୃତି ସହିତ ତୁମର ପ୍ରକୃତ ପରିଚୟ ହେବ। ପ୍ରକୃତିର ଅସଲ ରୂପ ଜାଣି ସାରିଲା ପରେ ସେହି ପ୍ରକୃତି ହିଁ ତୁମ ଆଗରେ ବହୁ ରୂପରେ ଠିଆ ହେବ ଓ ଆଗକୁ ବାଟ କଢାଇବ।"

ସେ ପୁଣି କହିଲେ, "ତୁମ ଓଡ଼ିଶାର ପଟ୍ଟଚିତ୍ରର ସ୍ଥାନ ବହୁ ଉଚ୍ଚରେ। ପଟ୍ଟଚିତ୍ର ବ୍ୟତୀତ ଓଡ଼ିଶାର କେତେକ ମଠ ଓ ମନ୍ଦିରରେ ଥିବା କାନ୍ଥଚିତ୍ର ସବୁ ମୁଁ ଦେଖିଛି"। ଓଡ଼ିଶାର ମନ୍ଦିର ମୂର୍ତ୍ତିଗୁଡିକ ଅତି ଉଚ୍ଚକୋଟୀର କହି ଏହି ଧରଣ ଚିତ୍ର ଓ ମୂର୍ତ୍ତିଗୁଡିକ ଆମର ନିଜସ୍ୱ ବୋଲି ସେ ପ୍ରକାଶ କଲେ। ତେଣୁ ସେ ସମସ୍ତ ଚିତ୍ର ଓ ଭାସ୍କର୍ଯ୍ୟ ଅନୁଧ୍ୟାନ କରିବା ଉଚିତ୍ ବୋଲି କହିଲେ। ସେ ପୁଣି ଅଧିକ ଗୁରୁତ୍ୱ ଦେଇ କହିଲେ ଯେ ପ୍ରତ୍ୟେକ ସମୟରେ

ତୁମେ ତୁମ ନିଜସ୍ୱ ଢଙ୍ଗରେ ନିଜର ନିଜତ୍ୱକୁ କଳା ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କର। ଶିଳ୍ପୀ ନନ୍ଦଲାଲଙ୍କର ତୁଣ୍ଡର ଏହି ମୂଲ୍ୟବାନ ଉପଦେଶ ସବୁ ମୋ ପକ୍ଷେ ଥିଲା ଭଗବାନଙ୍କର ବାଣୀ ସଦୃଶ। ତାଙ୍କର ଉପରୋକ୍ତ ମନ୍ତବ୍ୟରୁ ବେଶ ଜାଣି ହୁଏ ଯେ, ଓଡ଼ିଶାର ବଣ, ପାହାଡ, ଗିରି, ଗୁମ୍ଫା ଓ ମଠ ମନ୍ଦିର ସବୁରୀ ସହିତ ସେ ସୁପରିଚିତ ଥିଲେ ଏବଂ ଓଡ଼ିଶାର କଳା ତଥା କଳାକାରମାନଙ୍କ ପ୍ରତି ତାଙ୍କର ଥିଲା ଏକ ଉନ୍ନତ ଧାରଣା।

ମାଷ୍ଟ୍ର ମଶାୟଙ୍କର ଏହି ଅଳ୍ପ କେତୋଟି ଉପଦେଶ ମୋ ଜିଜ୍ଞାସୁ ମନ ଭିତରେ ପବିତ୍ର ଆନନ୍ଦର ଲହଡି ସୃଷ୍ଟି କରିଥିଲା। ତାଙ୍କର ମୋ ପାଇଁ ଏହି ମୂଲ୍ୟବାନ ସମୟ ବିନିଯୋଗ କରିବା ଏକ ଅଭୁଲା ସ୍ମୃତି, ସତେ ଯେପରି ମୋ ହୃଦୟ ଭିତରେ ଅମୂଲ୍ୟ ସମ୍ପଦର ଦାନା ବାନ୍ଧି ସାଇତା ହୋଇ ରହିଗଲା ଶେଷ ଜୀବନ ପର୍ଯ୍ୟନ୍ତ।

ଏହି ଉପଦେଶ ଦେବା ସମୟରେ ସେହି କୋଠରିରେ ମୋର ଗୁରୁ ଅଧ୍ୟାପକ ଏ.ପିରୁମଲ ନୀରବରେ ବସି ଏକ ଧ୍ୟାନରେ ସମସ୍ତ ବିଷୟ ଶୁଣୁଥାନ୍ତି। ମାଷ୍ଟ୍ର ମଶାୟଙ୍କଠାରୁ ମୋର ବିଦାୟ ନେବା ପୂର୍ବରୁ ସେ ଅଧ୍ୟାପକ ଏ.ପିରୁମଲଙ୍କୁ ନିକଟକୁ ଡାକି ଟିକିଏ ଦୂରରେ ଥିବା ବହି ଖଣ୍ଡିଏ ତାଙ୍କ ହାତକୁ ଦେବାକୁ କହିଲେ। ଶିଳ୍ପୀ ନନ୍ଦଲାଲ ବହି ଭିତରେ ବ୍ରସରେ କିଛି ଲେଖି ବହିଟିକୁ ମୋ ହାତକୁ ବଢାଇଦେଲେ। ବିନମ୍ରତାର ସହ ପ୍ରଣାମ କରି ବହିଟିକୁ ହାତକୁ ଆଣିଲି। ସତେ ଯେପରି, ସେ ବହିରେ ମୋ ପାଇଁ ସମସ୍ତ ଆଶୀର୍ବାଦ ସାଇତା ହୋଇ ରହିଥିଲା। ବହିଟି ହେଉଛି Nandalal Bose: An Album of Paintings, ଯାହା ମାଷ୍ଟ୍ର ମଶାୟଙ୍କର ଏକ ଚିତ୍ର ସଂଗ୍ରହ ପୁସ୍ତକ। ଏହା ପ୍ରତ୍ୟେକ ଶିଳ୍ପୀ ପାଇଁ ଏକ ଉପାଦେୟ ପୁସ୍ତକ। ମଲାଟର ତଳପୃଷ୍ଠାରେ ମୋ ପାଇଁ ଲେଖା ଅଛି ଆଶୀର୍ବାଦର କେତୋଟି ଧାଡି ଓ ତାହା ହେଉଛି, "ଶ୍ରୀ ଦୁର୍ଗାପ୍ରସାଦ ଦାସ୍‌କେ ଆମାର ଆଶୀର୍ବାଦ, ଶାନ୍ତିନିକେତନ, ନନ୍ଦଲାଲ ବସୁ"। ବାସ୍ତବିକ ଆଜି ସେହି ମହାମନୀଷୀ ଶୁଭେଚ୍ଛୁ ନନ୍ଦଲାଲଙ୍କର ଆଶୀର୍ବାଦ ହିଁ ମୋର ଆଜି ପର୍ଯ୍ୟନ୍ତ ଶିଳ୍ପୀ ଜୀବନ ପଥର ଯଥାର୍ଥ ସହାୟକ ହୋଇଅଛି। ●●●

## ନନ୍ଦଲାଲଙ୍କ ଦୃଷ୍ଟିରେ ଓଡିଆ ଶିଳ୍ପୀ ବି. ବର୍ମା

ଏଠାରେ ଅନ୍ୟ ଏକ ଉଲେଖନୀୟ ସ୍ମୃତି ଲିପିବଦ୍ଧ କରିବାକୁ ବିଧେୟ ମନେ କରୁଅଛି। ନନ୍ଦଲାଲଙ୍କର ଚିତ୍ର-ପ୍ରିଣ୍ଟ ସଂଗ୍ରହ କରିବା ମୋର ନିଶା ଥିଲା। କଳାଭବନର ଅଧ୍ୟାପକମାନଙ୍କଠାରୁ ନନ୍ଦଲାଲଙ୍କ ଚିତ୍ର-ପ୍ରିଣ୍ଟ ସବୁ ସଯତ୍ନରେ ମାଉଣ୍ଟ୍ କରି ରଖିଥାଏ। ଓଡ଼ିଶାର ତଦୁଲ୍ୟ ବିଶିଷ୍ଟ ଚିତ୍ରଶିଳ୍ପୀ ବିମ୍ବାଧର ବର୍ମାଙ୍କର ମଧ୍ୟ କିଛି ଚିତ୍ର-ପ୍ରିଣ୍ଟ ତଥା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିବା କେତେକ ଲେଖା ମୋ ସଂଗ୍ରହରେ ଥାଏ। ମୋର ସଂଗୃହୀତ ଏହି ସମ୍ପତ୍ତିଗୁଡ଼ିକୁ ଥରେ ମାଷ୍ଟ୍ର ମଶାୟଙ୍କୁ ଦେଖାଇଲି। ସେ ମୋର ଛବି ସଂଗ୍ରହ ମନୋବୃତ୍ତିକୁ ବେଶ୍ ପସନ୍ଦ କଲେ। ବିମ୍ବାଧର ବର୍ମାଙ୍କର ସେଇ କେତୋଟି ଛବିର ପ୍ରିଣ୍ଟ ନନ୍ଦଲାଲ ଦେଖି ସେ ବିମ୍ବାଧର ବର୍ମାଙ୍କୁ ଜାଣିଥିବା ବିଷୟ ମଧ୍ୟ ପ୍ରକାଶ କଲେ। ବି. ବର୍ମାଙ୍କ 'ପଲ୍ଲୀବଧୂ' ଚିତ୍ରଟି ଅତି ସୁନ୍ଦର ହୋଇଛି କହି ଓଡିଆ ଘରର ବୋହୂମାନଙ୍କ ଗହଣା ପିନ୍ଧା ଆଗ୍ରହ ସମ୍ପର୍କରେ ଦୁଇପଦ କହିବାକୁ ଭୁଲି ନଥିଲେ। ତାଙ୍କ ତୁଣ୍ଡରେ ବି. ବର୍ମାଙ୍କର 'ପଲ୍ଲୀବଧୂ' ଓ 'ଧରାସୂର୍ଯ୍ୟର ବିଦାୟ' ଛବି ଦୁଇଟିର ପ୍ରଶଂସା ଶୁଣି ଓଡିଆ ଶିଳ୍ପୀଙ୍କର କୃତିତ୍ୱ ସମ୍ପର୍କରେ କିଛିଟା ଅବଗତ ହେଲି। ବି. ବର୍ମାଙ୍କ ଛବିରେ ଭାରତୀୟ କଳାର ନିଜସ୍ୱବୋଧ, ଓଡିଆ ଘରର ଚଳଣି ତଥା ଓଡିଶାର ପରମ୍ପରା ସମ୍ପର୍କରେ ଯାହା କିଛି ବୟାନ କଲେ, ସେଥିରୁ ତାଙ୍କର ଓଡିଆ ଶିଳ୍ପୀ ଓ ଓଡିଶାର ପରମ୍ପରା ପ୍ରତି ରହିଥିବା ସମ୍ମାନ ମୋତେ ଭାବ ବିହ୍ୱଳିତ କରି ପକାଇଲା। ଏଠାରେ ଶିଳ୍ପୀ ବିମ୍ବାଧର ବର୍ମାଙ୍କର ଚିତ୍ର ସମୂହକୁ ନେଇ ଆୟୋଜନ କରିଥିବା ପ୍ରଦର୍ଶନୀ କଥାଟି ଉଲ୍ଲେଖ କରୁଅଛି।

ଶାନ୍ତିନିକେତନରେ ସମସ୍ତ ଭବନର ଓଡିଆ ଛାତ୍ରଛାତ୍ରୀମାନଙ୍କର ସାହିତ୍ୟିକା ନାମରେ ଗୋଟିଏ ସାଂସ୍କୃତିକ ସଂଘ ଗଠନ କରାଯାଇଥାଏ। ସେହି ସାହିତ୍ୟିକାରେ ଗୋଟିଏ ପ୍ରସ୍ତାବ ଉତ୍ଥାପନ କଲି ଯେ, ବିମ୍ବାଧର ବର୍ମାଙ୍କର ଜନ୍ମ ଦିବସରେ ବା ଶ୍ରାଦ୍ଧ ଦିବସରେ ସାହିତ୍ୟିକା ତରଫରୁ ମୋ ପାଖରେ ସଂଗୃହୀତ ଥିବା ନନ୍ଦଲାଲ ତଥା ବି. ବର୍ମାଙ୍କର ଏକ ମିଳିତ ଚିତ୍ର ପ୍ରଦର୍ଶନୀର ଆୟୋଜନ କରିବା। ଗୁଣୀ ଓ ଗୁଣଗ୍ରାହୀ ଡକ୍ଟର କୁଞ୍ଜ ବିହାରୀ ଦାଶ ସେତେବେଳେ ଓଡିଆ ବିଭାଗର ମୁଖ୍ୟ ଥାଆନ୍ତି। ସେ ଏହି ପ୍ରସ୍ତାବରେ ଆନନ୍ଦର ସହିତ ରାଜି ହୋଇଗଲେ। ତତ୍କାଳୀନ ଓଡିଆ ବିଭାଗର ଛାତ୍ର ଡକ୍ଟର ଭାବଗ୍ରାହୀ ମିଶ୍ର ଜଣେ ଗାନ୍ଧିବାଦୀ ଓଡିଆ ପ୍ରେମୀ ଓ ଗୁଣୀ ବ୍ୟକ୍ତି ଥିଲେ। ଭାବଗ୍ରାହୀ ବାବୁ ତଥା ଓଡିଆ ବିଭାଗ ଓ କଳା ଭବନର ସମସ୍ତ ଓଡିଆ ଛାତ୍ରବନ୍ଧୁଙ୍କ ସହାୟତାରେ ବିଦ୍ୟାଭବନର ଗୋଟିଏ ହଲ୍‌ରେ ଶିଳ୍ପୀ ନନ୍ଦଲାଲ ତଥା ଓଡିଆ ଶିଳ୍ପୀ ବିମ୍ବାଧର ବର୍ମାଙ୍କର ଏକ ମିଳିତ ଚିତ୍ର ପ୍ରଦର୍ଶନୀର

ଆୟୋଜନ କରାଗଲା। ବହୁ ସଂଖ୍ୟକ ଗୁଣୀ ଓ କଳାପ୍ରେମୀ ବ୍ୟକ୍ତି ପ୍ରଦର୍ଶନୀ ଦେଖିବାକୁ ଆସିଥିଲେ। ମାଷ୍ଟ୍ର ମଶାୟ ସଭାସ୍ଥଳକୁ ଅସି ପ୍ରଦର୍ଶନୀ ଉଦ୍‌ଘାଟନ କରିବାର ଥିଲା। କିନ୍ତୁ ତାଙ୍କର ଶରୀର ଅସୁସ୍ଥ ଥିବାରୁ କଳାଭବନର ଅଧ୍ୟକ୍ଷ ଶ୍ରୀ ଧୀରେନ୍ କୃଷ୍ଣ ଦେବ୍ ବରମନ୍ ଉଦଘାଟନ କଲେ, ଏବଂ ଡକ୍ଟର କୁଞ୍ଜବିହାରୀ ଦାଶଙ୍କର ସଭାପତିତ୍ୱରେ ପ୍ରଦର୍ଶନୀ ଅତ୍ୟନ୍ତ ଫଳପ୍ରଦ ହୋଇଥିଲା। ଡି.କେ. ଦେବ୍ ବର୍‌ମନ୍ ତାଙ୍କ ଭାଷଣରେ ନନ୍ଦଲାଲଙ୍କର ଚିତ୍ର ସୃଷ୍ଟିର ବିଭିନ୍ନ ଦିଗ ତଥା ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ବୟାନ କରି ଶିଳ୍ପୀ ବିମ୍ବାଧର ବର୍ମାଙ୍କର ଚିତ୍ର ସୃଷ୍ଟିର ଭୂୟସୀ ପ୍ରଂଶସା କରିଥିଲେ। ଡକ୍ଟର କୁଞ୍ଜବିହାରୀ ଦାଶ ତାଙ୍କ ଭାଷଣରେ ପ୍ରଦର୍ଶନୀଟି ସମ୍ପୂର୍ଣ୍ଣ ସଫଳ ହୋଇଥିବା ତଥା ମୋର ମନସ୍କାମନା ପୂର୍ଣ୍ଣ ହେବା କଥା ପ୍ରକାଶ କରିଥିଲେ। ନନ୍ଦଲାଲ ତଥା ବି. ବର୍ମାଙ୍କର ମିଳିତ ପ୍ରଦର୍ଶନୀ କରିବାରେ ମୋର ପ୍ରକୃତ ଉଦ୍ଦେଶ୍ୟ ଥିଲା ଯେ ବି. ବର୍ମାଙ୍କ ଭଳି ଜଣେ ଉଚ୍ଚକୋଟୀର ଶିଳ୍ପୀଙ୍କର ସୃଷ୍ଟିକୁ ଓଡ଼ିଶା ବାହାରେ ପ୍ରଦର୍ଶିତ କରିବା। ଭାରତ ବିଖ୍ୟାତ ଶିଳ୍ପୀ ଶ୍ରୀ ଧିରେନ କୃଷ୍ଣ ଦେବ୍ ବର୍‌ମନ୍ ସେହି ସଭା ସ୍ଥଳିରେ ଯଥାର୍ଥରେ ଅତି ଉତ୍‌ଫୁଲ୍ଲତାର ସହିତ କହିଲେ ଯେ ବି. ବର୍ମାଙ୍କର 'ପଲ୍ଲୀବଧୂ', 'ଲିୟୋନାର୍ଡୋ ଡାଭିନ୍‌ସିଙ୍କର 'ମୋନାଲିସା'ଠାରୁ କୌଣସି ଗୁଣରେ କମ୍ ନୁହେଁ। ସଭାସ୍ଥଳରେ କରତାଳି ଧ୍ୱନି ବହୁ ସ୍ୱଦେଶ ପ୍ରେମୀ ଗୁଣୀଜନମାନଙ୍କର ସମର୍ଥନକୁ ପ୍ରକାଶ କରିଥିଲା। ବାସ୍ତବରେ 'ମୋନାଲିସା' ଯେପରି ଲିୟୋନାର୍ଡୋ ଡାଭିନ୍‌ସିଙ୍କର ତୁଳୀକା ସ୍ପର୍ଶରେ ଚିରଜୀବନ୍ତ, ଠିକ ସେହିପରି 'ପଲ୍ଲୀବଧୂ'ର ଭାଗ୍ୟରେ ମଧ୍ୟ ତାହା ଘଟିଥିଲା। 'ପଲ୍ଲୀବଧୂ'ର ନିର୍ମଳ ଚାହାଣୀ, ସଞ୍ଚିତ ମନର ନୀରବ ଭାଷା ଯେ ତା'ର ସମସ୍ତ ଗୋପନ କଥାକୁ ଉଦାର ଓ ଅପଲକ ନୟନ କୋଣରେ ପ୍ରକାଶ କରି ଚାଲିଛି ତାହା ସେହି ପ୍ରତିକୃତିରୁ ହିଁ ଉପଲବ୍ଧି କରିହୁଏ।

ଶାନ୍ତିନିକେତନର ବହୁ ଗୁରୁବ୍ୟକ୍ତିଙ୍କ ଦ୍ୱାରା ବି. ବର୍ମାଙ୍କ ଚିତ୍ର ସବୁ ଉଚ୍ଚ ପ୍ରଶଂସା ଲାଭ କରିଥିଲେ ମଧ୍ୟ ଅତି ପରିତାପର ବିଷୟ ଯେ ଓଡ଼ିଶାରେ କୌଣସି କଳା ମହାବିଦ୍ୟାଳୟ ବି. ବର୍ମାଙ୍କ ନାମରେ ନାମିତ ହେବା ତ ଦୂରର କଥା ତାଙ୍କ ପ୍ରତିଭାର ପୂଜା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ମୋର ମନେହୁଏ, ଶେଷରେ ଓଡ଼ିଶା ଲଳିତକଳା ଏକାଡେମୀଙ୍କ ଦ୍ୱାରା ସଂଗୃହୀତ ବି. ବର୍ମାଙ୍କର କେତେ ଖଣ୍ଡି ଚିତ୍ର ତଥା ମୋର ବନ୍ଧୁ ଶିଳ୍ପୀ ବିନୋଦ ରାଉତରାୟଙ୍କର ବି. ବର୍ମାଙ୍କ ସମ୍ପର୍କରେ ଲେଖିଥିବା ଉପାଦେୟ ପୁସ୍ତକଟି ହିଁ ତାଙ୍କର ବହୁମୁଖୀ ପ୍ରତିଭା ଓ ଇତିହାସର ମୂକସାକ୍ଷୀ ହୋଇ ରହିବ। ତେବେ କଳା ଓ ସଂସ୍କୃତି ପ୍ରେମୀ ଗୁଣୀ, ଗୁଣଗ୍ରାହୀ ଓ ଜନନାୟକ ଶ୍ରୀ ମତ୍ଲୁବ ଅଲ୍ଲୀ ଓ ଶ୍ରୀ ଶରତ କର ଉଭୟେ ବିମ୍ବାଧର ବର୍ମାଙ୍କର ସ୍ମୃତିରକ୍ଷା ନିମନ୍ତେ ଯେଉଁ ଭଳି ଚେଷ୍ଟା ଜାରି ରଖିଥିଲେ ତାହା ପ୍ରଶଂସନୀୟ। ମୋର ବିଶ୍ୱାସ ଯେ ସେମାନଙ୍କର ବର୍ମା-ସ୍ମୃତି ଚିନ୍ତା ଦିନେ ନା ଦିନେ ନିଶ୍ଚିତ ରୂପେ ଯଥାର୍ଥରେ ବାସ୍ତବ ରୂପ ନେବ। ●●●

## ନନ୍ଦଲାଲଙ୍କଠାରୁ ବିଦାୟ ଓ ଛାତ୍ରଜୀବନର ଶେଷ ଅଧ୍ୟାୟ

ମୋର ଶାନ୍ତିନିକେତନରେ ଛାତ୍ର ଜୀବନ ଯେତିକି ଶେଷ ହୋଇ ଆସୁଥାଏ ମୁଁ ଅନୁଭବ କରୁଥାଏ ସତେ ଯେପରି ଏକ ଭୂସ୍ୱର୍ଗର ପରିବେଶ, ବହୁ ମୂଲ୍ୟବାନ ସମ୍ପଦ ତଥା ପ୍ରତିଭା ସମ୍ପନ୍ନ ଗୁଣୀ ବ୍ୟକ୍ତିମାନଙ୍କର ଆଶୀର୍ବାଦଠାରୁ ଧୀରେ ଧୀରେ ମୁଁ ଦୂରେଇ ଯାଉଛି। ନନ୍ଦଲାଲଙ୍କର ଦର୍ଶନଲାଭ ଥିଲା ମୋର ପ୍ରେରଣାର ଉତ୍ସ। ଶାନ୍ତିନିକେତନରୁ ବିଦାୟର ସମୟ ପାଖେଇ ଆସିଲା। ବିଦାୟ ନେଲା ବେଳେ କଳାଭବନର ପରମ୍ପରା ଅନୁଯାୟୀ ବିଦାୟକାଳୀନ ସଭାର ଆୟୋଜନ ହୋଇଥାଏ। ବିଦାୟ ନେଉଥିବା ଏବଂ ବିଦାୟ ଦେଉଥିବା ଛାତ୍ରଛାତ୍ରୀ ସେମାନଙ୍କର ବିଦାୟକାଳୀନ ଭାଷଣ ଦେଇଥାନ୍ତି। ସେଦିନର ଆନୁଷ୍ଠାନିକ ଭାବେ ଆୟୋଜିତ ହୋଇଥିବା ସଭାର ବିଦାୟକାଳୀନ ପରିବେଶ ଏବେ ମଧ୍ୟ ମନେପଡିଲେ ମୋର ପ୍ରତି ଲୋମକୂପ ଶତ ଶିହରଣରେ ଶିହରିତ ହୋଇଥାଏ। ସେଦିନର ଉତ୍ସବକୁ ଶିଳ୍ପୀ ନନ୍ଦଲାଲ ନିମନ୍ତ୍ରୀତ ହୋଇଥାନ୍ତି। ନିମନ୍ତ୍ରିତ ଭଦ୍ରବ୍ୟକ୍ତି ତଥା ଅଧ୍ୟାପକମାନଙ୍କର ଧାଡିର ମଧ୍ୟସ୍ଥଳରେ ତାଙ୍କର ଆସନ ତଥା ସଭାସ୍ଥଳିର ନୀରବତା, ପରିବେଶର ଗାମ୍ଭୀର୍ଯ୍ୟକୁ ଶତଗୁଣିତ କରୁଥିଲା। ବିଚ୍ଛେଦଭରା ଭାରାକ୍ରାନ୍ତ ହୃଦୟ ଓ ରୁଦ୍ଧ କଣ୍ଠରେ ମୋର ବିଦାୟକାଳୀନ ଭାଷଣଟି ଦେଇଥିଲି ଏହି ନିମ୍ନୋକ୍ତ କବିତା ମାଧ୍ୟମରେ।

ଶାନ୍ତିର ଏ ନୀଡ ଶାନ୍ତିନିକେତନ
ପାରିବିନି ତୋତେ ଜୀବନେ ଭୁଲି
ଦୁର୍ବଳ ଶରୀରେ ସିଂହବଳ ଦେଇ
ଆଜି ପୁଣି ମା' ଦେଉଛୁ ଠେଲି। (୧)
ତୋହର ଏ ବକ୍ଷ ରଣ ପ୍ରାଙ୍ଗଣରେ
ରଣ ଶିକ୍ଷା ଆଜି ଦେଇଛୁ ମୋତେ
ଏଇ ତୂଳୀ-ତୀରେ ବିନ୍ଧି ଏ ପ୍ରକୃତି
ରାଣୀ କି ମୋର କରିବି ସତେ ! (୨)

ତୋ ପାଣି ପବନେ ଗଢ଼ା ଏ ଜୀବନ
ଦିନେ ଅଧେ ନୁହେଁ ଚଉରି ବରଷ
ତୋ ଛବିଳ କୋଳେ ଛବିଳ ହେଲି ମୁଁ
ନିରସ ମନ ମୋ କଲି ସରସ। (୩)
ଯେଣେ ଚହେଁ ଖାଲି ବିଦାୟ ଡିଣ୍ଡିମ
ବାଜି ଉଠେ ଆଜି ଥରାଏ ରକ୍ତ
ବିଦାୟର ବେଳା ଆସିଲା ଲୋ ମାଆ
କାନ୍ଦେନା କି ହିଆ କମ୍ପାଇ ବକ୍ଷ। (୪)
ଏଇତ ଦେଖୁଛି ଭାଇ ବନ୍ଧୁ ସର୍ବେ
କର୍ତ୍ତବ୍ୟର କୃଷ୍ଣ ଦିଏ ଆଦେଶ
ସାଜି ତୁ ଅର୍ଜୁନ ନମାନି ବନ୍ଧନ
ବିଦାୟର ବାଣେ କର ବିନାଶ। (୫)
ତୁମର କଲ୍ୟାଣ ଆହେ ଗୁରୁଗଣ
ଶିରେ ମୋ ମୁକୁଟ ହୋଇବ ସିନା
ସେ ମୁକୁଟ ଧରି ତୂଳିଦଣ୍ଡଧାରୀ
ହୋଇ ମୁଁ ପାରିଲେ ସାଜିବ ସିନା (୬)
ଜଗତ ବନ୍ଧନ ଦାମ୍ପତ୍ୟ ଜୀବନ
ଭୀମ ଭୟଙ୍କରୀ ରାକ୍ଷସ ସେହି
ଲିପ୍ତ ଯଦି ରହେ ଜଗତରେ ମୋହେ
ରାକ୍ଷସୀ ନାଶିବ କଥାଟି ଏହି। (୭)
କେଜାଣି କେଜାଣେ ବିଧିର ବିଧାନେ
ଏ ସାର ଆଶା ମୋ କି ହୁଏ ଶେଷେ
କଂଟକ ପଥ ବଡ ଲୋ ବିପଦ
ଦେଖି ଧୀରେ ଚଲେ ଆତ୍ମବିଶ୍ୱାସେ। (୮)
ବଙ୍ଗି ଜଗବନ୍ଧୁ ଦେଶର ପିଲା ମୁଁ
ଦଶପଲ୍ଲୀ ମେଳି ମେଳିଆ ଛୁଆ
ଦେଖି କେତେ ଦିନ ତୀର ହାତେ ରହେ
ପଛେ ମୋ ଥାଇ ମା' ହେବୁ ଲୋ ସାହା। (୯)

ସେଦିନ ମୋର ପ୍ରତି ଲୋମକୂପରେ ସହସ୍ର ଶିହରଣ ଓ କମ୍ପନ ସୃଷ୍ଟି ହୋଇଥିଲା। ମାତୃ ବିଚ୍ଛେଦ ବେଦନା ମର୍ମେ ମର୍ମେ ଅନୁଭବ କଲି। କିନ୍ତୁ କର୍ତ୍ତବ୍ୟ-କୃଷ୍ଣର ଆଦେଶକୁ ଉଲଙ୍ଘନ କରିବାର ଉପାୟ ନଥିଲା।

ଶାନ୍ତିନିକେତନ ଛାତ୍ର ଜୀବନର ସମାପ୍ତି ଓ ବିଦାୟ ବେଳାର ସମ୍ମୁଖୀନ ହେବାକୁ ପଡିଲା। ସମସ୍ତ ଶିକ୍ଷକମାନଙ୍କଠାରୁ ବିଦାୟ ନେଇସାରି, ମାଷ୍ଟ୍ର ମଶାୟଙ୍କଠାରୁ ବିଦାୟ ନେବାକୁ ଗଲି। ଦୀର୍ଘଦିନର ସମ୍ପର୍କ ଓ ସେଭଳି ମହାମାନବଙ୍କଠାରୁ ବିଚ୍ଛେଦର ଯନ୍ତ୍ରଣା ମୋତେ କରିଥିଲା ହତବାକ୍। କୌଣସି ପ୍ରଶ୍ନ କରିବାର ଧୈର୍ଯ୍ୟ ମୋର ନଥିଲା। ତଥାପି ବହୁ କଷ୍ଟର ସହିତ ରୁଦ୍ଧ କଣ୍ଠରେ ଉଚ୍ଚାରଣ କରିଥିଲି, "ଆମି ଯାଚ୍ଛି, ଆପନାର ଆଶୀର୍ବାଦ ହିଁ ଆମାର କାମ୍ୟ"। ବାସ୍ତବରେ ତାଙ୍କର ମୋ ପ୍ରତିଥିଲା ଅସୀମ ସ୍ନେହ, ଶ୍ରଦ୍ଧା ଓ ଶୁଭେଚ୍ଛା, ଯାହାକି ମୋର ପରବର୍ତ୍ତୀ ଜୀବନରେ ମର୍ମେ ମର୍ମେ ଉପଲବ୍ଧି କରିଅଛି। ସାଷ୍ଟାଙ୍ଗ ପ୍ରଣାମ ଜଣାଇଲି। ସେ ମୋ ମଥାରେ ହାତରଖି ଆଶୀର୍ବାଦ କଲେ ଓ କେବଳ ଗୋଟିଏ କଥା କହିଲେ, "ବାଡିତେ ଛବି ଆଙ୍କବେ"। ମୋର କଣ୍ଠ ରୁଦ୍ଧ ହୋଇ ଆସିଥିଲା।

ରିକ୍ସା ଧରି ବୋଲପୁର ଅଭିମୁଖେ ଆଗେଇଲି। ରିକ୍ସାରେ ବସି ପଛକୁ ଶାନ୍ତିନିକେତନ ଆଶ୍ରମ ଆଡକୁ ଅନାଇଥାଏ, ଆଶ୍ରମ ଅଦୃଶ୍ୟ ହେବା ପର୍ଯ୍ୟନ୍ତ। ଆଶ୍ରମ ଦୃଷ୍ଟିର ଅନ୍ତରାଳରେ ରହିଗଲା, ଛାତ୍ର ଜୀବନ ଶେଷ ହେଲା। ଓଡିଶା ଫେରିଲି।

ଦିନ ପରେ ଦିନ ଗଡିଗଲା। ଶାନ୍ତିନିକେତନ ଜୀବନ ପରେ ଚାକିରି ପ୍ରତି ସେତେ ଉଚ୍ଚଧାରଣା ନଥିଲେ ମଧ୍ୟ ସରକାରୀ ଚାକିରିକୁ ଦୃଢ଼ ରୂପେ ଗ୍ରହଣ କଲି। ଯେଉଁ ବିଦାୟକାଳୀନ ସଭାରେ ଦାମ୍ପତ୍ୟ ଜୀବନର ଭୟଙ୍କରିତା ସମ୍ପର୍କରେ ଭୀତତ୍ରସ୍ତ ଥିଲି ସେ ଜୀବନକୁ ସାଦରେ ଗ୍ରହଣ କରି ପାରିବାରିକ ଜୀବନ କଟାଇଲି। ସରକାରୀ ଚାକିରି ତଥା ପାରିବାରିକ ଜୀବନର ସୁଖ ଦୁଃଖ ଝଡ ଝଞ୍ଜା ଭିତରେ ଦୀର୍ଘ ବର୍ଷ ମଧ୍ୟରେ ନିଜର ମନ ଓ ଛାତିକୁ ପଥର କରିସାରିଲିଣି, କିନ୍ତୁ ଏତିକି ମାତ୍ର ସୌଭାଗ୍ୟର ବିଷୟ ଯେ ମାଷ୍ଟ୍ର ମଶାୟ ସେଇ ବିଦାୟକାଳୀନ ମୁହୂର୍ତ୍ତରେ ଯେଉଁ ଶେଷ କଥାଟି କହିଥିଲେ - "ବାଡିତେ ଛବି ଆଙ୍କବେ", ତାହା ଯଥାର୍ଥରେ ଥିଲା ତାଙ୍କର ଆଶୀର୍ବାଦ। ସେଥିରେ ଏପର୍ଯ୍ୟନ୍ତ ବାଧା ସୃଷ୍ଟି ହୋଇ ନାହିଁ। ଛବି ଆଙ୍କିବାର ପରିବେଶ ଓ ସୁଯୋଗ ପାଇଲି। ମୋର ଏ ଯେଉଁ ବୃତ୍ତି ଏବଂ ଯେଉଁ ପତ୍ନୀ ଉଭୟେ ମୋ ତୂଳୀ ତଥା ଲେଖନୀ ଚାଳନାରେ କେବେ ହେଲେ ବାଧା ସୃଷ୍ଟି କରିନାହାନ୍ତି। ବୃତ୍ତି ଓ ପତ୍ନୀ ଏ ଦୁହେଁ ବରଂ ମୋର ଶିଳ୍ପୀ ଜୀବନରେ ପ୍ରେରଣାର ଉତ୍ସ ହୋଇ ରହିଲେ।

ଶାନ୍ତିନିକେତନର ବହୁ ଛୋଟ ବଡ ଓ କୌତୂହଳପୂର୍ଣ୍ଣ କାହାଣୀ ସବୁ ମୋ ପରିବାର ଭିତରେ ଆଳାପ ଆଲୋଚନା ମାଧ୍ୟମରେ ମୁଁ ବର୍ଣ୍ଣନା କରିଥାଏ । ବହୁ ସମୟରେ ମୋ ଧର୍ମପତ୍ନୀକୁ କହେ ଯେ କଳାର ପୀଠ ତଥା କଳାକାରର ତୀର୍ଥସ୍ଥାନ ଶାନ୍ତିନିକେତନକୁ ତୁମକୁ ଥରେ ବୁଲାଇ ନେବି, ଏବଂ ମାଷ୍ଟ୍ର ମଶାୟ ଆଜି ନଥିଲେ ମଧ୍ୟ ତାଙ୍କ ବାସ ଭବନକୁ ଯିବା ଏବଂ ସେଠାରେ ଅନ୍ତତଃ ସେହି ମହାନ ଆତ୍ମାପ୍ରତି ପ୍ରଣତି ଜଣାଇ ଆସିବା । ୧୯୮୩ ମସିହାରେ ଥରେ ଶାନ୍ତିନିକେତନ ଯିବାର ସୁଯୋଗ ମିଳିଲା । ସେତିକି ବେଳେ ଆମେ ସ୍ୱାମୀ ସ୍ତ୍ରୀ ଉଭୟେ ଏହି ତୀର୍ଥ ସୁଯୋଗ ପାଇଲୁ । ଶାନ୍ତିନିକେତନରେ ମୋର ଅନ୍ତରଙ୍ଗ ବନ୍ଧୁ ସେଲିମ ମୁନ୍‌ସି କଳାଭବନର ଅଧ୍ୟାପକ ଥିଲେ । ବନ୍ଧୁ ମୁନ୍‌ସି ଓ ତାଙ୍କ ସ୍ତ୍ରୀ ଉଭୟେ ଅତି ବନ୍ଧୁସ୍ନେହୀ ଅଟନ୍ତି । ଆମ୍ଭେ ଯାଇ ସେହି ବନ୍ଧୁଙ୍କ ଘରେ ରହିଲୁ । ତା' ପରଦିନ ମୁଁ ଓ ମୋ ସ୍ତ୍ରୀ ଉଭୟେ ମାଷ୍ଟ୍ର ମଶାୟଙ୍କ ବାସ ଭବନରେ ଯାଇ ପହଞ୍ଚିଲୁ । ଆଜି ସେହି ମହାନ ପୁରୁଷ ନାହାନ୍ତି । ତାଙ୍କର ଅନୁପସ୍ଥିତିରେ ବାସଭବନଟି ଠିକ ଦେବତା ଶୂନ୍ୟ ଭଳି ମନେ ହେଲା । ଯେଉଁ ଷ୍ଟୁଡିଓଟିରେ ସେ ସର୍ବଦା ସାଧନାରତ ଥାନ୍ତି ଆଜି ତାହା ଶ୍ରୀହୀନ । ମାଷ୍ଟ୍ର ମଶାୟଙ୍କ ପୁତ୍ର ବିଶ୍ୱରୂପ ବୋଷ ଯେ କି ମୋର ଶିକ୍ଷକ ଥିଲେ, ସେ ଏବଂ ତାଙ୍କ ସ୍ତ୍ରୀ (ବୁବୁଦି) ଉଭୟଙ୍କୁ ସାକ୍ଷାତ କଲୁ । ସେ ଅତ୍ୟନ୍ତ ଆନନ୍ଦର ସହିତ "ଦୁର୍ଗା ବୋହୂକେ ନିଏ ଏସେଛେ" କହି ତାଙ୍କ ବାସଭବନକୁ ଡାକି ନେଲେ । ଗୃହ ଭିତରର ପ୍ରଥମ କୋଠରିରେ ମାଷ୍ଟ୍ର ମଶାୟଙ୍କ ବିଛଣାଟି ପୂର୍ବ ଭଳି ସୁସଜ୍ଜିତ ହୋଇ ରହିଥିଲା, ବିଛଣା ଉପରେ ଥିଲା କେତୋଟି ଧଳାଫୁଲ । ସେହି ବିଛଣା ନିକଟରେ ମୁଁ ଓ ମୋ ସ୍ତ୍ରୀ ଉଭୟେ ମହାନ ଶିଳ୍ପୀ ନନ୍ଦଲାଲଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଓ ପ୍ରଣତି ଜଣାଇଲୁ । ତା' ପରେ ଗୃହ ଭିତରେ ଚଉତରା ନିକଟକୁ ଯାଇ ସେଠାରେ ମାଷ୍ଟ୍ର ମଶାୟଙ୍କ ପ୍ରତିକୃତି ପାଖରେ ପ୍ରଣାମ ଜଣାଇ ଆସନ ଗ୍ରହଣ କଲୁ । ବିଶୁଦା ଓ ତାଙ୍କ ସ୍ତ୍ରୀ ଉଭୟେ କହିଲେ ଯେ, ଯାହା ହେଉ ବହୁଦିନ ପରେ ବୋହୁକେ ନିଏ ଏସେଛ । ଭାବ ବିହ୍ୱଳିତ ହୋଇ ଉତ୍ତରରେ କହିଲି ଯେ, ସ୍ୱାମୀ ସ୍ତ୍ରୀ ଉଭୟେ ତୀର୍ଥକୁ ଗଲେ ପୁଣ୍ୟ ହୁଏ । ଶାନ୍ତିନିକେତନ ହିଁ ମୋର ତୀର୍ଥସ୍ଥାନ ଏବଂ ମାଷ୍ଟ୍ର ମଶାୟଙ୍କ ଏହି ବାସ ଭବନ ହିଁ ଦେବ ମନ୍ଦିର । ଦୀର୍ଘ ସମୟ ଧରି ବହୁ ବିଷୟ ଆଲୋଚନା ହେଲା । ମନ ଖୋଲା ଆଳାପ ଆଲୋଚନା ଭିତରେ ବିଶୁଦା କଥା ପ୍ରସଙ୍ଗରେ ପ୍ରକାଶ କଲେ ଯେ ଆଜିକାଲି ଧୀରେ ଧୀରେ ଛାତ୍ର ଓ ଶିକ୍ଷକଙ୍କ ଭିତରେ ସୁସମ୍ପର୍କର ଅବନତି ଘଟୁଥିବାର ଦେଖାଯାଉଛି । ମାଷ୍ଟ୍ର ମଶାୟ ପ୍ରତ୍ୟେକ ଦେଶ ଓ ପ୍ରଦେଶର ପିଲା କଳା ଭବନରେ ପଢ଼ିବାପାଇଁ ସମାନ ସୁଯୋଗ ପାଇବା ଚାହୁଁଥିଲେ । ତାଙ୍କ ଭିତରେ ଆଞ୍ଚଳିକ ଭାବ ନଥିଲା, କିନ୍ତୁ ଆଜି ସର୍ବତ୍ର ଆଞ୍ଚଳିକ ସଂକୀର୍ଣ୍ଣତା ମୁଣ୍ଡ ଟେକିଛି । ତୃତୀୟରେ ମାଷ୍ଟ୍ର ମଶାୟ ତାଙ୍କ

ଜୀବନସାରା କେତେବେଳେ ଅର୍ଥ ପାଇଁ ବ୍ୟାକୁଳ ନଥିଲେ। ଅର୍ଥ ପାଇଁ ବ୍ୟାକୁଳ ଥିଲେ ସେ କୋଟିପତି ହୋଇ ପାରିଥାନ୍ତେ। କିନ୍ତୁ ଆଜି ଅଧିକାଂଶ ଶିଳ୍ପୀ ତାଙ୍କର କଳା ସୃଷ୍ଟିରେ ଅର୍ଥ ଲାଭକୁ ମୁଖ୍ୟ ମଣୁଛନ୍ତି। ବାସ୍ତବରେ ମାଷ୍ଟ୍ର ମଶାୟ ଯେ କେବଳ ଉତ୍ତମ ଶିକ୍ଷକ ଥିଲେ ତା' ନୁହେଁ, ସେ ଅତ୍ୟନ୍ତ ଛାତ୍ରବତ୍ସଳ ଥିଲେ ଏବଂ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଥିଲା ତାଙ୍କର ମହତ ଗୁଣ। ତାଙ୍କ ଦୀର୍ଘ ଜୀବନର ସାଧନା ମଧ୍ୟରେ ସେ ଚାହିଁଥିଲେ ବହୁ ଅର୍ଥର ଅଧିକାରୀ ହୋଇପାରିଥାନ୍ତେ, କିନ୍ତୁ ତାଙ୍କ ଜୀବନର ଲକ୍ଷ୍ୟ ଓ ଆଦର୍ଶ ଥିଲା ଭିନ୍ନ।

ବଡ ସୌଭାଗ୍ୟର ବିଷୟ ଯେ ଠିକ ଏହି ସମୟରେ ନବନିର୍ମିତ 'ନନ୍ଦନ'ରେ ମାଷ୍ଟ୍ର ମଶାୟଙ୍କ ଚିତ୍ର ସମୂହର ଗୋଟିଏ ପ୍ରଦର୍ଶନୀ ଚାଲିଥାଏ। ଏହି ପ୍ରଦର୍ଶନୀଟି ଦେଖିବାର ସୁଯୋଗ ପାଇ ଆମେ ଉଭୟେ ନିଜକୁ ଧନ୍ୟ ମନେକଲୁ। ଶାନ୍ତିନିକେତନର ପରିବେଶ, ନନ୍ଦଲାଲଙ୍କ ପରିବାରରେ ଆତିଥ୍ୟ ଓ ଆଲୋଚନା ଏବଂ ମାଷ୍ଟ୍ର ମଶାୟଙ୍କର ଚିତ୍ର ପ୍ରଦର୍ଶନୀ ଆଦି ମୋ ସ୍ତ୍ରୀଙ୍କୁ ଅତ୍ୟନ୍ତ ମୁଗ୍ଧ କରିଥିଲା। ସେ ଏହାକୁ ଏକ ମର୍ତ୍ତ୍ୟପୁରର ସ୍ୱର୍ଗ ବୋଲି ପ୍ରକାଶ କରିଥିବାରୁ ଆମର ଏହି ତୀର୍ଥ ଭ୍ରମଣ ସଫଳ ହୋଇଛି ଭାବି ନିଜକୁ ଧନ୍ୟ ମନେ କଲି। ତା' ପରେ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କଲୁ।

୧୮୮୨ ମସିହାରେ ଶିଳ୍ପୀ ନନ୍ଦଲାଲଙ୍କ ଜନ୍ମ ଏବଂ ୧୯୬୬ରେ ତିରୋଧାନ। ଏକଶହ ବର୍ଷ ପୂର୍ବରୁ ଭାରତରେ ଚିତ୍ରକଳାର ଧାରା ଯାହା ଥିଲା ଏବଂ ଅର୍ଦ୍ଧ-ଶତାବ୍ଦୀରୁ ଊର୍ଦ୍ଧ୍ୱ ଏହି ମହାନ ଶିଳ୍ପୀଙ୍କର ନିଷ୍ଠାପର ସାଧନା ଭାରତୀୟ କଳାଜଗତର ନୂତନ ଦିଗ୍‌ଦର୍ଶନରେ ଯେଉଁ ଭଳି ସହାୟକ ହୋଇଥିଲା, ସେଥିପାଇଁ ସେହି ମହାନ ସାଧକଙ୍କୁ ଯୁଗସ୍ରଷ୍ଟା ବ୍ୟତୀତ ଆଉ କଣ ବା ଆଖ୍ୟା ଦିଆଯାଇପାରେ ? ସେ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ମହାନ ଅନୁଷ୍ଠାନ। ଭାରତୀୟ କଳାର ବିସ୍ତୃତିକରଣ ଦିଗରେ ସେ ଥିଲେ ବାସ୍ତବରେ ଏକ ହିମାଳୟ।

ସୀମିତ ଜୀବଦ୍ଦଶା ଭିତରେ ସେ ଯେଉଁ ଅନୁଷ୍ଠାନ ପ୍ରତିଷ୍ଠା କରି ପାରିଥିଲେ ତାହା ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ଭାରତୀୟ କଳାର ସ୍ରୋତକୁ ଦେଶ ବିଦେଶରେ ପ୍ରବାହିତ କରି ପାରିଥିଲା। ଶିଳ୍ପୀ ନନ୍ଦଲାଲଙ୍କ ସାଧନା, ଯଶ, ଖ୍ୟାତି ଓ ମହାନୁଭବତା କଳାଜଗତର ଇତିହାସରେ ଯେ ସ୍ୱର୍ଣ୍ଣାକ୍ଷରରେ ଚିରଦିନ ଜାଜ୍ଜ୍ୱଲ୍ୟମାନ ହୋଇ ରହିବ, ତହିଁରେ କୌଣସି ସନ୍ଦେହ ନାହିଁ। ●●●

ଦୁର୍ଗାପ୍ରସାଦ ଦାସଙ୍କ କଳାକୃତି



*ମହାଶ୍ୱେତା*

୧୯୭୨

ମାସିଅନେଟ୍ ବୋର୍ଡ଼ରେ
ଟେମ୍ପରା ଚିତ୍ର




*ଲାଇଟ୍ ଅଫ୍ ନଲେଜ୍*

୧୯୭୬

ନେପାଳୀ କାଗଜରେ
ଟେମ୍ପରା ଚିତ୍ର



*ପାଷ୍ଟୋରାଲ୍ ରିଦିମ୍*
୧୯୯୫
ରେଶମ କପଡ଼ାରେ
ଟେମ୍ପରା ଚିତ୍ର



*ରିଫ୍ୟୁଜାଲ୍*
୧୯୯୦
ରେଶମ କପଡ଼ାରେ
ଟେମ୍ପେରା ଚିତ୍ର



*ପପେଟ୍ରି*

୧୯୯୨

ରେଶମ କପଡ଼ାରେ
ଟେମ୍ପେରା ଚିତ୍ର



ରିଟର୍ଣ୍ଣ

୧୯୮୨

କଣ୍ଟିଆ କପଡ଼ାରେ
ଟେମ୍ପରା ଚିତ୍ର



*ଲଙ୍ଗ୍ ଆଫ୍ଟର୍*
୨୦୦୧
କପଡ଼ାରେ ଟେମ୍ପେରା ଚିତ୍ର



*ଦି ଟ୍ରାଡିସନାଲ ଅନର୍*
୧୯୭୫
ନେପାଳୀ କପଡ଼ାରେ ଟେମ୍ପରା ଚିତ୍ର



*ଡ଼ଟର୍ 'ସ ଡିପାର୍ଚର୍*
୧୯୭୯
ରେଶମ କପଡ଼ାରେ
ଟେମ୍ପରା ଚିତ୍ର




ବେସିକ୍ ଟ୍ରେନିଙ୍ଗ୍
୧୯୭୯
କଣ୍ଟିଆ କପଡ଼ାରେ
ଟେମ୍ପେରା ଚିତ୍ର



ଦ ଫୋକ୍‌ଲୋର୍
୧୯୭୭
ରେଶମ କପଡ଼ାରେ
ଟେମ୍ପରା ଚିତ୍ର



ଡିଟେଲସ୍



ସ୍କ୍ରୋଲ୍


*ଓମାର ଖୟାମ୍*

୧୯୬୦

ନେପାଳୀ କପଡ଼ାରେ
ଟେମ୍ପରା ଚିତ୍ର



*ୟୁନିଭର୍ସାଲ୍ ଟୁର୍*
୧୯୯୦
ରେଶମ କପଡ଼ାରେ
ଜଳରଙ୍ଗ ଛବି



*ଡେଷ୍ଟ୍ରକସନ୍ ଅଫ୍*
*ଡେଭିଲ୍ ସ୍ପିରିଟ୍*
୧୯୭୭
କପଡ଼ାରେ
ଟେମ୍ପରା ଚିତ୍ର




*ଆପେଁକ୍ସନ୍*
୧୯୭୯
କଣ୍ଟିଆ କପଡ଼ାରେ
ଟେମ୍ପେରା ଚିତ୍ର



ଗ୍ରୀନଲେସ୍ ଓ୍ୱାର୍ଲ୍ଡ
୧୯୯୬
ରେଶମ କପଡ଼ାରେ
ଜଳରଙ୍ଗ ଚିତ୍ର



ଟଏଲେଟ୍
୧୯୯୩
ରେଶମ କପଡ଼ାରେ
ଜଳରଙ୍ଗ ଚିତ୍ର



*ଟୁଆର୍ଡସ୍ ଭିଲେଜ୍*
୧୯୮୮
କପଡ଼ାରେ ଟେମ୍ପେରା ଚିତ୍ର



*ଲଙ୍ଗ୍ ଆଫ୍ଟର୍*
୧୯୮୩
ମାସନେଟ ବୋର୍ଡ଼ରେ
ଜଳରଙ୍ଗ ଚିତ୍ର



*ମହିଷମର୍ଦ୍ଦିନୀ*
୧୯୭୬
କପଡ଼ାରେ ଟେମ୍ପରା ଚିତ୍ର



*ମ୍ୟାରେଜ୍ ପ୍ରସେସନ୍*
୧୯୭୯
ରେଶମ କପଡ଼ାରେ
ଟେମ୍ପରା ଚିତ୍ର



*ସିଜନାଲ୍ ପ୍ରଫେସନ୍*
୧୯୮୧
ରେଶମ କପଡ଼ାରେ ଟେମ୍ପେରା ଚିତ୍ର



*ଓଲ୍ଡ କମ୍ରେଡସ୍*
୧୯୯୨
କପଡ଼ାରେ ଟେମ୍ପେରା ଚିତ୍ର



*ଗୋଟ୍ କପଲ୍*

୧୯୮୧

ଚାଇନିଜ୍ ରଙ୍ଗରେ କଳାଚିତ୍ର



*ହୋମ୍‌ୱାର୍ଡ୍‌ସ୍- ୧*

୧୯୮୨

ରେଶମ କପଡ଼ାରେ ଜଳରଙ୍ଗ ଚିତ୍ର

୧୯୩୮ ମସିହାରେ ଓଡ଼ିଶାର ମଧ୍ୟଖଣ୍ଡରେ **ଦୁର୍ଗାପ୍ରସାଦ ଦାସ**ଙ୍କ ଜନ୍ମ। ସେ ୧୯୫୬-୬୧ ପର୍ଯ୍ୟନ୍ତ ବିଶ୍ୱଭାରତୀରୁ ଚୀନା ଏବଂ ଭାରତୀୟ ଚିତ୍ରକଳା ବିଷୟରେ ଶିକ୍ଷା ଲାଭ କରିଥିଲେ। ଏହା ପରେ ସେ ୧୯୬୫ରେ ଏନ୍.ଆଇ.ସି.ଡ଼ି., ଡ଼େରାଡୁନରୁ ଏବଂ ୧୯୭୧ରେ ଅଟମ୍ ସ୍କୁଲ, ମୁମ୍ବାଇରୁ ଅଧିକ ଶିକ୍ଷାଲାଭ କରିଥିଲେ। ସେ ବିଶ୍ୱଭାରତୀରେ ପଢୁଥିବା ସମୟରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାମକିଂକର ବେଜ୍ ଓ ବିନୋଦ ବିହାରୀ ମୁଖାର୍ଜୀଙ୍କ ତତ୍ତ୍ୱାବଧାନରେ ଶିକ୍ଷାଲାଭ କରିବାର ଅପୂର୍ବ ସୁଯୋଗ ପାଇଥିଲେ।

ଖଲ୍ଲିକୋଟ ସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ସେ ଜଣେ ଅଧ୍ୟାପକ ଭାବେ ନିଯୁକ୍ତ ହୋଇ ୧୯୯୭ ମସିହାରେ ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କଲେ। ସେ ୨୦୦୯ ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଓଡ଼ିଶା ଲଳିତ କଳା ଏକାଡ଼େମୀର ଅଧ୍ୟକ୍ଷ ଥିଲେ। କଳାକ୍ଷେତ୍ରରେ ତାଙ୍କର ଉତ୍କର୍ଷତା ନିମନ୍ତେ ତାଙ୍କୁ ୨୦୧୨ ମସିହାରେ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଓଡ଼ିଶା ତରଫରୁ ଡ଼ି.ଲିଟ୍ ଉପାଧିରେ ଭୂଷିତ କରାଯାଇଥିଲା।

ଦୁର୍ଗାପ୍ରସାଦ ନିରବଚ୍ଛିନ୍ନ ଭାବେ ନୂଆଦିଲ୍ଲୀସ୍ଥିତ ଲଳିତ କଳା ଏକାଡ଼େମୀ ସହିତ ଅନ୍ୟ ବହୁ ଜାତୀୟ କଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରୁଥିଲେ। ଏକାଡ଼େମୀ ଅଫ୍ ଫାଇନ୍ ଆର୍ଟ, କୋଲ୍‌କାତା ଏବଂ ଜାହାଙ୍ଗୀର ଆର୍ଟ ଗ୍ୟାଲେରୀ, ମୁମ୍ବାଇରେ ତାଙ୍କର ଏକାଧିକ ଏକକ ଚିତ୍ର କଳା ପ୍ରଦର୍ଶନୀ ଆୟୋଜିତ ହୋଇଛି। ୧୯୮୬ରେ ଫ୍ରାଙ୍କ୍‌ଫର୍ଟ ପୁସ୍ତକ ମେଳାରେ ମଧ୍ୟ ତାଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା।

ଏକାଡେମୀ ଅଫ୍ ଫାଇନ୍ ଆର୍ଟସ୍, କୋଲକାତା, ଆନ୍ଧ୍ରପ୍ରଦେଶ ରାଜ୍ୟ ଲଳିତ କଳା ଏକାଡ଼େମୀ, ଓଡ଼ିଶା ରାଜ୍ୟ ଲଳିତ କଳା ଏକାଡ଼େମୀ, ଓଡ଼ିଶା ସାଂସ୍କୃତିକ ବିକାଶ ନିଗମ, ତାମିଲନାଡୁ ରାଜ୍ୟ ଲଳିତ କଳା ଏକାଡ଼େମୀ, ନୂଆଦିଲ୍ଲୀର ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର, ରଙ୍ଗପୁର ଚାରୁ କାରୁକଳା ଗୋଷ୍ଠୀ, ଆସାମ, ରାଜ୍ୟପାଳ ଭବନ, ଓଡ଼ିଶା, ଓଡ଼ିଶ ରାଜ୍ୟ ଅର୍ଥ ନିଗମ, ଭୁବନେଶ୍ୱର, ଅଖିଳ ଭାରତ ଚାରୁ ଓ କାରୁକଳା ସୋସାଇଟି, ନୂଆଦିଲ୍ଲୀ ତଥା ଏକାଧିକ ଘରୋଇ କଳା ସଂଗ୍ରହକାରୀଙ୍କ କଳା ସଂଗ୍ରହ ମଧ୍ୟରେ ଦୁର୍ଗାପ୍ରସାଦ ଦାସଙ୍କ କଳାକୃତି ସଂଗୃହୀତ ହୋଇ ରହିଛି।

ଜଣେ ଜ୍ଞାନଶୀଳ ବ୍ୟକ୍ତି (ରିସୋର୍ସ ପର୍ସନ) ରୂପେ ଓଡ଼ିଶା ଲଳିତ କଳା ଏକାଡ଼େମୀ ପକ୍ଷରୁ ୧୯୭୪ରେ ଆୟୋଜିତ ଫ୍ରେସ୍କୋ ପ୍ରଶିକ୍ଷଣ ଶିବିରରେ ଯୋଗଦେବା ସହ ଅଖିଳ ଭାରତ ଶିଳ୍ପୀ ଶିବିର, ଓଡ଼ିଶା ଲଳିତ କଳା ଏକାଡ଼େମୀ (୧୯୮୧), ଶିବ ସାଗର ଶିଳ୍ପୀ ଶିବିର (୧୯୯୩), ଅଖିଳ ଭାରତ ଶିଳ୍ପୀ ଶିବିର, ଆଇଫାକ୍ସ, ନୂଆଦିଲ୍ଲୀ (୨୦୦୧) ଓ ଚିତ୍ରକଳା ଶିବିର, ଭୋପାଳ (୨୦୧୦) ଭଳି ଏକାଧିକ ଜାତୀୟ ଓ ରାଜ୍ୟ ସ୍ତରୀୟ କଳା ଶିବିରରେ ସେ ଯୋଗଦେଇଛନ୍ତି।

ୟୁରୋବୁକ୍, ଲଣ୍ଡନ ପକ୍ଷରୁ ୧୯୮୭ରେ ପ୍ରକାଶିତ 'ଇଣ୍ଡିଆନ୍ ମାଇଥୋଲଜି' ପୁସ୍ତକରେ ଦୁର୍ଗାପ୍ରସାଦଙ୍କ ଚିତ୍ରକଳା ଓ ଡ୍ରଇଂ ସ୍ଥାନୀତ ହୋଇଛି। ଶିଳ୍ପକଳା ବିଷୟବସ୍ତୁ ଉପରେ ଅଧାରିତ ତାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ 'କଳା ଓ କଳ୍ପନା' ପ୍ରକାଶିତ ହୋଇଛି। ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଶଙ୍କର ଦୟାଲ ଶର୍ମା, ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଡ଼କ୍ଟର ବି.ଏନ୍.ପାଣ୍ଡେ ଓ ଏମ୍. ଚନ୍ଦ୍ରକାନ୍ତ ଭଣ୍ଡାରେ ତଥା ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଭଳି ଏକାଧିକ ମାନ୍ୟଗଣ ବ୍ୟକ୍ତିମାନଙ୍କଠାରୁ ସେ ଏକାଧିକ ପୁରସ୍କାର, ସମ୍ମାନ ଓ ପ୍ରଶସ୍ତି ଲାଭ କରିଛନ୍ତି।

ସଂପ୍ରତି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ପଞ୍ଚସଖା ନଗର ଠାରେ ଦୁର୍ଗାପ୍ରସାଦ ତାଙ୍କ ପରିବାର ସହ ଅବସ୍ଥାନ କରୁଛନ୍ତି।

It's Easy to Love Art

**ILA PANDA CENTRE FOR ARTS**
A/180, 'Kanchan', Sahid Nagar
Bhubaneshwar 751007, Odisha, INDIA
Email: ilapandacentreforarts@gmail.com
www.ilapandacentreforarts.com

IPCA Art Book Series-9

9 788195 257805